

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୩ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-୮ ■ Baleshwar ♦ FRIDAY 23 October 2026

Vol.No. 36 ■ No.276 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି ପୂଜାସଂଖ୍ୟା ସାଗରିକା

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...



ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


ମୋଦୀଙ୍କୁ ନେତନ୍ୟାହୁଙ୍କ ଫୋନ୍: ଇସ୍ରାଏଲ୍‌ର ସ୍ୱାଧୀନତା ଦିବସରେ ଜଣେ ସାହସୀ ଭାରତୀୟ ପାଇଲଟ୍‌ଙ୍କ ସହ ମଶାଲ୍ ପ୍ରଜ୍ୱଳନ

ନୂଆଦିଲ୍ଲୀ,୨୨/୧୦ : ଇସ୍ରାଏଲ୍‌ର ସ୍ୱାଧୀନତା ଦିବସରେ ଯୋଗ ଦେବାକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରିଛନ୍ତି ଇସ୍ରାଏଲ୍‌ର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ । ଏଥିସହ ଫ୍ଲାଏଦୁବାଇର ସାହସୀ ପାଇଲଟ୍ କ୍ୟାପ୍ଟେନ୍ ସ୍ମିତ ମଚ୍ଛାରଙ୍କୁ ମଧ୍ୟ ଏହି ଉତ୍ସବରେ ଯୋଗଦେବାକୁ ନିମନ୍ତ୍ରଣ ଦିଆଯାଇଛି । ଉଭୟେ ଏକାଠି ମଶାଲ୍ ପ୍ରଜ୍ୱଳନ କରିବାକୁ ନେତନ୍ୟାହୁ ଆମନ୍ତ୍ରଣ କରିଥିବା ଜଣାପଡ଼ିଛି । ତେବେ ଇସ୍ରାଏଲ୍ ଗସ୍ତ ନେଇ ଭାରତ ସରକାରଙ୍କ ପକ୍ଷରୁ ଏଯାଏଁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ । ଇସ୍ରାଏଲ୍‌ର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ସୋସିଆଲ୍ ମିଡିଆ 'ଏକ୍ସ'ରେ ଏକ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ନିଜ ବନ୍ଧୁ ତଥା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଫୋନ୍‌ରେ କଥା



ହୋଇଛନ୍ତି । ଇସ୍ରାଏଲ୍‌ର ସ୍ୱାଧୀନତା ଦିବସରେ ଜଣେ ସାହସୀ ଭାରତୀୟ ପାଇଲଟ୍‌ଙ୍କ ସହ ମଶାଲ୍ ପ୍ରଜ୍ୱଳନ କରିବାକୁ ସେ ମୋଦୀଙ୍କୁ ନିମନ୍ତ୍ରଣ କରିଛନ୍ତି । ନେତନ୍ୟାହୁଙ୍କ ଅନୁସାରେ, ନିମନ୍ତ୍ରଣ ପାଇଁ ମୋଦୀ ତାଙ୍କୁ ଧନ୍ୟବାଦ ଜଣାଇବା ସହ ଆତଙ୍କବାଦ ବିରୋଧରେ ଭାରତ ଓ ଇସ୍ରାଏଲ୍ ମିଳିତ ଭାବେ ଲଢୁଥିବା କହିଥିଲେ । ଏହା ସହ ଦୁଇ ଦେଶ ମଧ୍ୟରେ ରହିଥିବା ଦୀର୍ଘ ବର୍ଷର ଦୃଢ଼ ସମ୍ପର୍କକୁ ମଧ୍ୟ ମୋଦୀ ପ୍ରଶଂସା କରିଥିବା ନେତନ୍ୟାହୁ ଉଲ୍ଲେଖ କରିଛନ୍ତି । ଇସ୍ରାଏଲ୍ ପ୍ରତିବର୍ଷ ମେ' ୧୪ ତାରିଖରେ ନିଜର ସ୍ୱାଧୀନତା ଦିବସ ପାଳନ କରେ। ଏହି ଅବସରରେ ମଶାଲ୍ ପ୍ରଜ୍ୱଳନ ସମାରୋହରେ ଭାରତୀୟ ପାଇଲଟ୍‌ଙ୍କୁ ସାମିଲ କରିବା ପାଇଁ ନିମନ୍ତ୍ରଣ ଦେବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । କ୍ୟାପ୍ଟେନ୍ ସ୍ମିତ ମଚ୍ଛାର ନିଜର ସାହସିକତା ପାଇଁ ଚର୍ଚ୍ଚାକୁ ଆସିଛନ୍ତି। ଦିଆଯାଇଥିବା ରିପୋର୍ଟ ଅନୁସାରେ, ୨୦୨୬ ସେପ୍ଟେମ୍ବର ୩୦ ତାରିଖରେ ଦୁବାଇରୁ ତେଲ୍ ଆଭିଭ୍ ଯାଉଥିବା ଫ୍ଲାଏଦୁବାଇର ଋତ୧୦୭୩ ବିମାନରେ ଏକ ଗୁରୁତର ଘଟଣା ଘଟିଥିଲା । ବିମାନର ଜଣେ ସହ-ପାଇଲଟ୍ କ୍ୟାପ୍ଟେନ୍ ସ୍ମିତ ମଚ୍ଛାରଙ୍କୁ କୁରାଡ଼ିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା । ଆକ୍ରମଣରେ ଗୁରୁତର ଆହତ ହେବା ସତ୍ତ୍ୱେ କ୍ୟାପ୍ଟେନ୍ ସ୍ମିତ ବିମାନ ଉପରୁ ନିୟନ୍ତ୍ରଣ ହରାଇ ନଥିଲେ। ସେ କକ୍‌ପିଟ୍‌ର ଦ୍ୱାର ଖୋଲି ଯାତ୍ରୀ ଓ କ୍ୟାବିନ୍ କ୍ରୁଙ୍କୁ ସହାୟତା ପାଇଁ ଡାକିଥିଲେ । ଏହାପରେ ଯାତ୍ରୀମାନେ ଆକ୍ରମଣକାରୀ ସହ-ପାଇଲଟ୍‌ଙ୍କୁ କାବୁ କରିଥିଲେ । ପରେ ରିଜର୍ଭ ପାଇଲଟ୍ ବିମାନଟିକୁ ସାଉଦି ଆରବର ତାବୁକ୍‌ରେ ଜରୁରୀ ଅବତରଣ କରାଇଥିଲେ । ଏହି ଘଟଣାରେ ସଙ୍କଟ ସମୟରେ ନିଜର ଧୈର୍ଯ୍ୟ ଓ ସାହସ ପ୍ରଦର୍ଶନ କରିଥିବା କ୍ୟାପ୍ଟେନ୍ ସ୍ମିତ ମଚ୍ଛାରଙ୍କୁ ଇସ୍ରାଏଲ୍‌ର ସ୍ୱାଧୀନତା ଦିବସ ସମାରୋହରେ ସାମିଲ କରିବା ପାଇଁ ନିମନ୍ତ୍ରଣ ଦିଆଯାଇଛି ।

ଆସନ୍ତା ୩୦ ବର୍ଷ କଂଗ୍ରେସ ପାଇଁ କ୍ଷମତା ସ୍ୱପ୍ନ: ଅମିତ ଶାହ



ନୂଆଦିଲ୍ଲୀ,୨୨/୧୦ : ଆସନ୍ତା ୩୦ ବର୍ଷ ପର୍ଯ୍ୟନ୍ତ କଂଗ୍ରେସ କ୍ଷମତାକୁ ଫେରିପାରିବ ନାହିଁ । କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କୁ ଏଭଳି ଢଙ୍ଗରେ ଟାର୍ଗେଟ୍ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ବିରୋଧ ପ୍ରଦର୍ଶନ ଓ ପ୍ରତିବାଦ ବଦଳରେ ଜନକଲ୍ୟାଣ କାର୍ଯ୍ୟ ଉପରେ ଧ୍ୟାନ ଦେବାକୁ ସେ ବିରୋଧୀ ଦଳଗୁଡ଼ିକୁ ପରାମର୍ଶ ଦେଇଛନ୍ତି । ଦିଲ୍ଲୀରେ ଦିଲ୍ଲୀ ଜଳ ବୋର୍ଡର ୮,୯୪୧ କୋଟି ଟଙ୍କା ମୂଲ୍ୟର ୩୩ଟି ପ୍ରକଳ୍ପର ଶୁଭାରମ୍ଭ ଓ ଉଦ୍‌ଘାଟନ ◆◆ପୃଷ୍ଠା ୭

ଜଳେଶ୍ୱରରେ ଚାଞ୍ଚଲ୍ୟ: ୫ ଦିନ ଧରି ନିଖୋଜ ନାବାଳିକାଙ୍କ ମୃତଦେହ ଜଙ୍ଗଲରୁ ଉଦ୍ଧାର

ଜଳେଶ୍ୱର, ୨୨/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରୁ ଆସିଛି ଏକ ଚାଞ୍ଚଲ୍ୟକର ଖବର । ଜଙ୍ଗଲରୁ ଜଣେ ନାବାଳିକାଙ୍କ ମୃତଦେହ ଉଦ୍ଧାରକୁ ନେଇ ସାରା ଅଞ୍ଚଳରେ ଖେଳିଯାଇଛି ଚାଞ୍ଚଲ୍ୟ । ମୃତ ନାବାଳିକା ହେଉଛନ୍ତି ଦେବକୁମାର ଗ୍ରାମର ଅରୁଣ ଜେନାଙ୍କ ଝିଅ ଦୀପିକା ଜେନା । ସୂଚନା ଅନୁଯାୟୀ, ଦୀପିକା ଗତ ପାଞ୍ଚ ଦିନ ଧରି ନିଖୋଜ ଥିଲେ । ଝିଅକୁ ଖୋଜାଖୋଜି କରିବା ପରେ ପରିବାର ଲୋକେ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ହେଲେ ଆଜି ବର୍ତ୍ତନା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଏକ ଜଙ୍ଗଲରୁ ତାଙ୍କ ମୃତଦେହ ମିଳିବା ପରେ ଘଟଣାକୁ ନେଇ ଅନେକ ପ୍ରଶ୍ନ ଉଠିଛି । ◆◆ପୃଷ୍ଠା ୭

କଣିହାଁରେ ସ୍କ୍ରବ୍ ଟାଇଫସ୍‌ରେ ୧୧ ବର୍ଷୀୟ ବାଳକଙ୍କ ମୃତ୍ୟୁ: ରେଙ୍ଗାଳି ଗାଁରେ ଶୋକର ଛାୟା



ଭୁବନେଶ୍ୱର, ୨୨/୧୦ (ନି.ପ୍ର): କଣିହାଁରେ ସ୍କ୍ରବ୍ ଟାଇଫସ୍ ନେଲା ଜୀବନ । କଟକ ଶିଶୁଭବନରେ ଚିକିତ୍ସାଧୀନ ଅବସ୍ଥାରେ ୧୧ ବର୍ଷୀୟ ନାବାଳକର ମୃତ୍ୟୁ । ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ରେଙ୍ଗାଳି ଗାଁରେ ଶୋକର ଛାୟା । ସ୍କ୍ରବ୍ ଟାଇଫସ୍‌ରେ ଆକ୍ରାନ୍ତ ହୋଇ ୧୧ ବର୍ଷୀୟ ନାବାଳକ ଅଶ୍ୱିନ ସାମଲଙ୍କ ମୃତ୍ୟୁ ହୋଇଛି । ଗତକାଲି କଟକ ଶିଶୁଭବନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଅଶ୍ୱିନଙ୍କୁ ଜ୍ୱର ହେବାରୁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା । ପରେ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରୁ ଅଧିକ ଚିକିତ୍ସା ପାଇଁ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଚିକିତ୍ସା ଚାଲିଥିବା ସତ୍ତ୍ୱେ ଶେଷରେ ଅଶ୍ୱିନଙ୍କ ମୃତ୍ୟୁ ହୋଇଛି । ଏହି ଘଟଣା ପରେ ଅଞ୍ଚଳରେ ସ୍କ୍ରବ୍ ଟାଇଫସ୍‌କୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି। ଜଣେ ନାବାଳକଙ୍କ ଅକାଳ ମୃତ୍ୟୁରେ ରେଙ୍ଗାଳି ଗାଁରେ ଶୋକାକୁଳ ପରିବେଶ ଦେଖାଦେଇଛି । ଏନେଇ କଣିହାଁ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ ମୋ ପାଖେ ଖବର ନାହିଁ, ତଦନ୍ତ କରିବୁ। ପରେ ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ ମୃତକଙ୍କ ଘରେ ପହଞ୍ଚି ସ୍ଥିତି ପରଖିଥିଲେ ।

କୋଟିଆରେ ଆନ୍ଧ୍ରର ନିର୍ବାଚନୀ ବିଗୁଲ୍, ଚେଇଁ ଉଠିଲା ଓଡ଼ିଶା: ୨୪ରେ ଯିବ ସର୍ବଦଳୀୟ କମିଟି



ଭୁବନେଶ୍ୱର, ୨୨/୧୦ (ନି.ପ୍ର): କୋଟିଆକୁ ନେଇ ପୁଣି ତେଜିଲା ଓଡ଼ିଶା-ଆନ୍ଧ୍ର ବିବାଦ। କୋଟିଆରେ ପଞ୍ଚାୟତ ନିର୍ବାଚନ କରାଇବାକୁ ଆନ୍ଧ୍ରପ୍ରଦେଶ ପକ୍ଷରୁ ପଦକ୍ଷେପ ନିଆଯିବା ପରେ ତତ୍ପର ହୋଇଉଠିଛି ଓଡ଼ିଶା ପ୍ରଶାସନ । ଗାଁ ଗାଁ ବୁଲି ସରକାରୀ ଯୋଜନାର ସ୍ଥିତି ପରଖୁଛନ୍ତି ଅଧିକାରୀ । ଏପଟେ ରାଜନୈତିକ ସ୍ତରରେ ମଧ୍ୟ ତତ୍ପରତା ବଢ଼ିଛି। ଆସନ୍ତା ୨୪ ତାରିଖରେ କୋଟିଆ ଗସ୍ତ କରିବ ସର୍ବଦଳୀୟ କମିଟି । କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ୍‌ର ସୀମାନ୍ତ ଅଞ୍ଚଳ କୋଟିଆକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ପୁଣି ଟଣାଓଟରା ଆରମ୍ଭ ହୋଇଛି। ଗୋଟିଏ ପଟେ ଆନ୍ଧ୍ରପ୍ରଦେଶ ପଞ୍ଚାୟତ ନିର୍ବାଚନ ପାଇଁ ତତ୍ପର ହୋଇଥିବା ବେଳେ ଅନ୍ୟପଟେ କୋଟିଆବାସୀଙ୍କ ପାଖରେ ଓଡ଼ିଶା ସରକାରଙ୍କ ଯୋଜନା ଓ ସୁବିଧା ପହଞ୍ଚୁଛି କି ନାହିଁ, ତାହାର ଅନୁଧ୍ୟାନ କରୁଛି କୋରାପୁଟ ଜିଲ୍ଲା ପ୍ରଶାସନ । ଆନ୍ଧ୍ର ଯେଭଳି ପଦକ୍ଷେପ ନେବ, ସେହି ଅନୁଯାୟୀ ଜବାବ ଦିଆଯିବ ବୋଲି କହିଛନ୍ତି ଉପଜିଲ୍ଲାପାଳ । ଅନ୍ୟପଟେ କୋଟିଆବାସୀଙ୍କ ମତ ମଧ୍ୟ ଚର୍ଚ୍ଚାକୁ ଆସିଛି। ଉଭୟ ରାଜ୍ୟର ସରକାରୀ ଯୋଜନାରୁ ସେମାନେ ଲାଭ ପାଉଥିବାରୁ ଉଭୟ ରାଜ୍ୟର ନିର୍ବାଚନରେ ଭାଗ ନେବାକୁ ଚାହୁଁଥିବା କହିଛନ୍ତି । ସେମାନଙ୍କୁ ଅଟକାଇବାକୁ ଉଦ୍ୟମ ହେଲେ ଜନଅସନ୍ତୋଷ ଦେଖାଦେଇପାରେ ବୋଲି ମଧ୍ୟ ମତ ରଖିଛନ୍ତି । ଲଗାତାର ଖବର ପ୍ରସାରଣ ପରେ କୋଟିଆ ପ୍ରସଙ୍ଗକୁ ◆◆ପୃଷ୍ଠା ୭

ବଡ଼ଚଣା ଆର ଆଣ୍ଡ୍ ବି ଉପଖଣ୍ଡର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଠିକଣାରେ ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର, ୨୨/୧୦ (ନି.ପ୍ର): ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଯାଜପୁର ବଡ଼ଚଣା ଆର ଆଣ୍ଡ୍ ବି ଉପଖଣ୍ଡର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତପନ ସେଠୀଙ୍କ ୭ଟି ସ୍ଥାନରେ ଓଡ଼ିଶା ଭିଜିଲାନ୍ସ ଚଢ଼ାଉ କରିଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଯାଜପୁର ଜିଲ୍ଲାର ବଡ଼ଚଣାସ୍ଥିତ ଆରଆଣ୍ଡ୍ ବି ଉପଖଣ୍ଡର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଏଏଇ) ତପନ ସେଠୀଙ୍କ ବିଭିନ୍ନ ସ୍ଥାନରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଉଛି । କଟକ ଜିଲ୍ଲାର ଚୌଦ୍ୱାରସ୍ଥିତ ଚାରବାଟିଆ ଆର ଆଣ୍ଡ୍ ବି ଡିଭିଜନ୍‌ର ଅଧୀକ୍ଷଣ ◆◆ପୃଷ୍ଠା ୭

ଭାରତ-ଚୀନ୍ ବାଣିଜ୍ୟ: ୨୪.୫୦ ଲକ୍ଷ ଟଙ୍କାର ସାମଗ୍ରୀ ରପ୍ତାନି

ନୂଆଦିଲ୍ଲୀ,୨୨/୧୦ : ଭାରତ-ଚୀନ୍ ବାଣିଜ୍ୟ ଅଧୀନରେ ଗୁରୁବାର ଜଣେ ଭାରତୀୟ ବ୍ୟବସାୟୀ ଚୀନ୍ର ତକଲାକୋଟ ବଜାରକୁ ପ୍ରାୟ ୨୪.୫୦ ଲକ୍ଷ ଟଙ୍କା ମୂଲ୍ୟର ସାମଗ୍ରୀ ରପ୍ତାନି କରିଛନ୍ତି। ଏହି ସମୟରେ ତକଲାକୋଟରେ ଅସୁସ୍ଥ ହୋଇପଡ଼ିଥିବା ଜଣେ ଭାରତୀୟ ବ୍ୟବସାୟୀଙ୍କ ଚିକିତ୍ସା ଜାରି ରହିଛି ଏବଂ ସେ ଶୁକ୍ରବାର ଭାରତ ଫେରିବାର ସମ୍ଭାବନା ରହିଛି। ସୀମାନ୍ତ ଜିଲ୍ଲା ପିଥୋରାଗଡ଼ର ଧାରଚୁଲା ଉପଜିଲ୍ଲାପାଳ ଆଶିଷ ଜୋଶୀ କହିଛନ୍ତି ଯେ ୨୦୨୬ର ବାଣିଜ୍ୟ ଋତୁର ଚତୁର୍ଥ ପର୍ଯ୍ୟାୟରେ ଗୁରୁବାର ଜଣେ ଭାରତୀୟ ବ୍ୟବସାୟୀ ଚୀନ୍ର ତକଲାକୋଟ ବଜାରରେ ପହଂଚିଥିଲେ। ସେ ସେଠାରେ ପ୍ରାୟ ୨୪ ଲକ୍ଷ ୫୦ ହଜାର ଟଙ୍କାର ସାମଗ୍ରୀ ରପ୍ତାନି କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଏପର୍ଯ୍ୟନ୍ତ ଚୀନ୍ର ବଜାରରୁ ୮ ଜଣ ବ୍ୟବସାୟୀ ଭାରତ ଫେରିଆସିଛନ୍ତି। ସେମାନଙ୍କ ସହ ଆଣିଥିବା ସାମଗ୍ରୀର ସୀମା ଶୁଳ୍କ ସମ୍ବନ୍ଧୀୟ ପ୍ରକ୍ରିୟା ଚାଲିଛି। ତକଲାକୋଟରେ ଜଣେ ବ୍ୟବସାୟୀ ଅସୁସ୍ଥ ହୋଇପଡ଼ିଥିବା ଘଟଣା ମଧ୍ୟ ପ୍ରଶାସନର ଦୃଷ୍ଟିକୁ ଆସିଛି। ବର୍ତମାନ ଚୀନ୍ରେ ହିଁ ତାଙ୍କର ଚିକିତ୍ସା ଚାଲିଛି। ସେ ଶୁକ୍ରବାର ଭାରତ ଫେରିବାର ସମ୍ଭାବନା ରହିଛି। ବ୍ୟବସାୟୀଙ୍କ ସୁରକ୍ଷିତ ପ୍ରତ୍ୟାବର୍ତନ ପାଇଁ ଆବଶ୍ୟକ ବ୍ୟବସ୍ଥା ସୁନିଶ୍ଚିତ କରାଯାଉଛି।

ତିବ୍ବତରେ ଭୟଙ୍କର ଭୂମିକମ୍ପ: ତୀବ୍ରତା ୭.୦

ନୂଆଦିଲ୍ଲୀ,୨୨/୧୦ : ତିବ୍ବତରେ ଶକ୍ତିଶାଳୀ ଭୂମିକମ୍ପ , ଗୁରୁବାର ସନ୍ଧ୍ୟାରେ ତିବ୍ବତରେ ଅନୁଭୂତ ହୋଇଛି ଭୂମିକମ୍ପର ତୀବ୍ର ଝଟକା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୦ ରେକର୍ଡ କରାଯାଇଛି । ଭୂମିକମ୍ପର ତୀବ୍ରତା ଅଧିକ ଥିବାରୁ ଏହାକୁ ନେଇ ଚିନ୍ତା ବଢ଼ିଛି । ଏପର୍ଯ୍ୟନ୍ତ ଧନଜୀବନ ହାନି ନେଇ କୌଣସି ସୂଚନା ମିଳିନାହିଁ । ◆◆ପୃଷ୍ଠା ୭

ଦ୍ରୁତ ଗତିରେ ଆଗଉଛି ଓଡ଼ିଶାର ଶିଳ୍ପାୟନ ପ୍ରକ୍ରିୟା: ମୁଖ୍ୟମନ୍ତ୍ରୀ



ମୁମ୍ବାଇ/ଭୁବନେଶ୍ୱର, ୨୨/୧୦: ମୁମ୍ବାଇର ବନ୍ଦେ ଏକ୍ସିବିସନ୍ ସେଣ୍ଟରଠାରେ 'ଇଣ୍ଡିଆ କେମ୍ ୨୦୨୬'ର ୧୪ତମ ସଂସ୍କରଣ ଉଦ୍ ?ଘାଟିତ ହୋଇଯାଇଛି। କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟ ଏବଂ ଫିକିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ତିନିଦିନିଆ ଶିଳ୍ପ ମହାକୁମ୍ଭରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟକୁ ଖଣିଭିତ୍ତିକ ଅର୍ଥନୀତିରୁ କେମିକାଲ୍ ଓ ପେଟ୍ରୋକେମିକାଲ୍-ଭିତ୍ତିକ ଶିଳ୍ପ ଅର୍ଥନୀତି ଆଡ଼କୁ ଅଗ୍ରସର କରାଇବାର ସଂକଳ୍ପ ପ୍ରକାଶ କରିଛନ୍ତି। ୨୦୪୦ ସୁଦ୍ଧା ଭାରତର ୧ ଟ୍ରିଲିୟନ୍ ଡଲାରର କେମିକାଲ୍ ଅର୍ଥନୀତି ଲକ୍ଷ୍ୟକୁ ସାକାର କରିବାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ନିବେଶ କରିବାକୁ ଏବଂ ସମୃଦ୍ଧ ଓଡ଼ିଶାର ଅଂଶୀଦାର ହେବାକୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ରାଜ୍ୟର ଖଣିଭିତ୍ତିକ ଅର୍ଥନୀତିରୁ ଏକ କେମିକାଲ୍-ଭିତ୍ତିକ ଶିଳ୍ପ ଅର୍ଥନୀତି ଆଡ଼କୁ ଅଗ୍ରସର ହେବାର ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି। ରାଜ୍ୟର ଖଣିଜ ସମ୍ପଦ, ବନ୍ଦର, ଶିଳ୍ପ ଭିତ୍ତିଭୂମି ଏବଂ ନୂତନ ନିବେଶ ସୁଯୋଗଗୁଡ଼ିକୁ କାମରେ ଲଗାଇ ଏହି ରୂପାନ୍ତରଣ କରାଯିବ ବୋଲି ସେ ମତ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ପାରାଦୀପ, ଗୋପାଳପୁର ଏବଂ ଧାମରା ବନ୍ଦର ମାଧ୍ୟମରେ ଓଡ଼ିଶାର ରଣନୈତିକ ସୁବିଧାଗୁଡ଼ିକୁ ଆଲୋକପାତ କରିଥିଲେ, ଯାହାକି ଆଭ୍ୟନ୍ତରୀଣ ଏବଂ ଆନ୍ତର୍ଜାତିକ ବଜାର ସହିତ ସଂଯୋଗ ସ୍ଥାପନ କରିବାରେ ସହାୟକ ହେଉଛି। ସେ ପାରାଦୀପ ପେଟ୍ରୋଲିୟମ, ଗୋପାଳପୁରରେ ରେଫ୍ରିଜରେଣ୍ଟ୍, ଫ୍ଲୋରୋକେମିକାଲ୍ସ, ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଗ୍ରୀନ୍ ଆମୋନିଆ ତଥା ତାଳଚେର ଏବଂ ଲଖନପୁରରେ କୋଇଲା ଗ୍ୟାସୀକରଣ ଭିତ୍ତିକ ପ୍ରକଳ୍ପଗୁଡ଼ିକରେ ଉପୁନ୍ନ ହେଉଥିବା ନୂତନ ସୁଯୋଗଗୁଡ଼ିକୁ ମଧ୍ୟ ସେ ଉଲ୍ଲେଖ କରିଥିଲେ। ଏହି ବିକାଶଗୁଡ଼ିକ ଆଭ୍ୟନ୍ତରୀଣ ଉତ୍ପାଦନକୁ ଦୃଢ଼ କରିବା ଏବଂ ଭାରତର କେମିକାଲ୍ ଓ ପେଟ୍ରୋକେମିକାଲ୍ ମୂଲ୍ୟ ଶୃଙ୍ଖଳାରେ ଓଡ଼ିଶାର ଭୂମିକାକୁ ସମ୍ପ୍ରସାରିତ କରିବାରେ ସାହାଯ୍ୟ କରିବ ବୋଲି ସେ ମତପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ଯେ ଓଡ଼ିଶାରେ ଅଢ଼େଇ ବର୍ଷରୁ କମ୍ ସମୟ ମଧ୍ୟରେ ପ୍ରାୟ ୨୦୦ଟି ଶିଳ୍ପ ◆◆ପୃଷ୍ଠା ୭

କେଶବ ଚନ୍ଦ୍ର ନାଥ ଆଉ ଧ୍ୱନି ପ୍ରତିଧ୍ୱନିର ସାମ୍ବାଦିକ ନାହାନ୍ତି

ମୟୂରଭଂଜ ଜିଲ୍ଲା ବେତନଟୀ ବ୍ଲକ୍‌ର ସାମ୍ବାଦିକ ଭାବେ କାର୍ଯ୍ୟ କରୁଥିବା କେଶବ ଚନ୍ଦ୍ର ନାଥ ଆଜିଠାରୁ ଧ୍ୱନି ପ୍ରତିଧ୍ୱନିର ପ୍ରତିନିଧି ନାହାଁନ୍ତି। ତାଙ୍କ ସ୍ଥାନରେ ବରିଷ୍ଠ ସାମ୍ବାଦିକ ସର୍ବେଶ୍ୱର ମହାନ୍ତ ଧ୍ୱନି ପ୍ରତିଧ୍ୱନିର ନୂଆ ପ୍ରତିନିଧି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତେଣୁ ସମସ୍ତ ପ୍ରକାର ସମ୍ବାଦ ଓ ବିଜ୍ଞାପନ ପ୍ରକାଶନ ସମ୍ପର୍କରେ କେଶବ ଚନ୍ଦ୍ର ନାଥଙ୍କ ସହ ଯୋଗାଯୋଗ ନକରି ସର୍ବେଶ୍ୱର ମହାନ୍ତଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ।

ସୃଷ୍ଟିଧର ପରିଡ଼ା

ମୁଖ୍ୟ ସମ୍ପାଦକ- 'ଧ୍ୱନି ପ୍ରତିଧ୍ୱନି'

ମାଆର ସନ୍ତାନ ପ୍ରତି ଥିବା କର୍ତ୍ତବ୍ୟର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ସୁରମା ରଣା

ଏକାଦଶାହ ଉପଲକ୍ଷେ ଆୟୋଜିତ ସଭାରେ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି



ଜଳେଶ୍ୱର ,୨୨/୧୦ (ନି.ପ୍ର): ମାଆର ସନ୍ତାନ ପ୍ରତି ଥିବା କର୍ତ୍ତବ୍ୟର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ସୁରମା ରଣା। ଗତକାଲି ସନ୍ଧ୍ୟାରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପାଇକସିଦା ଗ୍ରାମର ସ୍ୱର୍ଗତ ହରିଶ ଚନ୍ଦ୍ର ରଣାଙ୍କ ଧର୍ମପତ୍ନୀ ସୁରମା ରଣା (୮୬)ଙ୍କ ଏକାଦଶାହ ଉପଲକ୍ଷେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ଉପରୋକ୍ତ ମତ ପ୍ରଦାନ କରିଛନ୍ତି। ବାଲେଶ୍ୱର ଜିଲ୍ଲା ଖାଉଟି ଅଦାଲତର ପୂର୍ବତନ ସଭାପତି ସୁକୁମାର ରଣାଙ୍କ ପୌରହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ଅଧକ୍ଷ ବିପିନ ବିହାରୀ ବିଶ୍ୱାଳ ଓ ଡ.କ୍ଷିତୀଶ୍ୱର ଦାଶ,ପୂର୍ବତନ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. କାଳୀପଦ ପଣ୍ଡା, ବାଲେଶ୍ୱର ସଦର ଗୋଷ୍ଠୀ ଶିକ୍ଷଧିକାରୀ ସୁଧାଂଶୁ ଶେଖର ଜେନା, ପୂର୍ବତନ ଟେଲିକମ ଅଧିକାରୀ କାହ୍ନୁ ଚରଣ ମହାନ୍ତି,ଅବସରପ୍ରାପ୍ତ ଶିକ୍ଷକ ସୁଦର୍ଶନ ଦାସ,ପୂର୍ବତନ ସରପଞ୍ଚ ରାମନାଥ ଗିରି ପ୍ରମୁଖ ବିଶିଷ୍ଟ ଅତିଥି ରୂପେ ଯୋଗଦେଇ ସ୍ୱର୍ଗତା ରଣାଙ୍କ ତ୍ୟାଗ ଓ ବଳିଦାନ ଯୋଗୁଁ ଆଜି ତାଙ୍କର ୩ ଜଣ ପୁତ୍ର ସମାଜରେ ଉଚ୍ଚ ପଦ ପଦବୀରେ ପ୍ରତିଷ୍ଠା ଲାଭ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ।ସେ ଜଣେ ଧର୍ମପରାୟଣ ମହିଳା ହିସାବରେ ନିଜ ଅଞ୍ଚଳରେ ସମସ୍ତଙ୍କ ବେଶ ପ୍ରିୟପାତ୍ର ଥିଲେ ବୋଲି ସେମାନେ କହିଥିଲେ। ପ୍ରାରମ୍ଭରେ ମଧ୍ୟମ ପୁତ୍ର ତଥା ବାରିପଦା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ.ସୁବ୍ରତ କୁମାର ରଣା ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ସାମ୍ବାଦିକ ଆରତୀ ଦାସ, ଶିକ୍ଷାବିତ୍ ଡ.ଅଜିତ୍ କୁମାର ମହାନ୍ତି, ଜଗନ୍ନାଥ ଡିଗ୍ରୀ କଲେଜର ଅଧକ୍ଷ ସରୋଜ କୁମାର ମହାନ୍ତି, ଇଂଜିନିୟର ଡ. ହୃଷୀକେଶ ସାହୁ,ସମାଜସେବୀ ବିଜୟ ଉପାଧ୍ୟାୟ ଓ ମଧୁସୂଦନ ସେନାପତି, ସୁଶାନ୍ତ କୁମାର ବେହେରା, ବସନ୍ତ କୁମାର ମାହାନ୍ତ, ରବୀନ୍ଦ୍ର ନାଥ ବେହେରା, ସାନ ଭାଇ ଅରୁଣ କୁମାର କାମିଲା,ଜ୍ୟେଷ୍ଠ ପୁତ୍ର ସନ୍ତୋଷ କୁମାର ରଣା ପ୍ରମୁଖ ଅତିଥି ରୂପେ ଯୋଗଦେଇ ଦିବଂଗତ ଆତ୍ମା ଉଦ୍ଦେଶ୍ୟରେ ସ୍ମୃତିଚାରଣ କରିବା ସହିତ ତାଙ୍କର ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ରଖିଥିଲେ।ଶେଷରେ କନିଷ୍ଠ ପୁତ୍ର ତଥା ପାରଳାଖେମୁଣ୍ଡି ଜିଲ୍ଲା ଦୌରାଜଜଙ୍କ ଅଦାଲତର ରେଜିଷ୍ଟର ସତ୍ୟବ୍ରତ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

ରାଇଦାମୋଦର ବ୍ରତ ପାଇଁ ହବିଷ୍ୟାଳୀ କେନ୍ଦ୍ର ପ୍ରସ୍ତୁତ: ଜିଲ୍ଲାପାଳଙ୍କ କ୍ଷେତ୍ର ପରିଦର୍ଶନ

ପୁରୀ ,୨୨/୧୦ (ନି.ପ୍ର): ଚଳିତ ବର୍ଷ ର ହବିଷ ବ୍ରତ ଅକ୍ଟୋବର ମାସ ୨୬ ତାରିଖ ରୁ ଆରମ୍ଭ ହୋଇ ଏକ ମାସ ପର୍ଯ୍ୟନ୍ତ ଚାଲିବ। ନଭେମ୍ବର ୨୪ ତାରିଖରେ ଏହା ସମାପ୍ତ ହେବ।ଏହି ପବିତ୍ର ବ୍ରତକୁ ସୁଚାରୁ ରୁପେ ଓ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଆଜି ତିନୋଟି ଯାକ ହବିଷ୍ୟାଳୀ କେନ୍ଦ୍ର ଅର୍ଥାତ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ବୃନ୍ଦାବତୀ ନିବାସ ଓ ମୁନିସିପାଲ କଲ୍ୟାଣ ମଣ୍ଡପ ମୋଚି ସାହିକୁ ପରିଦର୍ଶନ କରିଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ ଉପସ୍ଥିତ ଥିବା ବରିଷ୍ଠ ଅଧିକାରୀ ଓ ବିଭାଗୀୟ ଅଧିକାରୀ ମାନ କୁ କାର୍ଯ୍ୟ ତ୍ୱରାନ୍ୱିତ ସହ ଅକ୍ଟୋବର ୨୪ ତାରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ସମ୍ପନ୍ନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।ପବିତ୍ର କାର୍ତ୍ତିକ ବ୍ରତ ରେ ହବିଷ୍ୟାଳୀ ମା ମାନେ ଏକ ମାସ ଧରି ଶ୍ରୀକ୍ଷେତ୍ରରେ ରହିବାକୁ ଆସୁଥିବାରୁ ସେମାନଙ୍କ ସମସ୍ତ ସୁବିଧା ପାଇଁ ବ୍ୟବସ୍ଥା କରାଯିବାକୁ ପରାମର୍ଶ ଦେଇଥିଲେ।ମା ମାନଙ୍କର ସୁରକ୍ଷିତ ରହଣି, ସ୍ନାନ, ଶୌଚ ବ୍ୟବସ୍ଥା,ଦର୍ଶନ ବ୍ୟବସ୍ଥା, ମହାପ୍ରସାଦ ସେବନ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା,ଦର୍ଶନ ଯାତାୟାତ ପାଇଁ ଗାଡି ବ୍ୟବସ୍ଥା, ଚିକିତ୍ସା ବ୍ୟବସ୍ଥା ଇତ୍ୟାଦି ସମସ୍ତ ବିଷୟ କୁ ଶୃଙ୍ଖଳିତ କରିବା ପାଇଁ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ସେଗୁଡ଼ିକ କେଉଁ କେନ୍ଦ୍ର ର କେଉଁଠାରେ କରାଯିବ ତାହା କ୍ଷେତ୍ର ପରିଦର୍ଶନ ସମୟରେ ଜିଲ୍ଲାପାଳ ଅନୁଧ୍ୟାନ କରିଥିଲେ। ହବିଷ୍ୟାଳୀ ମା ମାନଙ୍କର ସେବା କୁ ନିଷ୍ଠା ଓ ଧର୍ମର କାର୍ଯ୍ୟ ବୋଲି ବିବେଚନା କରି ପ୍ରତ୍ୟେକ ଦାୟିତ୍ୱ ନିର୍ବାହ ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ମା ମାନଙ୍କର ସୁରକ୍ଷିତ ରହଣି, ପ୍ରବଚନ, ଭଜନ, ପାଲା ଇତ୍ୟାଦି ବ୍ୟବସ୍ଥା, ଚିକିତ୍ସା, ପରିମଳ,ପାନୀୟ ଜଳ, ସ୍ୱଚ୍ଛାସେବୀ ସହଯୋଗ ଇତ୍ୟାଦି ବ୍ୟବସ୍ଥା କରାଯାଇ ଏଥିପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାକୁ ସୁ ନିୟନ୍ତ୍ରିତ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀ ମାନଙ୍କୁ ଦାୟିତ୍ୱ ଦିଆଯାଇଛି। ମା ମାନଙ୍କୁ ଠାକୁର ଦର୍ଶନ ସମୟରେ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଆରକ୍ଷୀ ବିଭାଗ ଓ ସ୍ୱଚ୍ଛାସେବୀ ମାନେ ସମନ୍ୱୟ ରଖି କାର୍ଯ୍ୟ କରିବେ।

ପତିତପାବନ ଆଶ୍ରମର ଭବ୍ୟ ଭୂମି ପୂଜନ ତଥା ଶିଳାନ୍ୟାସ ସମ୍ପନ୍ନ

ଭୁବନେଶ୍ୱର,୨୨/୧୦ (ନି.ପ୍ର): ଗଜପତି ଜିଲ୍ଲାର ଅନ୍ତର୍ଗତ ଧନୁପୋଡ଼ା ଗ୍ରାମରେ ଥିବା ପତିତପାବନ ଆଶ୍ରମର ନୂତନ ଗୃହ ନିର୍ମାଣ ନିମନ୍ତେ ଆଜି ଏକ ଭବ୍ୟ ଭୂମି ପୂଜନ ତଥା ଶିଳାନ୍ୟାସ କାର୍ଯ୍ୟକ୍ରମ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଯାଇଛି। ସମାଜର କଲ୍ୟାଣ ତଥା ସେବା କାର୍ଯ୍ୟକୁ ଆଗେଇ ନେବା ଉଦ୍ଦେଶ୍ୟରେ ବିଶ୍ୱ ହିନ୍ଦୁ ପରିଷଦର ପ୍ରମୁଖ କାର୍ଯ୍ୟକର୍ତ୍ତା, ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି ଏବଂ ସ୍ଥାନୀୟ ଶତାଧିକ ଗ୍ରାମବାସୀ ଏକତ୍ରିତ ହୋଇ ଏହି ପବିତ୍ର ଉତ୍ସବକୁ ସାଫଲ୍ୟମଣ୍ଡିତ କରିଥିଲେ। ଆଜି ସକାଳେ ଆଶ୍ରମର ଅନ୍ତେବାସୀ ଏବଂ ଗ୍ରାମବାସୀମାନେ ଶ୍ରୀ ତରଣୀସେନ ଦାଶଙ୍କ ନେତୃତ୍ୱରେ ବିଶ୍ୱ ହିନ୍ଦୁ ପରିଷଦର କ୍ଷେତ୍ର ଓ ପ୍ରାନ୍ତ ସ୍ତରୀୟ ପ୍ରମୁଖମାନଙ୍କୁ ପାରମ୍ପରିକ ହିନ୍ଦୁ ରୀତିନୀତିରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପୂଜା ପୂର୍ବରୁ ଆୟୋଜିତ ସାମୂହିକ ଭଜନ-କୀର୍ତ୍ତନ ଏବଂ ହନୁମାନ ଚାଳିଶା ପାଠ ସମଗ୍ର ପରିବେଶକୁ ଭକ୍ତିମୟ କରି ଗଢ଼ିତୋଳିଥିଲା। ଏହାପରେ ବୈଦିକ ମନ୍ତ୍ରୋଚ୍ଚାରଣ ସହ ଯଥାବିଧି ଆଶ୍ରମର ନୂତନ ଗୃହ ପାଇଁ ଶିଳାନ୍ୟାସ କରାଯାଇଥିଲା। ଏହି ଶୁଭ ମୁହୂର୍ତ୍ତରେ ଅତିଥି ଏବଂ ସ୍ଥାନୀୟ ବାସିନ୍ଦାମାନେ ଅତ୍ୟନ୍ତ ନିଷ୍ଠାର ସହ ଭୂମି ପୂଜାରେ ସାମିଲ ହୋଇ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ସମାରୋହରେ ବିଶ୍ୱ ହିନ୍ଦୁ ପରିଷଦ କ୍ଷେତ୍ର ସେବା ସହ ପ୍ରମୁଖ ଶ୍ରୀ ହରିଶ୍ଚନ୍ଦ୍ର ପ୍ରଧାନ, ସମର୍ପଣ ଚାରିଟେବୁଲ୍ ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଲକ୍ଷ୍ମୀ ନାରାୟଣ ରଥ, ପ୍ରାନ୍ତ ସେବା ସହ ପ୍ରମୁଖ ଶ୍ରୀ ନଗେନ୍ଦ୍ର ମହାରଣା ଏବଂ ବରିଷ୍ଠ ଆଇନଜୀବୀ ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସେବା କାର୍ଯ୍ୟର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହ ରାଜ୍ୟରେ ଯୁବ ଓ ମହିଳା ସଶକ୍ତିକରଣ କ୍ଷେତ୍ରରେ କାର୍ଯ୍ୟରତ ଅଗ୍ରଣୀ ନ୍ୟାସନାଲ୍ ୟୁଥ୍ ଫର୍ ସୋସିଆଲ୍ ଜଷ୍ଟିସ୍ ଟ୍ରଷ୍ଟର 'ସକ୍ଷମ ଓଡ଼ିଶା' ମିଶନର ପ୍ରତିଷ୍ଠାତା ତଥା ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ସଂସ୍କାରଶାଳା ପ୍ରମୁଖ ସରୋଜ କାନ୍ତ ବେହେରା ଉପସ୍ଥିତ ରହି ଏହି ସେବା ପ୍ରକଳ୍ପରେ ନିଜର ସହଯୋଗ ପ୍ରଦାନ କରିଥିଲେ। ଭୂମି ପୂଜନ ଅବସରରେ କ୍ଷେତ୍ର ଓ ପ୍ରାନ୍ତର ବରିଷ୍ଠ ଅଧିକାରୀ ତଥା ନବଗଠିତ ସମିତିର ସଦସ୍ୟମାନଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱ ହିନ୍ଦୁ ପରିଷଦ ସେବା ବିଭାଗ ଆନୁକୂଲ୍ୟରେ ଏବଂ ସ୍ଥାନୀୟ ଜନସାଧାରଣଙ୍କ ପ୍ରତ୍ୟକ୍ଷ ସହଭାଗିତାରେ ଅଂଚଳବାସୀଙ୍କ ହିତ ପାଇଁ ବ୍ୟାପକ ସେବାମୂଳକ ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବିଶେଷ କରି ସ୍ୱାସ୍ଥ୍ୟ ସେବା ଯୋଗାଣ, ଗୁଣାତ୍ମକ ଶିକ୍ଷାର ପ୍ରସାର, ପାରମ୍ପରିକ ଜୈବିକ କୃଷିର ବିକାଶ, ପୁଷ୍ଟିକର ଆହାର ବ୍ୟବସ୍ଥା, ହିନ୍ଦୁ ସଂସ୍କାର ଜାଗରଣ ତଥା ଯୁବପିଢ଼ି ଓ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସ୍ୱାବଲମ୍ବନ ଅଭିଯାନର ସମ୍ପ୍ରସାରଣ ଉପରେ ବିସ୍ତୃତ ଆଲୋଚନା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା।

ଗଜପତି ଜିଲ୍ଲାର ଏହି ଦୁର୍ଗମ ଅଂଚଳରେ ଆଶ୍ରମର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ତଥା ଆଗାମୀ ତିନି ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟରେ ଉପସ୍ଥିତ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହମତିରେ ଏକ ନୂତନ ପରିଚାଳନା ସମିତି ଗଠନ କରାଯାଇଛି। ଭୂମି ପୂଜନ ପରେ ଉପସ୍ଥିତ ସମସ୍ତ ଅତିଥି ତଥା ଗ୍ରାମବାସୀଙ୍କ ପାଇଁ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପରିଶେଷରେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁ ପ୍ରଭୁଙ୍କ ନିକଟରେ ସମର୍ପିତ ଭାବେ ପ୍ରାର୍ଥନା କରିବା ସହ ସମୂହ ହରିବୋଲ ଓ ହୁଳହୁଳି ଧ୍ୱନିରେ କାର୍ଯ୍ୟକ୍ରମକୁ ଉଦଯାପିତ କରିଥିଲେ।

ଖୋର୍ଦ୍ଧା ହେବ ପୁରା ମୁକ୍ତ କାବିନ ସହର: ନୂଆ ବସଷ୍ଟାଣ୍ଡ ହେବ ନବେକଳେବର



ଖୋର୍ଦ୍ଧା,୨୨/୧୦ (ନି.ପ୍ର): ଖୋର୍ଦ୍ଧା ବିଧା ୟକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ (ଗଣେଶ ଜଗଦ୍ଦେବ) ଏକ ସାଧାରଣ ସଭା ଡକାଇ ପୌରପରିସଦ ସମସ୍ତ କାଉନସିଲ୍ର, ନିର୍ବାହୀ ଅଧିକାରୀ ମାଡାମ ମୁଦୁଲି , ଖୋର୍ଦ୍ଧା ତାହସିଦାର ଶ୍ରୀଯୁକ୍ତ ବିଭସ ପାଣିଗ୍ରାହି, ସମସ୍ତ କାବିନି ବେବସାହି, ସମସ୍ତ ପୌରପରିଦର ର କର୍ମଚାରି, ସହର ବହୁ ଜନସାଧାରଣ, କିଛି ସାମ୍ବାଦୀକ ଓ ମୁରବି ଶ୍ରେଣୀ ଲୋକ ମାନେ ଉପସ୍ଥିତ ଥିଲେ। ଉକ୍ତ ସଭାରେ ମାନ୍ୟବର ବିଧାୟକ ଖୋର୍ଦ୍ଧା ଶ୍ରୀଯୁକ୍ତ ଜଗଦେବ ଘୋଷଣା କରିଥିଲେ ଖୋର୍ଦ୍ଧା ସହର ହେବ କାବୀନ ମୁକ୍ତ ସହର। ସମସ୍ତ ବେବସାୟୀ ଓ କାବିନୀ ମାଲିକ ପାଇବେ କୋଠା ଘର । ଆଉ ମଦ୍ଧ୍ୟ ବେକାର ଯୁବକ ହେବେ ଥଇଥାନ। ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ଯେଉଁଠି ଅଛି ସେଇଠି ହେବ ନବେକଳେବର। ଖୋର୍ଦ୍ଧା ତସିଲଦାର ସରକାରୀ ଜାଗା , ବିଭନ୍ନ ବିଭାଗର ଅବେହୃତ୍ ହୋଇ ଥିବା କୋଠା ଓ ସରକାରୀ ଜାଗା ଚିହ୍ନଟ କରିଛନ୍ତି। ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ, ଦପ୍ତର ଯେ. ଇ. ଅଫିସ ଓ କ୍ୟାଟର ଓ ଜବର୍ ଦଖଲ ଯାଗା ଚିନ୍ହଟ କରା ଯାଇ ଅଛି। ଖୋର୍ଦ୍ଧା ମୂଖ୍ୟ ଚିକିତ୍ସା ଅଫିସ ସଂପୂର୍ଣ୍ଣ ଭଙ୍ଗା ଯାଇ କିଛି ଅଂଶ ରେ ବେବସାୟି ଙ୍କୁ ପ୍ଲଟିଂ କୋଠା ଘର ହୋଇ ଦିଆ ଯିବ। କିଛି ଅଂଶ ଉତ୍ତର ଦିଗରେ ଟାଉନ୍ ଡ଼ାକ୍ତରଖାନା କରାଯିବ। କାଇପଦର ପି. ଏଚ. ସି. (ନୂଆ)କୁ ସରକାରୀ କରାଯିବ। ଯାହାକି ବହୁ ଦିନ ହୋଇ ଦାବି ହୋଇ ପଡ଼ିଅଛି। ଉକ୍ତ ଅନୁ ଷ୍ଠାନର ପ୍ରତି ଷ୍ଠାତା ଶ୍ରୀଁଯୁକ୍ତ ଈଶ୍ୱର ଚନ୍ଦ୍ର ମଙ୍ଗରାଜ ବରିଷ୍ଠ ସାମ୍ୟବାଦିକ ଖୋରଧା ଦାବି କରି ଆସୁଛନ୍ତି। ଖୋରଧା ସହର କୁ ସବୁଜ ସୁନ୍ଦର କରିବା ତାଙ୍କ। ପରିକଳ୍ପନା। ଆସନ୍ତା ଦୁଇ ବର୍ଷ ମନ୍ଧ୍ୟରେ ସମସ୍ତ ପରିକଳ୍ପନା ଶେଷ ହେବ ବୋଲି ଦୃଢ଼କୃତି । ପ୍ରକାଶ କରି ଛନ୍ତି। ଉଠା ଦୋକାନୀ ଆଗେ ଥଇଥାନ ,ପରେ ତାଙ୍କ ଉଠା ଯିବ। ଉପସ୍ଥିତ ଜନତା ଏହାକୁ ସ୍ୱାଗତ କରିଥିଲେ। ଯଦି ବିଧାୟକ କଥା ସତ ହୁଏ ଜଗନ୍ନାଥ ତାଙ୍କର ମଙ୍ଗଳ କରିବେ।

ମହାନବମୀର ଅଭିନବ ନବମାତୃକା ପୂଜା ସମାପନ

ପୂଜା ପାଇଲେ ନଅ ଗରିୟସୀ ଓ ମହିୟସୀ ମା'



ରେମୁଣା,୨୨/୧୦ (ନି.ପ୍ର): 'ମୋ ମାଆ ହିଁ ଦୁର୍ଗା ମାଆ' ନ୍ୟାୟରେ ରେମୁଣା ନବମାତୃକା ପୂଜା କମିଟି ପକ୍ଷରୁ ୧୨ତମ ଅଭିନବ ନବମାତୃକା ପୂଜା ବିଭିନ୍ନ କ୍ଷେତ୍ରରେ ଗରିୟସୀ ମହିୟସୀ ନଅ ଜଣ ମାଆଙ୍କୁ ପ୍ରତୀକାତ୍ମକ ଭାବେ ସ୍ଥାନୀୟ ଗୌରୀ ଶଙ୍କର କଲ୍ୟାଣ ମଣ୍ଡପରେ ମହାନବମୀ ତିଥିରେ ପୂଜାର୍ଚ୍ଚନା କରାଯାଇଛି। ଚଳିତବର୍ଷ ରେମୁଣା ନିର୍ବାଚନ ମଣ୍ଡଳୀର ୩୬ ନଂ ଜୋନର ନଅଜଣ ମାଆଙ୍କୁ ଚୟନ କରାଯାଇଥିଲା। କମିଟି ସଭାପତି ଡ. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ରେମୁଣା ବ୍ଲକର ଅଧକ୍ଷ ରାଜେନ୍ଦ୍ର କୁମାର ରାଉତ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ବିପିନ ମାରାଣ୍ଡି, ଅବସର ପ୍ରାପ୍ତ ଅଧକ୍ଷା ଡ. କଳ୍ପନା ପଟ୍ଟନାୟକ, ରେମୁଣା କଲେଜ ଅଧାପିକା ଜୟନ୍ତୀ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ଅଭିମନ୍ୟୁ ଧିନ୍ଦା, ଶିକ୍ଷାବିତ୍ ଡ. ଶ୍ୟାମ ସୁନ୍ଦର ପଣ୍ଡା, ଅନନ୍ତ ଚରଣ ପୋଥାଳ, ଯୋଗେନ୍ଦ୍ର ନାଥ ସିଂହ, ଡ. ସମର ବଲ୍ଲଭ ଭୋଇ ଯୋଗ ଦେଇ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମାଆ ମାନଙ୍କୁ ନାମ ସଂକୀର୍ତ୍ତନ, ଶଙ୍ଖ, ହୁଳହୁଳି, ଘଣ୍ଟା, ଖୋଳ, କରତାଳ ରେ ସ୍ୱାଗତ କରାଯାଇ ମଣ୍ଡପକୁ ଆହ୍ୱାନ କରାଯାଇଥିଲା। ସମ୍ପାଦକ ଶିକ୍ଷୀ କେଶୁ ଦାସ ପ୍ରାକ୍ ସୂଚନା ଦେଇଥିବା ବେଳେ ବିଦ୍ୟାଶ୍ରୀ ସେନାପତି ସ୍ୱାଗତ ନୃତ୍ୟ, ବିକର୍ତ୍ତନ ନାୟକ, ସତ୍ୟଭାମା ମୁଦୁଲି, ସୂର୍ଯ୍ୟନାରାୟଣ ମହାରଣା, ହୀରାଲାଲ ପାକଳ, ଜଗଦାନନ୍ଦ ଖଟୁଆ ମାତୃ ବନ୍ଦନା ଗାନ କରିଥିଲେ। କାରିଗରୀ ମାଆ ବିଳାସିନୀ ମହୁରିଆ, ଯୋଗ ମାଆ ରଜନୀରାଣୀ ବେହେରା, ପ୍ରେରଣା ଦାୟୀ ମାଆ ଅଞ୍ଜନା ଦେ, ସୁଗୃହିଣୀ ମାଆ ମାଗୁଣୀ ବେହେରା, କରୁଣାମୟୀ ମାଆ ନିଶାମଣି ଦାସ ମଙ୍ଗରାଜ, ପାଠ ମାଆ ସୁଲୋଚନା ଦାସ, ଆଧ୍ୟାତ୍ମିକ ମାଆ ସୁବାସିନୀ ପଣ୍ଡା, ପ୍ରକୃତି ମାଆ ନୟନା ସିଂ, ଚାଷୀ ମାଆ ସରସ୍ୱତୀ ମହାର୍ଣ୍ଣଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୀ ଶ୍ରୀ ଦାସ ଓ କନକଲତା ଦାସ ପାଦ ପ୍ରକ୍ଷାଳନ, ଅର୍ପିତା ଦାସ ଓ ଶୈଳବାଳା ବେହେରା ଅଙ୍ଗ ପ୍ରସାଧନ, ପ୍ରଭାକର ସାହୁ ଓ କୁମୁଦିନୀ ସାହୁ ମାଲ୍ୟାର୍ପଣ, ଉପମୁଖ୍ୟ ସଚେତକ ଓ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଅଙ୍ଗବସ୍ତ୍ର ପ୍ରଦାନ, ଗିରିଶ କୁମାର ଷଡ଼ଙ୍ଗୀ ଓ ସୁକାନ୍ତି ପାଣିଗ୍ରାହୀ ଅଳଙ୍କାର , ସୁନାମଣି ଜେନା ମିଷ୍ଟାନ୍ନ, ରାଧା ରଞ୍ଜନ ଦାସ ଡଲା, ବୃନ୍ଦାବନ ବେହେରା ଓ ମାନସୀ ରାଣୀ ବେହେରା ଫଳ, ପ୍ରଦୀପ ଗିରି ଓ ମିନତି ଗିରି ଉତ୍ତରୀୟ , ମିନତୀ ଦାସ ଓ ସୀତାରାମ ଦାସ ଗୋପୀନାଥଙ୍କ ଅମୃତ କେଳି, ରାଜେନ୍ଦ୍ର ରାଉତ ପ୍ରଣାମି ପ୍ରଦାନ କରି ମାଆ ମାନଙ୍କୁ ପୂଜା କରାଯାଇଥିବା ବେଳେ ନଅଜଣ ମହିଳା ସମୂହ ଆଳତୀ କରିଥିଲେ। ନବମାତୃକା ପୂଜା କମିଟିର ସଦସ୍ୟ ସଦସ୍ୟା ଜଳଧର ଦାସ, ଦୁଷ୍ମନ୍ତ ଦାସ, ବସନ୍ତ ପ୍ରଧାନ, ଗୋପବନ୍ଧୁ ଗିରି, ଡ. ରତ୍ନାକର ସିଂହ, ମଧୁସୂଦନ ମାଝୀ, ବସନ୍ତ ପ୍ରଧାନ, ଦିବ୍ୟଲୋଚନ ମହାପାତ୍ର ପ୍ରମୁଖ ବୃକ୍ଷ, ଶ୍ରୀଫଳ, ପନିପରିବା, ପୁସ୍ତକ, ବିଛଣା ଚାଦର, ଉପଢୌକନ ଇତ୍ୟାଦି ନୈବେଦ୍ୟ ସ୍ୱରୂପ ଉପହାର ପ୍ରଦାନ କରିଥିଲେ। କମିଟିର ଷ୍ଟାଲିନ ମିଶ୍ର, ବାସନ୍ତୀ ଦାସ, ଅସିତ୍ ଦାସ ମଙ୍ଗରାଜ ପ୍ରମୁଖ ମାନପତ୍ର ପାଠ କରିଥିଲେ। ସତ୍ୟନାରାୟଣ ପାକଳ, ବିଶ୍ୱଜିତ୍ ଘୋଷ, ଗୌରାଙ୍ଗ ପଢିଆରୀ, ଶିରୀଶ ଷଡ଼ଙ୍ଗୀ, ଅବନୀକାନ୍ତ ପ୍ରଧାନ, ଇଂ ବି. ସୌମ୍ୟ ସୌମିତ୍ର ସମେତ ଅନେକ ବୁଦ୍ଧିଜୀବି ଓ ଜନ ସାଧାରଣ ସଭାରେ ଉପସ୍ଥିତ ଥିଲେ। ଶେଷରେ ଶ୍ରୀ ଗିରିଶ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

ମହୁମାଛି ପାଳନରୁ ଜୀବିକା ସମୃଦ୍ଧି: ବେଦାନ୍ତ ଆଲୁମିନିୟମର 'ବେଦାମୃତ' ଝାରସୁଗୁଡ଼ାର ଚାଷୀଙ୍କୁ କରୁଛି ସଶକ୍ତ

ଝାରସୁଗୁଡ଼ା,୨୨/୧୦ (ନି.ପ୍ର): ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା ଭୁଗ୍ରାପାଲି ଗାଁର ଚାଷଜମିରେ ଧାନ ଓ ପନିପରିବା ଚାଷ ସହ ଏବେ ମହୁମାଛିଙ୍କ ଗୁଣୁଗୁଣୁ ଶବ୍ଦ ଏକ ନୂଆ ଆୟର ସମ୍ଭାବନା ସୃଷ୍ଟି କରିଛି। ଚାଷୀ କ୍ଷୀରୋଦ୍ର ପଟେଲଙ୍କ ପାଇଁ ମହୁମାଛି ଏବେ ଅତିରିକ୍ତ ରୋଜଗାରର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଛି। ନିଜର ୬ ଏକର ଜମିରେ ଚାଷ କରିବା ସହ ସେ ମହୁମାଛି ପାଳନରୁ ବାର୍ଷିକ ପ୍ରାୟ ୨୫ ହଜାର ଟଙ୍କା ଆୟ କରୁଛନ୍ତି। ପ୍ରଥମେ ମାତ୍ର ୩ଟି ମହୁମାଛି ବାକ୍ସରୁ ଆରମ୍ଭ ହୋଇଥିବା ଏହି ଉଦ୍ୟମ ଏବେ ତାଙ୍କ ସାତ ଜଣିଆ ପରିବାରର ଆର୍ଥିକ ସୁରକ୍ଷାକୁ ମଜବୁତ କରିବାରେ ସହାୟକ ହୋଇଛି। କ୍ଷୀରୋଦ୍ରଙ୍କ ଏହି ସଫଳତା ହେଉଛି ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମର ଜୀବିକାଭିତ୍ତିକ ପଦକ୍ଷେପ 'ବେଦାମୃତ'ର ସଫଳ ଉଦାହରଣ। ଗ୍ରାମାଂଚଳର ଚାଷୀଙ୍କୁ ବୈଜ୍ଞାନିକ ପଦ୍ଧତିରେ ମହୁମାଛି ପାଳନ ସମ୍ପର୍କରେ ତାଲିମ ଦେଇ ଏହି କାର୍ଯ୍ୟକ୍ରମ ସେମାନଙ୍କ ଆୟର ବିକଳ୍ପ ଉତ୍ସ ସୃଷ୍ଟି କରିବା ସହ ପ୍ରାକୃତିକ ପରାଗସଙ୍ଗମ ମାଧ୍ୟମରେ କୃଷି ଉତ୍ପାଦକତା ବୃଦ୍ଧିରେ ସହାୟକ ହେଉଛି। ବ୍ୟବହାରିକ ତାଲିମ, ମହୁମାଛି ବାକ୍ସ ବଂଟନ ଏବଂ ନିରନ୍ତର ବୈଷୟିକ ସହାୟତା ଜରିଆରେ ଏହି ପଦକ୍ଷେପ ଚାଷୀ ପରିବାରଗୁଡ଼ିକୁ ସ୍ଥାୟୀ ଆୟର ସୁଯୋଗ ପ୍ରଦାନ କରୁଛି। କ୍ଷୀରୋଦ୍ର ପ୍ରଥମ ୩ଟି ମହୁମାଛି ବାକ୍ସ ପାଇବାର ମାତ୍ର ୩ ମାସ ମଧ୍ୟରେ ପ୍ରାୟ ୨୩ କିଲୋଗ୍ରାମ ମହୁ ସଂଗ୍ରହ କରିଥିଲେ। ପରବର୍ତ୍ତୀ ସମୟରେ ମହୁମାଛିଙ୍କ ସଂଖ୍ୟା ବଢ଼ିବା ସହ ସେ ମହୁମାଛି କଲୋନି ବିକ୍ରି କରିବା ମଧ୍ୟ ଆରମ୍ଭ କରିଥିଲେ। ଏହା ସହିତ, ପରାଗସଙ୍ଗମରେ ଉନ୍ନତି ଯୋଗୁଁ ତାଙ୍କ ପନିପରିବା ଉତ୍ପାଦନରେ ପ୍ରାୟ ୩୦ ପ୍ରତିଶତ ବୃଦ୍ଧି ହୋଇଥିବା ଆକଳନ କରାଯାଇଛି। ଏହା ପାରମ୍ପରିକ ଚାଷ ସହ ମହୁମାଛି ପାଳନର ସମନ୍ୱୟ କିପରି ଅଧିକ ଲାଭ ଦେଇପାରେ, ତାହା ଦର୍ଶାଉଛି। ନିକଟବର୍ତ୍ତୀ ଗାଁଗୁଡ଼ିକରେ ମଧ୍ୟ ଏଭଳି ପରିବର୍ତ୍ତନ ଦେଖିବାକୁ ମିଳୁଛି। ସାଲେପାଲି ଗାଁର ମଞ୍ଜରୀ ପ୍ରଧାନ ଘରୋଇ ଦାୟିତ୍ୱ ସହ କୃଷି କାର୍ଯ୍ୟରେ ନିୟୋଜିତ ରହିଥିବା ବେଳେ 'ବେଦାମୃତ' ମାଧ୍ୟମରେ ଏକ ନୂଆ ଜୀବିକାର ସୁଯୋଗ ପାଇଛନ୍ତି। ମାତ୍ର ଗୋଟିଏ ମହୁମାଛି ବାକ୍ସରୁ ଆରମ୍ଭ କରି ସେ ୮ ଲିଟର ମହୁ ସଂଗ୍ରହ କରିଛନ୍ତି। ଏହା ତାଙ୍କୁ ଅତିରିକ୍ତ ଆୟ ସହ ଆର୍ଥିକ ଆତ୍ମବିଶ୍ୱାସ ମଧ୍ୟ ପ୍ରଦାନ କରିଛି। ମଞ୍ଜରୀ କହିଛନ୍ତି, "ମହୁମାଛି ପାଳନ ଶିଖିବା ମୋତେ ଏକ ନୂଆ କାମ କରିବା ପାଇଁ ଆତ୍ମବିଶ୍ୱାସ ଦେଇଛି। ମୁଁ ମାତ୍ର ଗୋଟିଏ ବାକ୍ସରୁ ଆରମ୍ଭ କରିଥିଲି ଏବଂ ଏବେ ମହୁ ସଂଗ୍ରହ କରି ଆୟ କରିପାରୁଛି। ପରିବାରର ଆୟରେ ନିଜର ଅବଦାନ ରଖିପାରିବା ମୋ ପାଇଁ ବହୁତ ମୂଲ୍ୟବାନ।" ବୁଚାମୁଣ୍ଡା ଗାଁର ୬୭ ବର୍ଷୀୟା ରାଜକୁମାରୀ ମହାର ମଧ୍ୟ ନିଜର ପୂର୍ବରୁ ଥିବା ଜୀବିକା ସହ ମହୁମାଛି ପାଳନକୁ ଯୋଡ଼ିଛନ୍ତି। ପ୍ରଥମ ମହୁମାଛି ବାକ୍ସରୁ ସେ ୫ ଲିଟର ମହୁ ସଂଗ୍ରହ କରିଥିଲେ। ସେହିପରି ସାଲେପାଲିର ପ୍ରତିମା ସୁନାନୀ ନିଜ ପରିବାରର ୫ ଏକର ପନିପରିବା ଚାଷ ଜମିରେ ମହୁମାଛି ପାଳନ ଆରମ୍ଭ କରି ମାତ୍ର ୩ ମାସ ମଧ୍ୟରେ ୮ କିଲୋଗ୍ରାମ ମହୁ ସଂଗ୍ରହ କରିଛନ୍ତି।

ସୁବର୍ଣ୍ଣପୁର ଜିଲ୍ଲା ରିଜର୍ଭ ପୋଲିସ ପଡିଆଠାରେ ୬୭ ତମ ଶହୀଦ ସ୍ମୃତି ଦିବସ ପାଳିତ

ସୁବର୍ଣ୍ଣପୁର,୨୨/୧୦ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ରିଜର୍ଭ ପୋଲିସ ପଡିଆ ଠାରେ ୬୭ ତମ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଏସପି ନାରାୟଣ ନାୟକ ଯୋଗ ଦେଇ ଦେଶ ତଥା ବିଦେଶ ରେ ବିଭିନ୍ନ ଜରୁରୀ କାଳୀନ ସମୟରେ ମାତୃଭୂମି ଓ ଦେଶର ସୁରକ୍ଷା ପାଇଁ ଶହୀଦ୍ ହୋଇଥିବା ଆମ ଜିଲ୍ଲା, ରାଜ୍ୟ ତଥା ଦେଶର ପୋଲିସଙ୍କ ସ୍ମୃତି ଚାରଣ କରିବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଙ୍କ ବାର୍ତ୍ତା ପଠନ କରିଥିଲେ । ଏହି ଅବସରରେ ପ୍ୟାରେଡ୍ ମାଧ୍ୟମ ରେ ଶହୀଦ୍ ଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରା ଯାଇଥିଲା କ୍ଷ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀ ଦେବାଶିଷ ସିଂହ, ଓଇଙ୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡ. ଦୁର୍ଗାଦତ୍ତ ଦାଶ ଯୋଗ ଦେଇ ଏସପି ଶ୍ରୀ ନାରାୟଣ ନାୟକ ଙ୍କ ସହିତ ଶହୀଦ୍ ପୋଲିସ ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ୨୦୦୯ ମସିହାରେ ସମ୍ବଲପୁର ଜିଲ୍ଲା ରେ ସହିଦ ହୋଇଥିବା ଆମ ଜିଲ୍ଲା ର ପୋଲିସ ଅଫିସର ନରସିଂହ ମହାକୁଡଙ୍କ ପତ୍ନୀଙ୍କୁ ଏବଂ କୋରାପୁଟରେ ସହିଦ ହୋଇଥିବା ଆମ ଜିଲ୍ଲା ପୋଲିସ ବିଭୀଷଣ ସାହୁ ଙ୍କ ପରିବାର କୁ ଆଜି ଏହି ଉତ୍ସବରେ ଜିଲ୍ଲାପାଳ ଓ ଏସପି ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଅତିରିକ୍ତ ଏସପି କଣ୍ଡୋଧର ହରିପ୍ରସାଦ, ଲିଲିମା ଲଳିତା ବାରା, ଡିଏସପି ରେଣୁକା ସୁନା, ଚନ୍ଦ୍ର ଶେଖର ଶର୍ବ, ଜିଲ୍ଲା ଅଗ୍ନିଶମ ବିଭାଗ ଅଧିକାରୀ ଶ୍ରୀ ଭବେନ୍ଦ୍ର ନାଥ ଦେ, ଏସଡିପିଓ କଲ୍ୟାଣୀ ବେହେରା , ଆର୍ ଆଇ ମାନସ ବେହେରା, ଭକ୍ତ ବନ୍ଧୁ ସେଠ ପ୍ରମୁଖ ସମସ୍ତ ପୋଲିସ ଅଧିକାରୀ ଯୋଗ ଦେଇ ଶହୀଦ୍ ଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଓଡ଼ିଶା ପୋଲିସ ହାବିଲଦାର କନେଷ୍ଟବଳ ସଂଘ ସଭାପତି କୁମୁଦ ରଞ୍ଜନ ମେହେର, ଉପ ସଭାପତି ଦୟାନିଧି ସାହୁ, ସମ୍ପାଦକ କାର୍ତ୍ତିକେଶ୍ୱର ରାଉତ ଓ ସଂଘ ର ସମସ୍ତ କର୍ମକର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ ।

ଐତିହାସିକ ସାଲେଭଟା ମାଁ ପାଟଣେଶ୍ୱରଙ୍କ ବଏଲ ଯାତ୍ରା

ବଲାଙ୍ଗିର,୨୨/୧୦ (ନି.ପ୍ର): ବଲାଙ୍ଗିର ଆଗଲପୁର ବ୍ଲକ ଅନ୍ତର୍ଗତ ସାଲେଭଟା ଗ୍ରାମରେ ପୂର୍ବ ପାଟଣା ଶାସନ ସମୟରେ ୧୫୦୦ ଖ୍ରୀଷ୍ଟାବ୍ଦ ରେ ରାଜା ବଳରାମ ଦେଓ ମାଁ ପାଟଣେଶ୍ୱରୀ, ମାଁ ସମଲେଶ୍ୱରୀ ପୂଜାଅର୍ଚ୍ଚନା କରି ସ୍ଥାପନ କରିଥିଲେ । ମାଁ ପଟଣେଶ୍ୱରୀ ପାଟଣାମୁହାଁ ତଥା ବଲାଙ୍ଗିର ମୁହାଁ ହୋଇଥିବା ବେଳେ ମାଁ ସମଲେଶ୍ୱରୀ ହୁମା ସମ୍ବଲପୁର ମୁହାଁ ହୋଇଛନ୍ତି । ୨୬ଗଡ ମଧ୍ୟରୁ ମୁଖ୍ୟତଃ ବେଶ ପରିଚୟ ଥିଲା ଏହି ଗଡ । ସାଲେଭଟାରେ ମନ୍ତ୍ର, ତନ୍ତ୍ର, ସାଧନାର ପୀଠ । ଏହି ଗମ୍ଭିରାରେ ଦୁଇ ଭଉଣୀ ପୂଜା ପାଉଥିବା ବେଳେ ପ୍ରତ୍ୟେକ ଦଶହରା, ଚୈତ୍ର ପର୍ବରେ ବେଶ ଧୁମଧାମରେ ପାରଂପାରିକ ରୀତିନୀତିରେ ପୂଜା ଆୟୋଜିତ ହୁଏ । ଗତ ୧୦.୧୦.୨୦୨୬ ଶନିବାର ଦିନ ଠାରୁ ନବରାତ୍ର ଆୟୋଜିତ ହୋଇଥିବା ବେଳେ ୨୦ ତାରିଖ ମଙ୍ଗଳବାର ଦିନ ସମ୍ପନ୍ନ ହୋଇଥିଲା । ଗତ ରବିବାର ଦିନ ମାଁ ପାଟଣେଶ୍ୱରୀଙ୍କ ବଏଲ ଯାତ୍ରା ଆୟୋଜିତ ହୋଇଥିଲା । ସକାଳୁ ମୁଖ୍ୟ ପୂଜକଙ୍କ ଘରୁ ଛତର ବାହାରି ପଟଆର ସହ ଗାଁ ପରିକ୍ରମା କରାଯାଇଥିଲା । ହୋମ ଯଜ୍ଞ ଚଣ୍ଡିପାଠ କରି ମନ୍ତ୍ର ସାଧନାରେ ଦେବିଙ୍କୁ ଆବାହନ କରାଯାଇଥିଲା ।

ଜୀବନ

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ୨୩ ଅକ୍ଟୋବର ୨୦୨୬ ଶୁକ୍ରବାର



ଫଳ ଖାଉଛନ୍ତି ହେଲେ ଅଳିଆ ଭାବି ଫୋପାଡି ଦେଉଛନ୍ତି ଏହି ଫଳର ମଞ୍ଜି । ତା'ହେଲେ ସାବଧାନ ହୋଇଯାଆନ୍ତୁ,ଫୋପାଡ଼ିବା ପୂର୍ବରୁ ୧୦ ଥର ଭାବନ୍ତୁ । କାରଣ ଆପଣଙ୍କ ଲିଭର୍ ପାଇଁ ଆଶୀର୍ବାଦର କାମ କରେ ଏହି ଫଳର ମଞ୍ଜି । ଅମୃତଭଣ୍ଡା ଖାଇବା ପରେ କ'ଣ ଆପଣ ବି ଏହାର କଳା କଳା ମଞ୍ଜିଗୁଡ଼ିକୁ ଅଦରକାରୀ ଭାବି ଫୋପାଡ଼ି ଦିଅନ୍ତି କି ? ଯଦି ହଁ, ତେବେ ଆଜିର ଏହି ରିପୋର୍ଟଟି ଖାସ୍ ଆପଣଙ୍କ ପାଇଁ । ଏହି ରିପୋର୍ଟ ଆପଣଙ୍କ ଚିନ୍ତାଧାରାକୁ ସମ୍ପୂର୍ଣ୍ଣ ବଦଳାଇ ଦେବ ଏଥିରେ କୌଣସି ସନ୍ଦେହ ନାହିଁ । କାରଣ ଯାହାକୁ ଆପଣ ଆବର୍ଜନା ବୋଲି ଭାବୁଛନ୍ତି ତାହା ପ୍ରକୃତରେ ଆପଣଙ୍କ ଶରୀର ପାଇଁ ସଞ୍ଜୀବନୀ ବୁଟି ଭଳି କାମ କରିଥାଏ । ଆଜି ଆମେ ଜାଣିବା ଏଭଳି କିଛି ଆଶ୍ଚର୍ଯ୍ୟଜନକ ଫାଇଦା ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଜରୁରୀ ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ,ଅମୃତଭଣ୍ଡାର ମଞ୍ଜିରେ ପ୍ରଚୁର ପରିମାଣରେ ପୋଷକ ତତ୍ତ୍ୱ, ଆଣ୍ଟିଅକ୍ସିଡାଣ୍ଟ ଏବଂ ହେଲ୍‌ଥଫୁଲ୍ ଫାଇବର ଭରପୂର ରହିଥାଏ। ଏହାର ସବୁଠାରୁ ବଡ଼ ଗୁଣ ହେଉଛି ଏହା ଆମର ଲିଭରକୁ ସମ୍ପୂର୍ଣ୍ଣ ଭାବେ ଡିଟକ୍ସିଫାଏ ଅର୍ଥାତ୍ ବିଷାକ୍ତମୁକ୍ତ କରିବାରେ ବେଶ୍ ସହାୟକ ହୋଇଥାଏ। ଏହାସହ ଏଥିରେ ଥିବା 'ପାପେନ୍' ନାମକ ଏଞ୍ଜାଇମ୍ ପାଚନ କ୍ରିୟାକୁ ମଜଭୁତ କରିବା ସହ କୋଷ୍ଠକାଠିନ୍ୟ ଏବଂ ପେଟର ବିଭିନ୍ନ ସମସ୍ୟାକୁ ଦୂର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। କେବଳ ଲିଭର କିମ୍ବା ପାଚନ କ୍ରିୟା ନୁହେଁ ବରଂ ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନଶୈଳୀରେ ଦ୍ରୁତଗତିରେ ବଢୁଥିବା ଓଜନକୁ ନିୟନ୍ତ୍ରଣ କରିବାରେ ମଧ୍ୟ ଏହା ଅତ୍ୟନ୍ତ ଲାଭଦାୟକ । ଅମୃତଭଣ୍ଡା ମଞ୍ଜିରେ ଥିବା ଫାଇବର ଶରୀରର ମେଟାବୋଲିଜିମ୍‌କୁ ବଢ଼ାଇଥାଏ ଯାହା ଦ୍ୱାରା ଶରୀରରୁ ଅଦରକାରୀ ଚର୍ବି ହ୍ରାସ ପାଇଥାଏ। ଏହା ସହିତ ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୁତ କରି ବିଭିନ୍ନ କ୍ଷତିକାରକ ଜୀବାଣୁ ଓ ସଂକ୍ରମଣରୁ ଆପଣଙ୍କୁ ସୁରକ୍ଷା ଦେଇଥାଏ ।

ତେବେ ଏହି ମଞ୍ଜିର ସ୍ୱାଦ ସାମାନ୍ୟ କଡ଼ା ହୋଇଥିବାରୁ ଏହାକୁ ସିଧା ଖାଇବା କଷ୍ଟକର ହୋଇପଡ଼େ । ତେଣୁ ଏହାକୁ ଖାଇବାର ସବୁଠାରୁ ଭଲ ଉପାୟ ହେଉଛି ଅମୃତଭଣ୍ଡା ମଞ୍ଜିକୁ



ଭଲଭାବେ ଶୁଖାଇ ଗୁଣ୍ଡ କରି ନିଅନ୍ତୁ ଏବଂ ଦୈନନ୍ଦିନ ଖାଦ୍ୟରେ ମାତ୍ର ଗୋଟିଏ ଚାମଚ ପରିମାଣରେ ଏହାକୁ ସୁଦ୍ଧି, ଜୁସ୍ କିମ୍ବା ମହୁ ସହିତ ମିଶାଇ ସେବନ କରନ୍ତୁ । ଗର୍ଭବତୀ ମହିଳାମାନେ ସ୍ୱାସ୍ଥ୍ୟଗତ ସତର୍କତା ଅବଲମ୍ବନ କରି ଏହାର ସେବନଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିବା ଉଚିତ୍। ଶରୀରରେ କୌଣସି ରୋଗ ଥିଲେ ଡାକ୍ତରଙ୍କ ପରାମର୍ଶ ନେଇ ଏହାକୁ ସେବନ କରନ୍ତୁ ।

ସ୍ୱାସ୍ଥ୍ୟ ପାଇଁ ନୂଆ ଆଶା : କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗର ବଢୁଛି ଚାହିଦା



କୃତ୍ରିମ ଅଙ୍ଗ ପ୍ରତିରୋପଣ ନୁହେଁ ସହଜ

-ପ୍ରତିରୋପଣ କରିବା ପୂର୍ବରୁ ଅନେକ ପ୍ରକାରର ପରୀକ୍ଷା ହୁଏ
-ରିପୋର୍ଟ ସ୍ୱାଭାବିକ ହେଲେ ହିଁ ଏଗୁଡ଼ିକୁ ପ୍ରତିରୋପଣ କରାଯାଏ
-ପ୍ରତିରୋପଣ ପରେ ଅଙ୍ଗଗୁଡ଼ିକର ପ୍ରତିକ୍ରିୟା ଉପରେ ନଜର ରଖାଯାଏ
-ବ୍ୟକ୍ତି ସେଗୁଡ଼ିକୁ କିପରି ପରିଚାଳନା କରେ ତାହା ମଧ୍ୟ ଦେଖାଯାଏ

ଜନ୍ମଗତ ହେଉ ଅବା ଦୁର୍ଘଟଣା ଜନିତ କାରଣରୁ ମଣିଷ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ହରାଇଥାଏ । ଜନ୍ମରୁ କାହାର ହାତ, ଗୋଡ଼ ନଥାଏ ତ ଆଉ କାହାର ଦୁର୍ଘଟଣାରେ ଅଙ୍ଗ ନଷ୍ଟ ହୋଇଯାଏ । ପୂର୍ବରୁ ଯଦି ଜଣେ ବ୍ୟକ୍ତିର ଶରୀରରେ କୌଣସି ଅଙ୍ଗ କ୍ଷତିଗ୍ରସ୍ତ ହେଉଥିଲା, ସେତେବେଳେ ଏହାକୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ଉପଯୁକ୍ତ ଅଙ୍ଗ ଦ୍ୱାରା ବଦଳା ଯାଉଥିଲା । ଯାହାକୁ ଅଙ୍ଗ ପ୍ରତିରୋପଣ କୁହାଯାଏ । କେତେକ କ୍ଷେତ୍ରରେ ସ୍ୱେଚ୍ଛାକୃତ ଭାବେ ଅଙ୍ଗଦାନ କରାଯାଇଥାଏ । ଆଉ କେତେବେଳେ ଏଥିପାଇଁ ଅପରପକ୍ଷଙ୍କୁ ରାଜି କରାଇବାକୁ ପଡ଼େ । ତେବେ ଏସବୁ ସମସ୍ୟାର ସମାଧାନ ଦିଗରେ କୃତ୍ରିମ ଅଙ୍ଗ ନୂତନ ଆଶା ସୃଷ୍ଟି କରିଛି । ଏଗୁଡ଼ିକୁ ଜଣେ ବ୍ୟକ୍ତିଙ୍କ ଶରୀରରେ କ୍ଷତିଗ୍ରସ୍ତ ଅଙ୍ଗ ସ୍ଥାନରେ ଲଗାଯାଇଥାଏ । ଏହା ବ୍ୟକ୍ତିଙ୍କ ଜୀବନକୁ ଉନ୍ନତ କରିବା ସହ ଜୀବନ ପ୍ରତି ବିପଦକୁ ମଧ୍ୟ ହ୍ରାସ କରିଥାଏ ।

ଏକ କୃତ୍ରିମ ଅଙ୍ଗ କିପରି କାର୍ଯ୍ୟ କରେ ତାହା କେଉଁ ଅଙ୍ଗ ସ୍ଥାନରେ ଲଗାଯାଉଛି ତାହା ଉପରେ ନିର୍ଭର କରେ । ଏହାର ମୁଖ୍ୟ କାର୍ଯ୍ୟ ହେଉଛି ଏକ ପ୍ରକୃତ ଅଙ୍ଗ ପରି କାମ କରିବା । ଉଦାହରଣ ସ୍ୱରୂପ, ଯଦି କେହି ଏକ କୃତ୍ରିମ ହୃଦୟ ଲଗାଇଥା'ନ୍ତି ,ତେବେ ଏହାର କାର୍ଯ୍ୟ ହେଉଛି ରକ୍ତ ପମ୍ପ୍ କରିବା । ଏଥିପାଇଁ ଏକ ପମ୍ପିଂ ସିଷ୍ଟମ୍ ଏବଂ ବ୍ୟାଟେରୀ ଅଛି ଯାହା ସମଗ୍ର ଶରୀରକୁ ରକ୍ତ ପଠାଇଥାଏ । ଏହାକୁ ଛାତିରେ ପ୍ରତିରୋପଣ କରାଯାଏ ଯେଉଁଠାରେ ହୃଦୟ ଥାଏ । ସେହିପରି କୃତ୍ରିମ କିଡନିରେ ରକ୍ତକୁ ବିଶୋଧିତ କରିବାକୁ ବ୍ୟବସ୍ଥା ରହିଥିବା ବେଳେ ଆଖି ପାଇଁ କୃତ୍ରିମ କର୍ଣ୍ଣିଆ ରହିଥାଏ । ତେବେ ପ୍ରତ୍ୟେକ ଆବଶ୍ୟକତା ଥିବା ବ୍ୟକ୍ତିଙ୍କଠାରେ ସହଜରେ ପ୍ରତିରୋପଣ ହୋଇପାରିନଥାଏ, ଜାଣନ୍ତୁ ଏହାର କାରଣ ।

୨୦୨୪ ଗ୍ଲୋବାଲ ଡାଟା ରିପୋର୍ଟ ଅନୁଯାୟୀ, ୨୧ଟି କୃତ୍ରିମ ଫୁସଫୁସ୍ ବିଶ୍ୱରେ ବିଭିନ୍ନ ବିକାଶ ପର୍ଯ୍ୟାୟରେ ରହିଛି । ଏଥିମଧ୍ୟରୁ ୭ଟି ସକ୍ରିୟ ବିକାଶ ପର୍ଯ୍ୟାୟରେ ଅଛି । ଯଦି ଏହା ସଫଳ ହୁଏ, ତେବେ ଲୋକଙ୍କଠାରେ କୃତ୍ରିମ ଫୁସଫୁସ୍ ମଧ୍ୟ ପ୍ରତିରୋପଣ କରାଯାଇପାରିବ। ତଥାପି ବିପଜ୍ଜନକ ପରିସ୍ଥିତିରେ ଲୋକଙ୍କୁ ରଉଗଡ଼ ଅର୍ଥାତ୍ କୃତ୍ରିମ ଫୁସଫୁସ୍ ସହାୟତା ପ୍ରଦାନ କରାଯାଏ । କିନ୍ତୁ ଏପର୍ଯ୍ୟନ୍ତ ଶରୀରରେ ଏହାର ସ୍ଥାୟୀ ପ୍ରତିରୋପଣ କରାଯିବା ସମ୍ଭବ ହୋଇପାରିନାହିଁ ।

ସୋୟା କଟ୍‌ଲେଟ୍: ଜାଣନ୍ତୁ କେମିତି କରିବେ ପ୍ରସ୍ତୁତି



ଆବଶ୍ୟକ ସାମଗ୍ରୀ: ସୋୟାବିନ୍- ୫୦ ଗ୍ରାମ୍, ଆଳୁ- ୫୦ ଗ୍ରାମ୍ (ସିଝା), ଗରମ ମସଲା- ଅଧା ଚାମଚ, ଧନିଆପତ୍ର- ଅଳ୍ପ, ଗୋଲମରିଚ ଗୁଣ୍ଡ- ଅଳ୍ପ, ଗାଜର- ୨ ବଡ଼ ଚାମଚ (କଟା), ବ୍ରେଡ୍ ଗୁଣ୍ଡ- ଅଳ୍ପ, ବେସନ- ୨ ଚାମଚ, ରସୁଣ- ୧ ଚାମଚ (କଟା), ଆବଶ୍ୟକ ଅନୁସାରେ ଲୁଣ, ହଳଦୀ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ସୋୟାବିନ୍‌କୁ ଗରମପାଣିରେ କିଛି ସମୟ ଭିଜାଇ କାଢ଼ି ରଖନ୍ତୁ । ଆଳୁକୁ ସିଝାଇ ସେଥିରୁ ଚୋପାର ବାହାର କରିଦିଅନ୍ତୁ । ଗାଜରକୁ ଛୋଟ ଛୋଟ କାଟି ରଖନ୍ତୁ । ଏକ ପାତ୍ରରେ ପ୍ରଥମେ ବେସନରେ ଲୁଣ ଓ ପାଣି ମିଶାଇ ଏକ ଗାଢ଼ ଘୋଳ ପ୍ରସ୍ତୁତ କରନ୍ତୁ । ଏହାପରେ ଅନ୍ୟ ଏକ ପାତ୍ରରେ ସିଝା ଆଳୁ ସହ କଟା ଗାଜର ଓ ଅନ୍ୟ ସମସ୍ତ ମସଲାଗୁଣ୍ଡ, ଲୁଣ, ହଳଦୀ ଆଦି ପକାନ୍ତୁ । ସୋୟାବିନ୍‌କୁ ଛୋଟ ଛୋଟ କରି ଏଥିରେ ପକାଇ ଭଲଭାବେ ଚକଟି ନିଅନ୍ତୁ । ଏହି ମିଶ୍ରଣକୁ ହାତରେ ଛୋଟ ଛୋଟ ଗୋଲକରି ରଖନ୍ତୁ । ଏହାପରେ ଛାଣିବା ପାଇଁ କଡ଼େଇରେ ତେଲ ଗରମ କରନ୍ତୁ । ତେଲ ଭଲଭାବେ ଗରମ ହୋଇଗଲେ ପ୍ରସ୍ତୁତ ହୋଇଥିବା ମିଶ୍ରଣକୁ ପ୍ରଥମେ ବେସନ ଘୋଳରେ ବୁଡ଼ାଇ ତା'ପରେ ବ୍ରେଡ୍ ଗୁଣ୍ଡରେ ଗଡ଼ାଇ ଛାଣିନିଅନ୍ତୁ । ଏବେ ଏହି କଟ୍‌ଲେଟଗୁଡ଼ିକୁ ଚଟଣି କିମ୍ବା ସସ୍ ସହ ଖାଆନ୍ତୁ ।

ମୋଟାପଣକୁ କମ୍ ଦେଖାଇଥାଏ ଏହି କଲର ଆଉଟ୍‌ଫିଟ୍

ଷ୍ଟାଇଲିଶ୍ ଓ ଗ୍ଲାମର୍ସ ଦେଖାଯିବା ପାଇଁ ହେଲେ ପ୍ରଥମେ ନିଜ ଆଉଟ୍‌ଫିଟ୍ ଉପରେ ଧ୍ୟାନଦେବାକୁ ହେବ । ତେବେ ବ୍ଲାକ୍ କଲର ଆଉଟ୍‌ଫିଟ୍ ମୋଟାପଣକୁ କମ୍ ଦେଖାଇଥାଏ । ତେଣୁ ପ୍ଲସ୍ ସାଇଜ୍ ମହିଳା ଏହି ରଙ୍ଗର ବିଭିନ୍ନ ଡିଜାଇନ ଆପଣାଇ ପାରିବେ...



ବ୍ଲାକ୍ କଲର ଡ୍ରେସ୍ କିଣୁଥିଲେ ପ୍ରିଣ୍ଟେଡ୍‌ର ଲମ୍ବା ଡ୍ରେସ୍ କିଣନ୍ତୁ । ଏଭଳି ଡ୍ରେସ୍ ପିନ୍ଧିଲେ ପତଳା ଦେଖାଯିବେ । ଯଦି ହାଇଟ୍ ଠିକ୍ ଥିବ ଓ ପ୍ଲସ୍ ସାଇଜ୍ ହୋଇଥିବ ତା'ହେଲେ ଭର୍ଟିକାଲ ଲାଇନ୍ ପ୍ରିଣ୍ଟଥିବା ଡ୍ରେସ୍ ପିନ୍ଧନ୍ତୁ । ବ୍ଲାକ୍‌ର ବେଲ୍ଟୁ ଡ୍ରେସ୍ ମଧ୍ୟ ପ୍ଲସ୍ ସାଇଜ୍ ମହିଳାଙ୍କୁ ଭଲ ଲାଗିବ । ଏଭଳି ଡ୍ରେସ୍‌ରେ ବଡି ଫ୍ୟାଟ୍ କମ୍ ଲାଗିବ । ତେବେ ମୋଟା ବେଲ୍ଟୁ ପିନ୍ଧନ୍ତୁ, କିଛି ମାତ୍ରାରେ ପେଟ ଚାପି ହୋଇ ଛୋଟ ଲାଗିବ । କଟନ୍ ଓ ଡେନିମ୍ ଫାବ୍ରିକ୍‌ର ଡ୍ରେସ୍ ପିନ୍ଧନ୍ତୁ ନାହିଁ, ଏଥିରେ ଅଧିକ ମୋଟା ଜଣାପଡ଼ିବ । ଲାଇଲନ୍ କ୍ରେପ୍ ଓ ଶିଫନ୍ ଭଳି ଫାବ୍ରିକ୍‌ର ଫିଟିଂ ଡ୍ରେସ୍ ପିନ୍ଧନ୍ତୁ, ପତଳା ଦେଖାଯିବେ । ବ୍ଲାକ୍ ଶାଢ଼ିରେ ମଧ୍ୟ ମୋଟାପଣକୁ କିଛି ମାତ୍ରାରେ ଲୁଚାଇ ହେବ । ଶାଢ଼ିରେ ମଧ୍ୟ ଭର୍ଟିକାଲ୍ ପ୍ରିଣ୍ଟ ପିନ୍ଧନ୍ତୁ ଅଧିକ ପତଳା ଲାଗିବେ । ତେବେ ଶାଢ଼ି ପିନ୍ଧିବା ସମୟରେ ପେଟିକୋଟ୍ ଠିକ୍ ଭାବେ ବାନ୍ଧନ୍ତୁ ନଚେତ୍ ମୋଟା ଲାଗିବେ ।

ଓଜନ ହ୍ରାସ ପାଇଁ ଚିନ୍ତିତ କି ? ତେବେ ଆପଣାନ୍ତୁ ଏହି ଉପାୟ ...




ସମସ୍ତେ ଆଜିକାଲି ଦୁନିଆ ରେ ଫିଟ୍ ରହିବା ପାଇଁ ଚାହାଁନ୍ତି ସେଥିପାଇଁ ଜିମ୍ ଯିବା ସହ ସକାଳୁ ବ୍ୟାୟାମ କରିବା ସୁସ୍ଥ ଖାଦ୍ୟ ଖାଇବା ଉପରେ ଧ୍ୟାନ ଦେଉଛନ୍ତି ଯୁବପିଢି । କିନ୍ତୁ ଆମର ଜୀବନଶୈଳୀ ଆଉ ମାନସିକ ଚିନ୍ତା ଯୋଗୁଁ ଏହାର ପ୍ରଭାବ ମଧ୍ୟ ଆମ ଶରୀର ଉପରେ ପଡିଥାଏ । ଆଜିକାଲି ଓଜନ ହ୍ରାସ ନିଶା ସଭିଙ୍କୁ ଘାରିଛି । ସଭିଏଁ ଚାହାନ୍ତି ଫିଟ୍ ରହିବାକୁ । ମାତ୍ର ଖାଦ୍ୟକୁ ନିୟନ୍ତ୍ରଣରେ ରଖି ଫିଟ୍ ରହିବାକୁ କେହି ବି ଚାହାନ୍ତି ନାହିଁ । ସଭିଏଁ ଚାହାନ୍ତି ଆମେ ସବୁ ସ୍ୱାଦିଷ୍ଟ ଜିନିଷ ଖାଇବା ପରେ ଯେପରି ନିଜ ଓଜନକୁ ନିୟନ୍ତ୍ରଣରେ ରଖିପାରୁ ।

ତେବେ ଏପରି କିଛି ଖାଦ୍ୟ ଅଛି ଯାହାକୁ ଆପଣ ଖାଇବା ପୂର୍ବରୁ ଗ୍ରହଣ କରିବା ଦ୍ୱାରା ନିଜ ଓଜନକୁ ନିୟନ୍ତ୍ରଣରେ ରଖିପାରିବେ ।

କିଛି ଲୋକଙ୍କ କହିବା ମୁତାବକ କିଛି ଖାଇବା ମାତ୍ରେ ତୁରନ୍ତ ସେମାନଙ୍କ ଓଜନ ବଢ଼ିଯାଏ । ଓଜନ କମାଇବା ଚକ୍କରରେ ଅନେକ ସମୟରେ ନିଜ ପ୍ରିୟ ଖାଦ୍ୟକୁ ବି ତ୍ୟାଗ କରିବାକୁ ବି ପଡ଼ିଥାଏ । ମାତ୍ର ଏପରି କେତେ ଦିନ ବା କରିହେବ, କେତେ ଦିନ ବା ଖାଇବା ଉପରେ ଆୟତ ରଖିବେ ଆପଣ ? ଏମିତି ବି ହୁଏ ଖାଦ୍ୟ କମାଇବା ଦ୍ୱାରା ଗ୍ୟାସ୍ ହେତୁ ମୋଟାପଣ ବଢ଼ିଥାଏ ।

ତେଣୁ, ଖାଇବା କମାଇ ଓଜନ କମାଇବା ଚିନ୍ତା କରିବା ନିହାତି ଭୁଲ୍ ନିଷ୍ପତ୍ତି । ଆପଣ ଯଦି ନିଜ ଓଜନ କମାଇବାକୁ ଚାହାନ୍ତି ତ ନିମ୍ନରେ ଯେଉଁ ସୁପ୍ ବିଷୟରେ ଲେଖାଯାଇଛି ତାହାକୁ ପ୍ରତିଦିନ ଖାଇବା ପୂର୍ବରୁ ପିଅନ୍ତୁ । ପ୍ରଥମେ ୩ଟି ବିଲାତି ବାଇଗଣ, ୩ଟି ଗାଜର, ଏକ ଫୁଲକୋବି, ୬ଟି ପିଆଜ ନିଅନ୍ତୁ । ତାହାକୁ ଖୁବ୍ ସାନ ସାନ କରି କାଟିଦିଅନ୍ତୁ । ଏହା ସହିତ ୩ ବିଡ଼ା ଧନିଆ ପତ୍ର ବି କାଟିକି ରଖନ୍ତୁ । ପାରୁଛନ୍ତି ଯଦି ଅଧା ଗିନା ବିନ୍ସ କଟା ବି ନିଅନ୍ତୁ । ସବୁକୁ ମିଶାଇ ପାଣି ଦେଇ ସିଝେଇ ଦିଅନ୍ତୁ । ସେଥିରେ ଆବଶ୍ୟକ ପରିମାଣର ଲଙ୍କାଗୁଣ୍ଡ ଓ ଲୁଣ ମିଶାଇ ଦିଅନ୍ତୁ । ନିଜର ରୁଚି ଅନୁସାରେ ପାଣି ମାରିପାରନ୍ତି କିମ୍ବା ଅଧିକ ବି ଦେଇପାରନ୍ତି । ଏହି ସୁପ୍‌କୁ ଖାଦ୍ୟ ଖାଇବାର ୧୦ ମିନିଟ୍ ପୂର୍ବରୁ ପିଅନ୍ତୁ । ପାରୁଛନ୍ତି ଯଦି ରାତିରେ ଆଉ କିଛି ନଖାଇ ଏହାକୁ ପିଇକି ଶୋଇପାରନ୍ତି । ପ୍ରତିଦିନ ଏହାକୁ ପିଇବା ଦ୍ୱାରା ଆପଣଙ୍କ ଓଜନ ନିଶ୍ଚୟ ନିୟନ୍ତ୍ରଣରେ ରହିବ ।



ଖଣିଜ ସମ୍ପଦରେ ଧନୀ ଓଡ଼ିଶା, ହେଲେ ଲୋକଙ୍କ ଭାଗରେ କେତେ ବିକାଶ ?

ଓଡ଼ିଶା ଏକ ସମ୍ଭାବନାମୟ ରାଜ୍ୟ। ପ୍ରାକୃତିକ ସମ୍ପଦ, ବିସ୍ତୃତ ଜଙ୍ଗଲ, ଉର୍ବର କୃଷିଭୂମି, ଦୀର୍ଘ ସମୁଦ୍ରତଟ ଓ ପରିଶ୍ରମୀ ମାନବ ସମ୍ବଳ ଏହାର ପ୍ରମୁଖ ଶକ୍ତି। ଲୁହାପଥର, କୋଇଲା, ବକ୍ସାଇଟ୍ ଭଳି ବହୁ ମୂଲ୍ୟବାନ ଖଣିଜ ସମ୍ପଦ ଓଡ଼ିଶାକୁ ଦେଶର ଅର୍ଥନୈତିକ ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ରାଜ୍ୟର ଶିଳ୍ପାୟନ, ରାଜସ୍ୱ ବୃଦ୍ଧି ଓ ଭିତ୍ତିଭୂମି ବିକାଶରେ ଏହି ସମ୍ପଦର ଭୂମିକା ଅନସ୍ୱୀକାର୍ଯ୍ୟ। ତଥାପି ଏକ ମୌଳିକ ପ୍ରଶ୍ନ ଆଜି ଆମ ସମସ୍ତଙ୍କ ସାମ୍ନାରେ ଛିଡ଼ା ହୋଇଛି—ଓଡ଼ିଶାର ଏହି ବିପୁଳ ସମ୍ପଦରୁ ସାଧାରଣ ଜନତା କେତେ ଲାଭବାନ ହେଉଛନ୍ତି ? ଏହି ପ୍ରଶ୍ନ କେବଳ ଅର୍ଥନୀତିର ନୁହେଁ; ଏହା ସାମାଜିକ ନ୍ୟାୟ, ସମାନ ସୁଯୋଗ ଓ ଶାସନ ବ୍ୟବସ୍ଥାର ଉତ୍ତରଦାୟିତ୍ୱ ସହ ଜଡ଼ିତ। ଏକ ରାଜ୍ୟରେ ଯଦି ପ୍ରଚୁର ପ୍ରାକୃତିକ ସମ୍ପଦ ଥାଇ ମଧ୍ୟ ଅନେକ ପରିବାର ଜୀବନର ମୌଳିକ ଆବଶ୍ୟକତା ପୂରଣ ପାଇଁ ସଂଘର୍ଷ କରନ୍ତି, ଯୁବକମାନେ ଚାକିରି ଖୋଜି ଅନ୍ୟ ରାଜ୍ୟକୁ ଯିବାକୁ ବାଧ ହୁଅନ୍ତି ଏବଂ ଗ୍ରାମାଞ୍ଚଳର ଲୋକମାନେ ଉନ୍ନତ ଶିକ୍ଷା, ଚିକିତ୍ସା ଓ ଗମନାଗମନରୁ ବଞ୍ଚିତ ରହନ୍ତି, ତେବେ ବିକାଶର ସଫଳତାକୁ ନେଇ ଆତ୍ମସମୀକ୍ଷା କରିବା ନିଶ୍ଚିତ ଭାବେ ଆବଶ୍ୟକ। ଆଜିର ଯୁଗରେ ବିକାଶର ଅର୍ଥ କେବଳ ରାସ୍ତା, ପୋଲ, ବଡ଼ ବଡ଼ କୋଠା କିମ୍ବା ଶିଳ୍ପ ପ୍ରତିଷ୍ଠାନ ନିର୍ମାଣରେ ସୀମିତ ନୁହେଁ। ଏହି ସବୁ ଭିତ୍ତିଭୂମି ନିଶ୍ଚିତ ଭାବେ ଆବଶ୍ୟକ, କିନ୍ତୁ ଏହାର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଲୋକଙ୍କ ଜୀବନକୁ ସହଜ, ସୁରକ୍ଷିତ ଓ ସମୃଦ୍ଧ କରିବା। ବିକାଶର ମୂଲ୍ୟାୟନ କରିବା ସମୟରେ ସରକାରୀ ଘୋଷଣା ଓ ପ୍ରକଳ୍ପର ସଂଖ୍ୟା ସହିତ ସେଗୁଡ଼ିକର ପ୍ରକୃତ ସୁଫଳ ଲୋକଙ୍କ ପାଖରେ ପହଞ୍ଚିଛି କି ନାହିଁ, ତାହା ମଧ୍ୟ ଦେଖିବାକୁ ହେବ। ଏକ ଗ୍ରାମରେ ପକ୍କା ରାସ୍ତା ନିର୍ମାଣ ହେଲେ ତାହା ନିଶ୍ଚିତ ଭାବେ ଉନ୍ନତିର ସଙ୍କେତ। କିନ୍ତୁ ବର୍ଷା ହେଲେ ଯଦି ସେହି ରାସ୍ତା ଜଳମଗ୍ନ ହୋଇଯାଏ, ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ ହୁଏ ଏବଂ ଆମ୍ବୁଲାନ୍ସ ଭଳି ଜରୁରୀ ସେବା ରୋଗୀଙ୍କ ପାଖରେ ପହଞ୍ଚିପାରେ ନାହିଁ, ତେବେ ସେହି ବିକାଶର ଗୁଣବତ୍ତାକୁ ପ୍ରଶ୍ନ କରିବାକୁ ପଡ଼ିବ। ସେହିପରି ଡାକ୍ତରଖାନା ନିର୍ମାଣ ସହିତ ଡାକ୍ତର, ନର୍ସ, ଔଷଧ ଓ ଆବଶ୍ୟକୀୟ ଚିକିତ୍ସା ଉପକରଣର ଉପଲବ୍ଧତା ନିଶ୍ଚିତ ହେବା ଦରକାର। ଏହି କାରଣରୁ ବିକାଶର ମୂଳ ଲକ୍ଷ୍ୟ ହେବା ଉଚିତ ଗୁଣାତ୍ମକ ପରିବର୍ତ୍ତନ। ଯୋଜନା ତିଆରି କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ତାହାର ଠିକ୍ କାର୍ଯ୍ୟକାରିତା, ନିୟମିତ ତଦାରଖ ଓ ଜନସାଧାରଣଙ୍କ ମତାମତ ଆଧାରରେ ତ୍ରୁଟି ସୁଧାରିବା ମଧ୍ୟ ସେତିକି ଜରୁରୀ। ଓଡ଼ିଶାର ଖଣିଜ ସମ୍ପଦ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ଏକ ବଡ଼ ଆଧାର। ଖଣି ଓ ଶିଳ୍ପ ପ୍ରତିଷ୍ଠାନ ମାଧ୍ୟମରେ ରାଜସ୍ୱ ଆଦାୟ, ପରିବହନ, ବାଣିଜ୍ୟ ଓ ଅନ୍ୟାନ୍ୟ ସହାୟକ କ୍ଷେତ୍ରରେ ଅର୍ଥନୈତିକ କାର୍ଯ୍ୟକଳାପ ବଢ଼ିବାର ସୁଯୋଗ ରହିଛି। କିନ୍ତୁ ଏହି ବିକାଶର ଲାଭ କେବଳ କିଛି ଅଞ୍ଚଳ କିମ୍ବା ନିର୍ଦ୍ଦିଷ୍ଟ ବର୍ଗ ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ। ଯେଉଁ ଅଞ୍ଚଳରୁ ଖଣିଜ ସମ୍ପଦ ଉତ୍ତୋଳନ କରାଯାଉଛି, ସେଠାକାର ଲୋକଙ୍କ ଜୀବନରେ ମଧ୍ୟ ତାହାର ସକାରାତ୍ମକ ପରିବର୍ତ୍ତନ ଦେଖାଯିବା ଦରକାର। ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି, ଗ୍ରାମାଞ୍ଚଳରେ ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ର, ପାନୀୟ ଜଳ, ଉନ୍ନତ ରାସ୍ତା ଓ ଜୀବିକାର ସୁଯୋଗ ସୃଷ୍ଟି କରିବା ଦିଗରେ ଅଧିକ ଧ୍ୟାନ ଦେବାକୁ ହେବ। ଖଣି ଓ ଶିଳ୍ପ ପ୍ରକଳ୍ପ ପାଇଁ ଯେଉଁ ପରିବାର ନିଜର ଜମି କିମ୍ବା ପାରମ୍ପରିକ ଜୀବିକା ହରାଉଛନ୍ତି, ସେମାନଙ୍କ ସମସ୍ୟାକୁ ମଧ୍ୟ ସମାନ ଗୁରୁତ୍ୱ ଦେବା ଆବଶ୍ୟକ। କେବଳ କ୍ଷତିପୂରଣ ପ୍ରଦାନ କରିଦେଲେ ଦାୟିତ୍ୱ ସମାପ୍ତ ହୋଇଯାଏ ନାହିଁ। ବିସ୍ଥାପିତ ପରିବାରଙ୍କ ପୁନର୍ବାସ, ନୂତନ ଜୀବିକାର ସୁଯୋଗ ଓ ସେମାନଙ୍କ ପିଲାଙ୍କ ଭବିଷ୍ୟତ ପାଇଁ ଯଥୋଚିତ ବ୍ୟବସ୍ଥା କରିବା ମଧ୍ୟ ଆବଶ୍ୟକ। ଖଣିଜ ସମ୍ପଦ ପ୍ରକୃତିର ଏକ ମୂଲ୍ୟବାନ ଉପହାର। ଏହାର ଉପଯୋଗ ରାଜ୍ୟର ଅର୍ଥନୈତିକ ସମୃଦ୍ଧି ସହିତ ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ ହେବା ଉଚିତ। ସମ୍ପଦର ଉପଯୋଗ ହେଉ, କିନ୍ତୁ ତାହାର ମୂଲ୍ୟ ସ୍ଥାନୀୟ ଲୋକଙ୍କୁ ନିଜ ଜୀବନ, ପରିବେଶ ଓ ଭବିଷ୍ୟତ ହରାଇ ଦେବାକୁ ପଡ଼ିବ ନାହିଁ। ଓଡ଼ିଶାର ଯୁବପିଢ଼ି ରାଜ୍ୟର ସବୁଠାରୁ ବଡ଼ ସମ୍ପଦ। ସେମାନଙ୍କ ଶିକ୍ଷା, ଦକ୍ଷତା, ପରିଶ୍ରମ ଓ ନୂତନ ଚିନ୍ତାଧାରା ରାଜ୍ୟକୁ ଆଗକୁ ନେଇପାରିବ। କିନ୍ତୁ ଯଦି ଶିକ୍ଷା ସମାପ୍ତ କରିବା ପରେ ଯୁବକମାନେ ଉପଯୁକ୍ତ ନିଯୁକ୍ତି ପାଇଁ ଦୀର୍ଘ ସମୟ ଅପେକ୍ଷା କରନ୍ତି, ତେବେ ଏହା କେବଳ ବ୍ୟକ୍ତିଗତ ସମସ୍ୟା ନୁହେଁ, ରାଜ୍ୟର ମାନବ ସମ୍ବଳର ସଠିକ୍ ଉପଯୋଗ ସହ ଜଡ଼ିତ ଏକ ବଡ଼ ଆହ୍ୱାନ। ଶିଳ୍ପାୟନର ଉଦ୍ଦେଶ୍ୟ କେବଳ ଉତ୍ପାଦନ ବୃଦ୍ଧି ନୁହେଁ; ଏହା ମାଧ୍ୟମରେ ସ୍ଥାୟୀ ନିଯୁକ୍ତି, ନୂତନ ଦକ୍ଷତା ଓ ସ୍ଥାନୀୟ ଅର୍ଥନୀତିକୁ ମଜବୁତ କରିବା ମଧ୍ୟ ଆବଶ୍ୟକ। ଏଥିପାଇଁ ଶିଳ୍ପ ସଂସ୍ଥାଗୁଡ଼ିକର ଆବଶ୍ୟକତା ଅନୁଯାୟୀ ଯୁବକଙ୍କୁ ପ୍ରଶିକ୍ଷଣ ଦେବା, ବୈଷୟିକ ଶିକ୍ଷାର ଗୁଣବତ୍ତା ବଢ଼ାଇବା ଓ ନିଯୁକ୍ତି ସମ୍ପର୍କିତ ସୂଚନାକୁ ସ୍ୱଚ୍ଛ ଭାବରେ ଉପଲବ୍ଧ କରାଇବା ଜରୁରୀ। ସରକାରୀ ନିଯୁକ୍ତି ସହିତ ବେସରକାରୀ କ୍ଷେତ୍ରରେ ମଧ୍ୟ ଯୁବକଙ୍କ ପାଇଁ ସୁଯୋଗ ବଢ଼ିବା ଦରକାର। କୃଷିଭିତ୍ତିକ ଉଦ୍ୟୋଗ, ମତ୍ସ୍ୟଚାଷ, ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ, ହସ୍ତଶିଳ୍ପ ଓ ଛୋଟ ବ୍ୟବସାୟ ମାଧ୍ୟମରେ ଗ୍ରାମାଞ୍ଚଳରେ ମଧ୍ୟ ରୋଜଗାରର ନୂତନ ପଥ ଖୋଲିପାରିବ। ଯୁବକଙ୍କୁ କେବଳ ଚାକିରି ଆଶା ଦେବା ନୁହେଁ, ବରଂ ଦକ୍ଷତା ଅନୁଯାୟୀ ନିଜ ଭବିଷ୍ୟତ ଗଢ଼ିବାର ସୁଯୋଗ ଦେବା ଆବଶ୍ୟକ। ନିଯୁକ୍ତି ସୃଷ୍ଟିକୁ ବିକାଶର ଏକ ପ୍ରମୁଖ ମାପକାଠି ଭାବେ ଗ୍ରହଣ କରିବାର ସମୟ ଆସିଛି। ଓଡ଼ିଶାର ଅର୍ଥନୀତିରେ କୃଷିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଲକ୍ଷ ଲକ୍ଷ ପରିବାର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ କୃଷି ଉପରେ ନିର୍ଭର କରନ୍ତି। ତେଣୁ ଶିଳ୍ପାୟନ ସହିତ କୃଷିର ଆଧୁନିକୀକରଣ, ଜଳସେଚନ ବ୍ୟବସ୍ଥା, ଗୋଦାମ, ଶୀତଳଭଣ୍ଡାର, ଫସଲ ସଂରକ୍ଷଣ ଓ ବଜାର ସଂଯୋଗକୁ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ହେବ। ଚାଷୀ ଦିନରାତି ପରିଶ୍ରମ କରି ଫସଲ ଉତ୍ପାଦନ କରନ୍ତି। କିନ୍ତୁ ପାଣିପାଗର ଅନିଶ୍ଚିତତା, ବନ୍ୟା, ମରୁଡ଼ି, ରୋଗପୋକ, ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ଓ ବଜାର ଦରର ଅସ୍ଥିରତା ସେମାନଙ୍କ ଆୟକୁ ପ୍ରଭାବିତ କରେ। ଉତ୍ପାଦନ ପରେ ଉପଯୁକ୍ତ ସଂରକ୍ଷଣ ବ୍ୟବସ୍ଥା ନଥିଲେ ଅନେକ ସମୟରେ ଚାଷୀ ନିଜ ଉତ୍ପାଦର ନ୍ୟାଯ୍ୟ ମୂଲ୍ୟ ପାଇପାରନ୍ତି ନାହିଁ। ଏହି ସମସ୍ୟାର ସମାଧାନ ପାଇଁ କୃଷିଭିତ୍ତିକ ଶିଳ୍ପ, ସମବାୟ ବ୍ୟବସ୍ଥା, ଚାଷୀ ଉତ୍ପାଦକ ସଂଗଠନ ଓ ସିଧାସଳଖ ବଜାର ସଂଯୋଗକୁ ସୁଦୃଢ଼ କରିବା ଦରକାର। ଚାଷୀଙ୍କୁ କେବଳ ଆର୍ଥିକ ସହାୟତା ଦେବା ନୁହେଁ, ସେମାନଙ୍କ ଆୟକୁ ସ୍ଥାୟୀ କରିବା ଲାଗି ଦୀର୍ଘମିଆଦୀ ଯୋଜନା ଆବଶ୍ୟକ। ଯେଉଁ ରାଜ୍ୟର ଚାଷୀ ସୁରକ୍ଷିତ ନୁହନ୍ତି, ସେହି ରାଜ୍ୟର ସାମଗ୍ରିକ ବିକାଶକୁ ସମ୍ପୂର୍ଣ୍ଣ ବୋଲି କୁହାଯାଇପାରିବ ନାହିଁ। ତେଣୁ ଶିଳ୍ପ ଓ କୃଷିକୁ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ନୁହେଁ, ବରଂ ପରସ୍ପରର ପରିପୂରକ ଭାବେ ଦେଖିବା ଦରକାର। ଅର୍ଥନୈତିକ ବିକାଶର ଆବଶ୍ୟକତାକୁ ଅସ୍ୱୀକାର କରିହେବ ନାହିଁ। କିନ୍ତୁ ବିକାଶ ଯଦି ପରିବେଶର ଅବକ୍ଷୟ, ଜଙ୍ଗଲ ନଷ୍ଟ, ଜଳସ୍ରୋତ ପ୍ରଦୂଷଣ ଓ ଜନସ୍ୱାସ୍ଥ୍ୟର କ୍ଷତିର କାରଣ ହୁଏ, ତେବେ ତାହାର ଦୀର୍ଘମିଆଦୀ ପରିଣାମ ଗମ୍ଭୀର ହୋଇପାରେ। ଖଣି ଖନନ ଓ ଶିଳ୍ପ କାର୍ଯ୍ୟକଳାପ ଦ୍ୱାରା ପରିବେଶ ଉପରେ ପଡୁଥିବା ପ୍ରଭାବର ନିୟମିତ ମୂଲ୍ୟାୟନ ହେବା ଉଚିତ। ସାମାଜିକ ସମୀକ୍ଷା, ସ୍ୱଚ୍ଛ ଟେଣ୍ଡର ବ୍ୟବସ୍ଥା, ସ୍ୱାଧୀନ ତଦାରଖ ଓ ଅଭିଯୋଗର ଶୀଘ୍ର ସମାଧାନ ଏ ଦିଗରେ ସହାୟକ ହୋଇପାରିବ। ପ୍ରଶାସନରେ ଦାୟିତ୍ୱବୋଧ ଓ ସ୍ୱଚ୍ଛତା ରହିଲେ ସରକାରୀ ସମ୍ପଦର ସଠିକ୍ ଉପଯୋଗ ସମ୍ଭବ ହେବ। ଏଥିସହ ନିର୍ବାଚିତ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ଲୋକଙ୍କ ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ ରହିବା ଆବଶ୍ୟକ। କୌଣସି ରାଜ୍ୟର ପ୍ରକୃତ ଶକ୍ତି କେବଳ ଏହାର ଖଣିଜ ସମ୍ପଦ କିମ୍ବା ଶିଳ୍ପ ନୁହେଁ; ଏହାର ନାଗରିକଙ୍କ ସ୍ୱାସ୍ଥ୍ୟ, ଜ୍ଞାନ ଓ ଦକ୍ଷତା ହିଁ ପ୍ରକୃତ ମୂଳଧନ। ତେଣୁ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିବେଶକୁ ଖର୍ଚ୍ଚ ଭାବେ ନୁହେଁ, ଭବିଷ୍ୟତ ଗଠନର ଆବଶ୍ୟକ ମୂଳଧନ ଭାବେ ବିଚାର କରିବା ଉଚିତ। ଗ୍ରାମାଞ୍ଚଳର ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ, ଶ୍ରେଣୀଗୃହ, ପାନୀୟ ଜଳ, ଶୌଚାଳୟ ଓ ଆଧୁନିକ ଶିକ୍ଷା ସାମଗ୍ରୀର ଉପଲବ୍ଧତା ନିଶ୍ଚିତ ହେବା ଦରକାର। ଛାତ୍ରଛାତ୍ରୀ କେବଳ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ନୁହେଁ, ବରଂ ଜ୍ଞାନ, ବିଚାରଶକ୍ତି, ନୈତିକତା ଓ ଜୀବନର ଆବଶ୍ୟକ ଦକ୍ଷତା ହାସଲ କରିବା ଉଚିତ। ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରରେ କେବଳ ଡାକ୍ତରଖାନା ନିର୍ମାଣ ନୁହେଁ, ଚିକିତ୍ସକଙ୍କ ଉପଲବ୍ଧତା, ଔଷଧ, ଜରୁରୀକାଳୀନ ସେବା ଓ ରୋଗୀଙ୍କ ପ୍ରତି ମାନବିକ ବ୍ୟବହାର ନିଶ୍ଚିତ କରିବା ଦରକାର। ଗରିବ ପରିବାରର କୌଣସି ସଦସ୍ୟ ଚିକିତ୍ସା ଖର୍ଚ୍ଚ ଯୋଗାଡ଼ କରିନପାରି ଅସହାୟ ହେବା ଏକ ସମ୍ବେଦନଶୀଳ ସାମାଜିକ ପ୍ରଶ୍ନ। ଓଡ଼ିଶାର ଅର୍ଥନୈତିକ ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ଅତ୍ୟନ୍ତ ଜରୁରୀ। ରେଳପଥ, ଜାତୀୟ ରାଜପଥ, ବନ୍ଦର, ଶିଳ୍ପ, ଶକ୍ତି ଓ ଅନ୍ୟାନ୍ୟ ଭିତ୍ତିଭୂମି କ୍ଷେତ୍ରରେ ଉଭୟ ସରକାରଙ୍କ ସହଯୋଗ ରାଜ୍ୟକୁ ନୂତନ ସୁଯୋଗ ଦେଇପାରେ। କିନ୍ତୁ ଏହି ସମନ୍ୱୟର ମୂଳ ଲକ୍ଷ୍ୟ ହେବା ଉଚିତ ଓଡ଼ିଶାର ଦୀର୍ଘମିଆଦୀ ସ୍ୱାର୍ଥ ଓ ଜନସାଧାରଣଙ୍କ କଲ୍ୟାଣ। ଖଣିଜ ନୀତି, ରାଜସ୍ୱ ବଣ୍ଟନ, ପରିବେଶ ଅନୁମୋଦନ କିମ୍ବା ବଡ଼ ପ୍ରକଳ୍ପ ସମ୍ପର୍କରେ ଯେକୌଣସି ନିଷ୍ପତ୍ତି ନିଆଗଲେ, ତାହାର ଆର୍ଥିକ, ସାମାଜିକ ଓ ପରିବେଶଗତ ପ୍ରଭାବକୁ ନିରପେକ୍ଷ ଭାବରେ ଅନୁଧ୍ୟାନ କରିବା ଦରକାର। ଏପରି ଗୁରୁତ୍ୱପୂର୍ଣ୍ଣ ବିଷୟରେ ରାଜନୈତିକ ବିତର୍କ ହେବା ସ୍ୱାଭାବିକ, କିନ୍ତୁ ତାହା ତଥ୍ୟଭିତ୍ତିକ ଓ ଦାୟିତ୍ୱପୂର୍ଣ୍ଣ ହେବା ଉଚିତ। ରାଜ୍ୟର ହିତ ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ; ଏଥିରେ ବିଧାନସଭା, ଜନପ୍ରତିନିଧି, ବିଶେଷଜ୍ଞ, ଗଣମାଧ୍ୟମ ଓ ସଚେତନ ନାଗରିକଙ୍କ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମତଭେଦ ଥାଇପାରେ, କିନ୍ତୁ ଓଡ଼ିଶାର ଦୀର୍ଘମିଆଦୀ ସମୃଦ୍ଧି ପ୍ରତି ସମସ୍ତଙ୍କ ଦାୟିତ୍ୱବୋଧ ରହିବା ଦରକାର। ଗଣତନ୍ତ୍ରରେ ନାଗରିକ କେବଳ ଭୋଟଦାତା ନୁହନ୍ତି। ସେମାନେ ଶାସନ ବ୍ୟବସ୍ଥାର ସକ୍ରିୟ ଅଂଶୀଦାର। ନିଜ ଅଞ୍ଚଳର ସମସ୍ୟା ଉଠାଇବା, ସରକାରୀ ଯୋଜନାର ସୁଫଳ ଉପରେ ନଜର ରଖିବା, ଅନିୟମିତତା ବିରୋଧରେ ଆଇନସମ୍ମତ ଭାବରେ ସ୍ୱର ଉତ୍ତୋଳନ କରିବା ଓ ଜନପ୍ରତିନିଧିଙ୍କୁ ଉତ୍ତରଦାୟୀ କରିବା ନାଗରିକ ସଚେତନତାର ଅଂଶ। ଏଥିରେ ଗଣମାଧ୍ୟମର ଭୂମିକା ମଧ୍ୟ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ସାମ୍ବାଦିକତାର ଲକ୍ଷ୍ୟ କେବଳ ଘଟଣା ପ୍ରକାଶ କରିବା ନୁହେଁ; ଘଟଣା ପଛରେ ଥିବା କାରଣ, ଜନସାଧାରଣଙ୍କ ଉପରେ ପଡୁଥିବା ପ୍ରଭାବ ଓ ସମାଧାନର ସମ୍ଭାବନାକୁ ମଧ୍ୟ ଆଲୋକପାତ କରିବା। ତଥ୍ୟର ସତ୍ୟତା ଯାଞ୍ଚ କରିବା, ସମସ୍ତ ପକ୍ଷର ମତ ନେବା ଓ ଅପ୍ରମାଣିତ ଅଭିଯୋଗକୁ ସତ୍ୟ ଭାବେ ଉପସ୍ଥାପନ ନକରିବା ପ୍ରତ୍ୟେକ ଦାୟିତ୍ୱବାନ ଗଣମାଧ୍ୟମର କର୍ତ୍ତବ୍ୟ। ସମାଲୋଚନା ଗଣତନ୍ତ୍ରକୁ ଦୁର୍ବଳ କରେ ନାହିଁ; ବରଂ ତଥ୍ୟଭିତ୍ତିକ ଓ ଗଠନମୂଳକ ସମାଲୋଚନା ଶାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିପାରେ। ଏହି କାରଣରୁ ଜନସାଧାରଣଙ୍କ ପ୍ରଶ୍ନକୁ ସମ୍ମାନ ଦେବା ଓ ସେମାନଙ୍କ ଅଭିଯୋଗର ସମାଧାନ କରିବା ଏକ ସୁସ୍ଥ ଗଣତନ୍ତ୍ରର ଆବଶ୍ୟକତା। ଓଡ଼ିଶାକୁ ଆଗକୁ ନେବା ପାଇଁ ଅଳ୍ପକାଳୀନ ଯୋଜନା ସହ ଦୀର୍ଘମିଆଦୀ ଦୂରଦୃଷ୍ଟି ଆବଶ୍ୟକ।

ମଣିଷ ଜୀବନରେ ଧୈର୍ଯ୍ୟର ଆବଶ୍ୟକତା



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ମଣିଷ ଜୀବନ ହେଉଛି ସୁଖ ଓ ଦୁଃଖ, ହସ ଓ କାନ୍ଦ, ସଫଳତା, ବିଫଳତା, ଆଶା ଓ ନିରାଶାର ଏକ ଅପୂର୍ବ ସମନ୍ୱୟ। ଜୀବନର ପ୍ରତ୍ୟେକ ପଥରେ ମଣିଷକୁ ନାନା ପ୍ରକାରର ପରିସ୍ଥିତିର ସାମ୍ନା କରିବାକୁ ପଡ଼େ। କେତେବେଳେ ଜୀବନ ଫୁଲର ଶଯ୍ୟା ପରି ମନେ ହୁଏ, ତ ଆଉ କେତେବେଳେ ଏହା କଣ୍ଟକପୂର୍ଣ୍ଣ ପଥ ପରି ଅନୁଭବ ହୁଏ। ଏହି ସବୁ ପରିସ୍ଥିତି ମଧ୍ୟରେ ଯେଉଁ ଗୁଣ ମଣିଷକୁ ଦୃଢ଼ ଭାବରେ ଆଗକୁ ବଢ଼ିବାର ଶକ୍ତି ଦିଏ, ତାହା ହେଉଛି ଧୈର୍ଯ୍ୟ। ଧୈର୍ଯ୍ୟ ମଣିଷର ଏକ ମହାନ ଗୁଣ। ଏହା ମଣିଷକୁ ବିପଦରେ ଭାଙ୍ଗି ନପଡ଼ିବାକୁ, ବିଫଳତାରେ ହତାଶ ନହେବାକୁ ଏବଂ ସଫଳତା ପାଇଁ ନିରନ୍ତର ପରିଶ୍ରମ କରିବାକୁ ପ୍ରେରଣା ଦିଏ। ଜୀବନରେ ଧନ, ଜ୍ଞାନ, ଶକ୍ତି ଓ ପ୍ରତିଭାର ମହତ୍ତ୍ୱ ରହିଛି; କିନ୍ତୁ ଏହି ସବୁ ଗୁଣକୁ ଉପଯୁକ୍ତ ଭାବରେ ବ୍ୟବହାର କରିବା ପାଇଁ ଧୈର୍ଯ୍ୟ ଅତ୍ୟନ୍ତ ଆବଶ୍ୟକ। ତେଣୁ ଧୈର୍ଯ୍ୟକୁ ମଣିଷ ଜୀବନର ଏକ ଅମୂଲ୍ୟ ସମ୍ପଦ ବୋଲି କୁହାଯାଏ। ଧୈର୍ଯ୍ୟର ସାଧାରଣ ଅର୍ଥ ହେଉଛି ଧୀରସ୍ଥିର ମନରେ ପରିସ୍ଥିତିକୁ ସାମ୍ନା କରିବା, ଉଚିତ ସମୟକୁ ଅପେକ୍ଷା କରିବା ଏବଂ ବାଧାବିଘ୍ନ ସତ୍ତ୍ୱେ ନିଜର ଲକ୍ଷ୍ୟ ଦିଗରେ ଆଗେଇ ଚାଲିବା। ଧୈର୍ଯ୍ୟର ଅର୍ଥ ନିଷ୍କ୍ରିୟ ହୋଇ ବସି ରହିବା ନୁହେଁ। ବରଂ ଠିକ୍ ସମୟରେ ଠିକ୍ କାମ କରିବା ଏବଂ ଫଳ ପାଇବା ପର୍ଯ୍ୟନ୍ତ ନିଜର ଉଦ୍ୟମ ଜାରି ରଖିବା ହିଁ ପ୍ରକୃତ ଧୈର୍ଯ୍ୟ। ଜଣେ ଧୈର୍ଯ୍ୟବାନ ବ୍ୟକ୍ତି ତୁରନ୍ତ ଫଳ ନମିଳିଲେ ନିରାଶ ହୁଏ ନାହିଁ। ସେ ନିଜର ଭୁଲକୁ ଚିହ୍ନିବା ସହିତ ତାହାର ସଂଶୋଧନ କରେ। କ୍ରୋଧ ଆସିଲେ ମଧ୍ୟ ନିଜର ବାଣୀ ଓ ବ୍ୟବହାର ଉପରେ ନିୟନ୍ତ୍ରଣ ରଖେ। ଅନ୍ୟମାନଙ୍କର ଭୁଲକୁ ବୁଝିବାକୁ ଚେଷ୍ଟା କରେ ଏବଂ ଅସୁବିଧା ସମୟରେ ମଧ୍ୟ ଆଶା ହରାଏ ନାହିଁ। ଧୈର୍ଯ୍ୟ ହେଉଛି ମନର ସ୍ଥିରତା, ଚିନ୍ତାର ପରିପକ୍ୱତା ଓ କାର୍ଯ୍ୟରେ ନିୟମିତତାର ପରିଚୟ। ଏହା ମଣିଷକୁ ଆବେଗରେ ଭୁଲ ନିଷ୍ପତ୍ତି ନେବାରୁ ରକ୍ଷା କରେ। ତେଣୁ ଧୈର୍ଯ୍ୟ କେବଳ ଅପେକ୍ଷା କରିବାର ଗୁଣ ନୁହେଁ, ଏହା ହେଉଛି ବିବେକ ଓ ଆତ୍ମସଂଯମର ଏକ ମହାନ ରୂପ।

ମଣିଷ ଜୀବନରେ ଧୈର୍ଯ୍ୟର ଆବଶ୍ୟକତା ପ୍ରତ୍ୟେକ କ୍ଷେତ୍ରରେ ରହିଛି। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷ ବିଭିନ୍ନ ଅନୁଭୂତି ଓ ପରିସ୍ଥିତି ଦେଇ ଗତି କରେ। ଶୈଶବରେ ଶିଶୁ ଚାଲିବା, କଥା କହିବା ଓ ନୂଆ କଥା ଶିଖିବା ପାଇଁ ଅଭ୍ୟାସ କରେ। ଯୁବାବସ୍ଥାରେ ମଣିଷ ଶିକ୍ଷା, ଚାକିରି, ବ୍ୟବସାୟ ଓ ଜୀବନର ଲକ୍ଷ୍ୟ ହାସଲ ପାଇଁ ପରିଶ୍ରମ କରେ। ବୃଦ୍ଧାବସ୍ଥାରେ ମଧ୍ୟ ଧୈର୍ଯ୍ୟ ଓ ସହନଶୀଳତା ଜୀବନକୁ ସୁନ୍ଦର କରେ। ଧୈର୍ଯ୍ୟବାନ ମଣିଷ ସମସ୍ୟାକୁ ନିଜ ଜୀବନର ଶେଷ ବୋଲି ଭାବେ ନାହିଁ। ସେ ସମସ୍ୟାର କାରଣ ଖୋଜେ, ସମାଧାନର ଉପାୟ ଚିନ୍ତା କରେ ଏବଂ ଆବଶ୍ୟକ ହେଲେ ଅନ୍ୟମାନଙ୍କର ସାହାଯ୍ୟ ନିଏ। ଏହି ଗୁଣ ତାକୁ ଅଧିକ ଅଭିଜ୍ଞ, ସଚେତନ ଓ ଦାୟିତ୍ୱବାନ କରିଥାଏ। ସଫଳତା ଏକ ଦିନରେ ମିଳେ ନାହିଁ। ଏହା ପଛରେ ରହିଥାଏ ଦୀର୍ଘଦିନର ପରିଶ୍ରମ, ଅଭ୍ୟାସ, ଆତ୍ମବିଶ୍ୱାସ ଓ ଧୈର୍ଯ୍ୟ। ଯେଉଁ ବ୍ୟକ୍ତି ସାମାନ୍ୟ ବାଧା ଦେଖି ନିଜର ଉଦ୍ୟମ ଛାଡ଼ିଦିଏ, ସେ ଅନେକ ସମୟରେ ନିଜର ଲକ୍ଷ୍ୟରେ ପହଞ୍ଚିପାରେ ନାହିଁ। କିନ୍ତୁ ଯିଏ ବାଧାବିଘ୍ନକୁ ଶିକ୍ଷାର ସୁଯୋଗ ଭାବରେ ଗ୍ରହଣ କରେ, ସେ ଧୀରେ ଧୀରେ ଉନ୍ନତି କରେ। ଛାତ୍ରଜୀବନ ମଣିଷର ଭବିଷ୍ୟତ ଗଠନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ସମୟରେ ଛାତ୍ରଛାତ୍ରୀମାନେ ଜ୍ଞାନ ଅର୍ଜନ କରିବା ସହିତ ଶୃଙ୍ଖଳା, ସମୟାନୁବର୍ତ୍ତିତା, ପରିଶ୍ରମ ଓ ଧୈର୍ଯ୍ୟ ପରି ଗୁଣ ଶିଖିଥାନ୍ତି। ପାଠପଢ଼ାରେ ସବୁ ବିଷୟ ସହଜ ଲାଗେ ନାହିଁ। କେତେକ ବିଷୟ ବୁଝିବା ପାଇଁ ବାରମ୍ବାର ପଢ଼ିବାକୁ ପଡ଼େ। ଗଣିତର ଏକ ଜଟିଳ ପ୍ରଶ୍ନ ସମାଧାନ କରିବାକୁ ଅନେକ ଚେଷ୍ଟା କରିବାକୁ ହୁଏ। ବିଜ୍ଞାନର କୌଣସି ଧାରଣା ବୁଝିବା ପାଇଁ ଉଦାହରଣ ଓ ପ୍ରୟୋଗର ସାହାଯ୍ୟ ନେବାକୁ ପଡ଼େ। ଏପରି ସମୟରେ ଛାତ୍ର ଯଦି ଅଧୈର୍ଯ୍ୟ ହୋଇ ପାଠ ଛାଡ଼ିଦିଏ, ତେବେ ତାହାର ଶିକ୍ଷା ଅସମ୍ପୂର୍ଣ୍ଣ ରହିପାରେ। ଧୈର୍ଯ୍ୟବାନ ଛାତ୍ର ଜାଣେ ଯେ ଜ୍ଞାନ ଅର୍ଜନ ଏକ ନିରନ୍ତର ପ୍ରକ୍ରିୟା। ଆଜି ଯାହା କଷ୍ଟକର ଲାଗୁଛି, ନିୟମିତ ଅଭ୍ୟାସ ଦ୍ୱାରା ତାହା ଆସନ୍ତାକାଲି ସହଜ ହୋଇପାରେ। ତେଣୁ ଛାତ୍ର ଜୀବନରେ ଧୈର୍ଯ୍ୟ ହେଉଛି ଉଜ୍ଜ୍ୱଳ ଭବିଷ୍ୟତର ଏକ ମୂଳଦୁଆ।

ଧୈର୍ଯ୍ୟ ମଣିଷକୁ ଏହି ଶିକ୍ଷା ଦିଏ ଯେ କୌଣସି କଠିନ ପରିସ୍ଥିତି ସବୁବେଳେ ଏକାପରି ରହେ ନାହିଁ। ସମୟ ସହିତ ପରିସ୍ଥିତି ବଦଳିପାରେ। ଆଜିର ଅନୁଭବ ଆଗାମୀ ଦିନରେ ଆମକୁ ଅଧିକ ସଚେତନ ଓ ଅଭିଜ୍ଞ କରିପାରେ। ତେବେ ଧୈର୍ଯ୍ୟର ଅର୍ଥ ଦୁଃଖକୁ ନିରବରେ ସହିବା ମାତ୍ର ନୁହେଁ। କୌଣସି ସମସ୍ୟା ଅସହ୍ୟ ହେଲେ ପରିବାର, ବନ୍ଧୁ, ଶିକ୍ଷକ କିମ୍ବା ବିଶ୍ୱସ୍ତ ବ୍ୟକ୍ତିଙ୍କ ସାହାଯ୍ୟ ନେବା ମଧ୍ୟ ବୁଦ୍ଧିମତାର ପରିଚୟ। ସାହାଯ୍ୟ ଗ୍ରହଣ କରିବା ଦୁର୍ବଳତା ନୁହେଁ; ଏହା ହେଉଛି ସମସ୍ୟାର ସମାଧାନ ପାଇଁ ଏକ ସାହସିକ ପଦକ୍ଷେପ। ମଣିଷ ଏକ ସାମାଜିକ ପ୍ରାଣୀ। ସେ ଏକାକୀ ଜୀବନଯାପନ କରିପାରେ ନାହିଁ। ସମାଜରେ ବସବାସ କରିବା ପାଇଁ ଅନ୍ୟମାନଙ୍କର ଭାବନା, ଅଧିକାର ଓ ମତାମତକୁ ସମ୍ମାନ ଦେବା ଆବଶ୍ୟକ। ଏହି କାର୍ଯ୍ୟରେ ଧୈର୍ଯ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଗୁଣ। ସମାଜରେ ବିଭିନ୍ନ ଧର୍ମ, ଭାଷା, ସଂସ୍କୃତି ଓ ଚିନ୍ତାଧାରାର ଲୋକ ରହନ୍ତି। ସମସ୍ତଙ୍କର ମତାମତ ଏକାପରି ହେବା ସମ୍ଭବ ନୁହେଁ। ଯଦି ମଣିଷ ଅନ୍ୟର ମତକୁ ଶୁଣିବା ପୂର୍ବରୁ ତାହାକୁ ଭୁଲ ବୋଲି କହିଦିଏ, ତେବେ ସମାଜରେ ବିବାଦ ବଢ଼ିପାରେ। କିନ୍ତୁ ଧୈର୍ଯ୍ୟର ସହିତ ଅନ୍ୟର କଥା ଶୁଣିବା ଓ ଯୁକ୍ତି ଦ୍ୱାରା ମତଭେଦର ସମାଧାନ କରିବା ଦ୍ୱାରା ସାମାଜିକ ଏକତା ଦୃଢ଼ ହୁଏ। ଧୈର୍ଯ୍ୟବାନ ବ୍ୟକ୍ତି ଅନ୍ୟମାନଙ୍କୁ ଅପମାନିତ କରିବା ପରିବର୍ତ୍ତେ ସେମାନଙ୍କୁ ବୁଝିବାକୁ ଚେଷ୍ଟା କରେ। ସେ ଅନ୍ୟାୟକୁ ସମର୍ଥନ କରେ ନାହିଁ, କିନ୍ତୁ ଅନ୍ୟାୟର ପ୍ରତିବାଦ ମଧ୍ୟ ସଂଯମ ଓ ବିବେକର ସହିତ କରେ। ତେଣୁ ଶାନ୍ତିପୂର୍ଣ୍ଣ ଓ ସୁସ୍ଥ ସମାଜ ଗଠନ ପାଇଁ ଧୈର୍ଯ୍ୟ ଅତ୍ୟନ୍ତ ଆବଶ୍ୟକ। ପ୍ରକୃତି ହେଉଛି ଧୈର୍ଯ୍ୟର ଏକ ମହାନ ଶିକ୍ଷକ। ପ୍ରକୃତିର ପ୍ରତ୍ୟେକ ଉପାଦାନ ଆମକୁ ନିରବରେ ଧୈର୍ଯ୍ୟର ମହତ୍ତ୍ୱ ବୁଝାଇଥାଏ। ଏକ ଛୋଟ ମଞ୍ଜି ମାଟି ଭିତରେ ପଡ଼ି ଧୀରେ ଧୀରେ ଅଙ୍କୁରିତ ହୁଏ। ତାହାକୁ ଏକ ବଡ଼ ଗଛ ହେବା ପାଇଁ ସମୟ ଲାଗେ। ଗଛ ଫୁଲ ଓ ଫଳ ଦେବା ପୂର୍ବରୁ ଅନେକ ଋତୁର ପରିବର୍ତ୍ତନକୁ ସହ୍ୟ କରେ। ନଦୀ ପଥର ଓ ପାହାଡ଼ ମଧ୍ୟରେ ନିଜର ପଥ ଖୋଜି ଆଗକୁ ବହିଯାଏ। ସୂର୍ଯ୍ୟ ପ୍ରତିଦିନ ଉଦୟ ହୋଇ ଆମକୁ ଆଲୋକ ଓ ଉଷ୍ଣତା ପ୍ରଦାନ କରେ। ପ୍ରକୃତିର ଏହି ଦୃଶ୍ୟଗୁଡ଼ିକ ଆମକୁ ଶିଖାଏ ଯେ ବଡ଼ ପରିବର୍ତ୍ତନ ପାଇଁ ସମୟ ଓ ନିରନ୍ତର ପ୍ରୟାସ ଆବଶ୍ୟକ। ମଣିଷ ମଧ୍ୟ ଯଦି ନିଜର ଲକ୍ଷ୍ୟ ପାଇଁ ଧୈର୍ଯ୍ୟର ସହିତ କାମ କରେ, ତେବେ ସେ ଧୀରେ ଧୀରେ ନିଜର ଦକ୍ଷତା ଓ ଜ୍ଞାନକୁ ବଢ଼ାଇପାରିବ।

ଧୈର୍ଯ୍ୟ ଏକ ଏପରି ଗୁଣ, ଯାହାକୁ ନିୟମିତ ଅଭ୍ୟାସ ଦ୍ୱାରା ବିକଶିତ କରାଯାଇପାରେ। ଏହା ଜନ୍ମରୁ ସମସ୍ତଙ୍କଠାରେ ସମାନ ଭାବରେ ଥାଏ ନାହିଁ। ଦୈନନ୍ଦିନ ଜୀବନରେ କିଛି ଭଲ ଅଭ୍ୟାସ ଗ୍ରହଣ କରି ଆମେ ନିଜର ଧୈର୍ଯ୍ୟ ବଢ଼ାଇପାରିବା। କୌଣସି ସମସ୍ୟା ଆସିଲେ ସଙ୍ଗେ ସଙ୍ଗେ ପ୍ରତିକ୍ରିୟା ନଦେଇ କିଛି ସମୟ ନେଇ ଚିନ୍ତା କରିବା ଉଚିତ। ଏହା ଆମକୁ ଆବେଗରେ ଭୁଲ ନିଷ୍ପତ୍ତି ନେବାରୁ ରକ୍ଷା କରେ। ନିଜ ଜୀବନରେ ବାସ୍ତବସମ୍ମତ ଲକ୍ଷ୍ୟ ରଖିବା ଆବଶ୍ୟକ। ବଡ଼ ଲକ୍ଷ୍ୟକୁ ଛୋଟ ଛୋଟ ପଦକ୍ଷେପରେ ବିଭକ୍ତ କଲେ ତାହାକୁ ହାସଲ କରିବା ସହଜ ହୁଏ। ପ୍ରତିଦିନ ଅଳ୍ପ ଅଳ୍ପ ଉନ୍ନତି କରିବା ଦ୍ୱାରା ଆତ୍ମବିଶ୍ୱାସ ବଢ଼େ। ନିୟମିତ ପାଠପଢ଼ା, ଯୋଗ, ଧ୍ୟାନ, ପ୍ରାର୍ଥନା ଓ ଶାନ୍ତ ଭାବରେ କିଛି ସମୟ ଅତିବାହିତ କରିବା ମନକୁ ସ୍ଥିର କରିବାରେ ସାହାଯ୍ୟ କରିପାରେ। ବିଫଳତାକୁ ନିଜର ଅକ୍ଷମତାର ପ୍ରମାଣ ବୋଲି ନଭାବି ତାହାରୁ ଶିକ୍ଷା ଗ୍ରହଣ କରିବା ଆବଶ୍ୟକ। ନିଜର ଭୁଲକୁ ସ୍ୱୀକାର କରି ସଂଶୋଧନ କରିବା ଧୈର୍ଯ୍ୟର ଏକ ମହତ୍ତ୍ୱପୂର୍ଣ୍ଣ ଲକ୍ଷଣ। ଧୈର୍ଯ୍ୟ ଆମକୁ ଶିଖାଏ ଯେ ପ୍ରତ୍ୟେକ ଭୁଲ ଏକ ନୂଆ ଶିକ୍ଷାର ସୁଯୋଗ। ଆତ୍ମବିଶ୍ୱାସ ଆମକୁ ଶିଖାଏ ଯେ ଆମେ ଚେଷ୍ଟା କରିବାକୁ ସକ୍ଷମ। ଏହି ଦୁଇଟି ଗୁଣ ଏକାଠି ରହିଲେ ମଣିଷ ନିଜର ଦୁର୍ବଳତାକୁ ଚିହ୍ନି ତାହାକୁ ଦୂର କରିବା ପାଇଁ ଉଦ୍ୟମ କରିପାରେ। ଧୈର୍ଯ୍ୟ ହେଉଛି ମଣିଷ ଜୀବନର ଏକ ଅମୂଲ୍ୟ ଅଳଙ୍କାର। ଏହା ମଣିଷକୁ କଠିନ ପରିସ୍ଥିତିରେ ସ୍ଥିର ରହିବା, ବିଫଳତାରୁ ଶିକ୍ଷା ଗ୍ରହଣ କରିବା, ସମ୍ପର୍କକୁ ସୁଦୃଢ଼ କରିବା ଓ ନିଜର ଲକ୍ଷ୍ୟ ହାସଲ ପାଇଁ ନିରନ୍ତର ପରିଶ୍ରମ କରିବାର ଶକ୍ତି ପ୍ରଦାନ କରେ। ଧୈର୍ଯ୍ୟବାନ ବ୍ୟକ୍ତି ଜୀବନର ପ୍ରତ୍ୟେକ ଘଟଣାରୁ କିଛି ନା କିଛି ଶିଖିଥାଏ। ସେ ସଫଳତାରେ ଅହଙ୍କାରୀ ହୁଏ ନାହିଁ ଏବଂ ବିଫଳତାରେ ନିଜର ଆତ୍ମବିଶ୍ୱାସ ହରାଏ ନାହିଁ। ସେ ଜାଣେ ଯେ ଜୀବନରେ ଉନ୍ନତି କରିବା ପାଇଁ ଧୈର୍ଯ୍ୟ ସହିତ ପରିଶ୍ରମ, ଶୃଙ୍ଖଳା, ଆତ୍ମବିଶ୍ୱାସ ଓ ସଠିକ୍ ଦିଗରେ ପ୍ରୟାସ ଆବଶ୍ୟକ। ଧୈର୍ଯ୍ୟ ଆମକୁ ଅପେକ୍ଷା କରିବା ଶିଖାଏ, ପରିଶ୍ରମ ଆମକୁ ଆଗକୁ ବଢ଼ାଏ ଏବଂ ଆତ୍ମବିଶ୍ୱାସ ଆମକୁ ଲକ୍ଷ୍ୟରେ ପହଞ୍ଚିବାର ପ୍ରେରଣା ଦିଏ। ତେଣୁ ଜୀବନରେ ଯେତେ ବାଧା ଆସୁନା କାହିଁକି, ଆମେ ଧୈର୍ଯ୍ୟ ହରାଇ ନଦେଇ ସତ୍ୟ, ନ୍ୟାୟ ଓ ପରିଶ୍ରମର ପଥରେ ଆଗକୁ ବଢ଼ିବା ଉଚିତ।

+ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬

ଟିକେଟ୍ ବ୍ୟବସ୍ଥା ଓ ଆମ ଗଣତନ୍ତ୍ର



ଅଧ୍ୟାପକ ଗୋପବନ୍ଧୁ

ଭାରତୀୟ ଗଣତନ୍ତ୍ରରେ ଟିକେଟ୍ ବଣ୍ଟନ ଏକ ମୁଖ୍ୟ ପ୍ରସଙ୍ଗ। ରାଜନୀତିରେ ନିର୍ବାଚନ ଲଢ଼ିବା ପାଇଁ ଟିକେଟ୍ ପାଇବା ଏକ ସାଧାରଣ ବ୍ୟାପାର ନୁହେଁ। ଏଥିପାଇଁ ବହୁ ମାନସିକ ଓ ଶାରୀରିକ କସରତ କରିବାକୁ ପଡେ। ଦୌଡା ଦୌଡି କରିବାକୁ ପଡେ। ଟିକେଟ୍ କହିଲେ ଏକ ଲିଖିତ ପ୍ରତିଶ୍ରୁତି ବା ଅଙ୍ଗୀକାରବଦ୍ଧତାକୁ ବୁଝାଇ ଥାଏ। ସିନେମା ହଲରେ ସିନେମା ଦେଖିବା ପାଇଁ ଟିକେଟ୍, ସେହିପରି ସାଇକେଲ ଷ୍ଟାଣ୍ଡରେ ଟିକେଟ୍, ବସରେ ଟିକେଟ୍, ଟ୍ରେନରେ ଟିକେଟ୍, ଡାକ୍ତରଙ୍କୁ ଦେଖାଇବା ପାଇଁ ଟିକେଟ୍, ଏପରିକି ଶବଦାହ ପାଇଁ ବି ଟିକେଟ୍ ଲାଗେ। ତେବେ ରାଜନୀତିଜ୍ଞଙ୍କ ପାଇଁ ସେହି ଟିକେଟର ମହତ୍ତ୍ୱ ସର୍ବାଧିକ ଯେଉଁ ଟିକେଟ୍ ପାଇ ସେମାନେ କେନ୍ଦ୍ର ସଂସଦ ଅଥବା ରାଜ୍ୟ ବିଧାନସଭା ନିର୍ବାଚନ ଲଢ଼ିବାକୁ ସକ୍ଷମ ହୁଅନ୍ତି। ଭାରତୀୟ ରାଜନୈତିକ ଦଳମାନେ ଯେଉଁମାନଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରାଇବାକୁ ଚାହାଁନ୍ତି ତାଙ୍କୁ ଏଥିପାଇଁ ଟିକେଟ୍ ଦିଅନ୍ତି। ଯିଏ ଟିକେଟ୍ ପାଏ, ସେ ସମ୍ପୃକ୍ତ ଦଳରୁ ନିର୍ବାଚନ ଲଢ଼ିବା ନିଶ୍ଚିତ ବୋଲି ଜଣାପଡେ। ଏହା ଅଧା ବିଜୟ। ଯେଉଁମାନେ ନିର୍ବାଚନ ଲଢ଼ିବା ପାଇଁ ଚାହାଁନ୍ତି କୌଣସି ଲୋକପ୍ରତିନିଧି ସଦନରେ ସ୍ଥାନ ପାଇବା ପାଇଁ, ପ୍ରଥମେ ତାଙ୍କୁ ପ୍ରତିଦ୍ୱନ୍ଦିତା କରିବା ପାଇଁ ସମ୍ପୃକ୍ତ ପାର୍ଟିର ହାଇକମାଣ୍ଡଙ୍କଠାରୁ ଟିକେଟ୍ ଆଣିବାକୁ ପଡେ। ପ୍ରାର୍ଥୀ ଜଣକ ହାଇକମାଣ୍ଡଙ୍କୁ କିପରି ସନ୍ତୁଷ୍ଟ କରି ଟିକେଟ ଆଣିବେ ତାହାର ମାନ ଭିନ୍ନ ଭିନ୍ନ ପ୍ରକାରର ହୋଇଥାଏ। ନିର୍ବାଚନ ପାଖେଇ ଆସିଲେ ଆଶାୟୀମାନେ ଦୌଡା ଦୌଡ଼ି ଆରମ୍ଭ କରନ୍ତି। କେତେବେଳେ ରାଜ୍ୟ ରାଜଧାନୀ ତ କେତେବେଳେ ରାଷ୍ଟ୍ରୀୟ ରାଜଧାନୀକୁ ଦୌଡ଼ନ୍ତି ଯେଉଁଠାରେ ଦଳର ଉଚ୍ଚ ପଦାଧିକାରୀ ମାନେ ଅବସ୍ଥାନ କରିଥାନ୍ତି। ବେଳେବେଳେ ଏକା ଯାଆନ୍ତି ତ ଆଉ କେତେବେଳେ ସଦଳେବଳେ ଯାଆନ୍ତି। ଶକ୍ତି ପ୍ରଦର୍ଶନ ପାଇଁ ବସ୍ ଟ୍ରେନ ଯୋଗେ ବହୁ ଲୋକଙ୍କୁ ମତେଇ ଅଣାଯାଏ ନେତାଙ୍କୁ ଆକର୍ଷିତ କରିବା ପାଇଁ। ଭିଡ଼ଭାଡ ଦେଖି ନେତାବି ଖୁସ୍ ହୁଅନ୍ତି, ବେଶ୍ ପ୍ରଭାବିତ ହୁଅନ୍ତି। ଦାବୀଦାରଙ୍କ ମଧ୍ୟରୁ ଜଣକ ଉପରେ କୃପାବୃଷ୍ଟି ହୁଏ। ଅନ୍ୟମାନଙ୍କ ମୁହଁ ଆମିଳା।ବେଳେବେଳେ ଅଭିଯୋଗ ଆସେ ଯେ ଟିକେଟ ପାଇଁ ମୋଟା ଅଙ୍କର ଅର୍ଥ କାରବାର ହୁଏ। ଟଙ୍କା ପଇଠ କରିବାକୁ ପଡେ। ଏଥିପାଇଁ ଆଶାୟୀ ମାନେ ବ୍ୟାଗଧରି ରାଜ୍ୟ ରାଜଧାନୀ କିମ୍ବା ଦିଲ୍ଲୀ ଦଉଡନ୍ତି। ଏହି ଟଙ୍କା ମୁଖ୍ୟତଃ ବ୍ୟକ୍ତିଗତ ଭେଟି ରୂପରେ ପ୍ରଦାନ କରାଯାଏ। ଏଥିପାଇଁ ଅନେକଙ୍କୁ ସନ୍ତୁଷ୍ଟ କରିବାକୁ ପଡେ। ଏ ଦିଗରେ କୋଟି କୋଟି ଟଙ୍କାର କାରବାର ହୁଏ। ବେଳେ ବେଳେ ଗୋଟିଏ ଦଳର ଏକାଧିକ ଟିକଟ ଦାବିଦାରଙ୍କ ମଧ୍ୟରେ ମୂଳଚାଲ ବି ହୁଏ। ଏହି ପ୍ରକ୍ରିୟାରେ ଜଣେ ଟିକେଟ ଦାବିରୁ ଓହରି ଯିବାପାଇଁ ତାଙ୍କ ପ୍ରତିଯୋଗୀଙ୍କଠାରୁ ମୋଟା ଅଙ୍କର ଅର୍ଥ ଦାବୀ କରନ୍ତି। ଆହୁରି ମଧ୍ୟ ଅଭିଯୋଗ ହୁଏ ଯେ ଏଥିରେ 'ରାଧେ ରାଧେ ତୋର ଅଧେକୁ ମୋର ଅଧେ' ନୀତିର ବି ଅବଲମ୍ବନ ହୁଏ। ଜିତିବା କଥାକୁ ମାର ଗୁଲି। ଆଞ୍ଚଳିକ ହାଇକମାଣ୍ଡ ଓ ପ୍ରାର୍ଥୀ ମଧ୍ୟରେ ଡିଲ ହୁଏ, ଯାହା ଟଙ୍କା ଖର୍ଚ୍ଚ ପାଇଁ ଆସିବ ଅଧା ଅଧା ଭାଗ ହେବ। ଟିକେଟ୍ ନେଣଦେଣ ପ୍ରକ୍ରିୟାରେ ଅର୍ଥ କାରବାର କଥାକୁ ଏଡାଇ ଦିଆଯାଇ ପାରିବ ନାହିଁ। ସ୍ଥାନ ଭେଦରେ ପରିମାଣ ଅଲଗା ଅଲଗା ହୋଇପାରେ। ତେଣୁ ଟିକେଟ୍ ପାଇବା ପାଇଁ ଅର୍ଥ ବି ଏକ ସାଧନ ଅଟେ।

ଅନ୍ୟ ଏକ ଯୋଗ୍ୟତା ହେଉଛି ଟିକେଟ ପାଇବା ପାଇଁ ତୋଷାମଦିଆ ହେବା ଅତ୍ୟନ୍ତ ଜରୁରୀ। ଏଥିପାଇଁ ପାର୍ଟିର ରାଷ୍ଟ୍ରୀୟ କିମ୍ବା ପ୍ରାନ୍ତୀୟ ମୁଖିଆଙ୍କୁ ବାରମ୍ବାର ଦେଖା କରିବା, ସେ ଯୁଆଡେ ଯିବେ ତାଙ୍କ ସଙ୍ଗେ ସଙ୍ଗେ ଯିବା, ଆବଶ୍ୟକ ସ୍ଥଳେ ତାଙ୍କ ମୁଣ୍ଡ ଉପରେ ଛତା ଫୁଟେଇ ଚାଲିବା, ଜୋତା ବି ବହିବା, ଯେନତେନ ପ୍ରକାରେ ତାଙ୍କୁ ସନ୍ତୁଷ୍ଟ କରିବାର ଗୁଣ ଥିବା ଆବଶ୍ୟକ। ରାଜନୀତିରେ ଏ ପ୍ରକାର ଲୋକ ଭରପୂର। ଏପରିବି ନଜିର ଅଛି ନେତାଙ୍କ ରୋଷେୟା ଓ ଡ୍ରାଇଭମାନେ ଅନୁଗ୍ରହ ପାଇ ଦିନେ ବଡ ନେତା ହୋଇ ଯାଇଛନ୍ତି। ଯେଉଁମାନେ ତୋଷାମଦ କରିପାରନ୍ତି ନାହିଁ, ସେମାନେ ରାଜନୀତି ପାଇଁ ଅନୁପଯୁକ୍ତ ବୋଲି ସାଧାରଣରେ ଧାରଣା ରହିଛି। ଜଣକର ବିଜ୍ଞତା, ସାଧୁତା ଓ ପାରଦର୍ଶିତା ପରି ଗୁଣ ଅନେକ ସମୟରେ ଫେଲମାରେ, ତୋଷାମଦିଆ ବାଜି ମାରିନିଏ। ବିଜ୍ଞ ବ୍ୟକ୍ତି ଜଣକ କାନମୂଳ ଆଉଁସି ରହିଯାଏ। ଅନ୍ୟ ଏକ ମାରାତ୍ମକ ଅଭିଯୋଗ ମଧ୍ୟ ଆସେ ଯେ ଟିକେଟ ପାଇବା ପାଇଁ ଦେହସୁଖ ଦେବାର ମଧ ବ୍ୟବସ୍ଥା ହୁଏ। ହାଇକମାଣ୍ଡକୁ ସନ୍ତୁଷ୍ଟ କରିବା ପାଇଁ ଏହା ମଧ୍ୟ ଏକ ମାଧ୍ୟମ। ଟିକେଟ ପାଇବାର ଅନ୍ୟତମ ମାର୍ଗ ହେଉଛି ଯେ ପ୍ରାର୍ଥୀ ଜଣକ ଅନ୍ଧଭକ୍ତ ହୋଇଥିବ। ଅର୍ଥାତ ହାଇକମାଣ୍ଡଙ୍କ ହଁରେ ହଁ ଭରୁଥିବ ଓ ନା ରେ ନା କରୁଥିବ। ଉପର ବାଲାବି ଏଥିପ୍ରତି ଦୃଷ୍ଟି ଦିଅନ୍ତି। ଏହା କୌଣସି ଗୋଟିଏ ଦଳର କଥା ନୁହେଁ। ସଂଖ୍ୟାଧିକ ଦଳରେ ଅନ୍ଧଭକ୍ତଙ୍କ ଫୌଜ ରହିଛି। ଭୁଲ ହେଲେବି ନେତା ଯାହା କହିବେ ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ପ୍ରସ୍ତୁତ ଥିବା ଆବଶ୍ୟକ। ନେତା ଭୁଲ କହିଲେବି ତାକୁ ଭକ୍ତମାନେ ଠିକ ପ୍ରମାଣ କରିବାକୁ ଚେଷ୍ଟା କରୁଥିବେ। ତାହାର ଏକ ତାତ୍ତ୍ୱିକ ରୂପ ନିର୍ଣ୍ଣୟ କରିବାକୁ ଚେଷ୍ଟା କରିବେ। ବୈଜ୍ଞାନିକ ସିଦ୍ଧାନ୍ତ ଓ ତର୍କସମ୍ମତ ମତକୁ ମଧ୍ୟ ଜଳାଞ୍ଜଳି ଦିଆଯିବ। ନେତା ଯାହା କହିବେ ତାହା ଠିକ। ନେତାଙ୍କ କଥନକୁ ଠିକ ବୋଲି ପ୍ରମାଣ କରିବା ପାଇଁ ଏମାନେ ହିଂସାକୁ ଓହ୍ଲାଇ ପାରୁଥିବେ। ନେତାଙ୍କ କଥାରେ ପଡ଼ି ଏମାନେ ଭୁଲକୁ ଠିକ୍ ବୋଲି କହୁଥିବେ, ଅନାଦର୍ଶକୁ ଆଦର୍ଶ ବୋଲି କରୁଥିବେ। ନବୁଝି ନେତା ହସିଲେ ଏମାନେ ହସିବେ, ନେତା କାନ୍ଦିଲେ ଏମାନେ କାନ୍ଦିବେ, ନେତା ତାଳି ମାରିଲେ ଏମାନେ ବି ତାଳି ମାରିବେ, ନେତାର ମିଛକୁ ସତକହି ପ୍ରଚାର କରିବେ।

ଟିକେଟ୍ ବଣ୍ଟନ ଏକ ଅଗଣତାନ୍ତ୍ରିକ ପ୍ରକ୍ରିୟା। କେଉଁ ଅଞ୍ଚଳରୁ କିଏ ପ୍ରାର୍ଥୀ ହେବେ ଏହା ସେହି ଅଞ୍ଚଳର କର୍ମୀମାନେ ବାଛିବା ହେଉଛି ଗଣତାନ୍ତ୍ରିକ ପଦ୍ଧତି। ପରିପକ୍ୱ ଗଣତନ୍ତ୍ରରେ ଏପରି ହୁଏ। ଯୁକ୍ତରାଷ୍ଟ୍ର ଆମେରିକା ଓ ଇଂଲଣ୍ଡ ପରି ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣତାନ୍ତ୍ରିକ ପ୍ରକ୍ରୀୟା କର୍ମୀଠାରୁ ଆରମ୍ଭ ହୁଏ। ଗୋଟିଏ ଦଳର କର୍ମୀମାନେ ବାଛନ୍ତି ସେହି ଦଳରୁ କିଏ ପ୍ରାର୍ଥୀ ହେବେ। ଆମ ଦେଶରେ ସେପରି ହୁଏ ନାହିଁ। ଏଠାରେ ଗୋଟିଏ ଦଳରୁ କିଏ ପ୍ରାର୍ଥୀ ହେବେ ତାହା ହାଇକମାଣ୍ଡ ନିର୍ଣ୍ଣୟ କରନ୍ତି। ଟିକେଟ ଉପରୁ ଆସେ। ଯାହା ଉପରେ ହାଇକମାଣ୍ଡ ସନ୍ତୁଷ୍ଟ ହୁଅନ୍ତି ତାଙ୍କୁହିଁ ଟିକେଟ ଦିଅନ୍ତି। ଅନେକ ସମୟରେ ଯୁକ୍ତି ଆସେ ଯେ ହାଇକମାଣ୍ଡ ତାଙ୍କୁ ଟିକେଟ ଦିଅନ୍ତି ଯିଏ ଗୋଟିଏ ଅଞ୍ଚଳରେ ଲୋକପ୍ରୀୟ ହୋଇଥାଏ। ଏଥିପାଇଁ ସର୍ଭେ ହୁଏ, ଲୋକଙ୍କ ମତ ନିଆଯାଏ ଇତ୍ୟାଦି। ବାସ୍ତବରେ ଏପରି ହୁଏ ନାହିଁ। ଅନେକ ରାଜନୈତିକ ଦଳ ଏପରି କରନ୍ତି ନାହିଁ। ଯେଉଁମାନେ ଏପରି କରନ୍ତି ତାହା ନାମକୁ ମାତ୍ର। ବାସ୍ତବତା ସହିତ ଏହାର କୌଣସି ମେଳ ନଥାଏ।

ପ୍ରାୟତଃ ଦେଖାଯାଏ ଯିଏ ଲୋକପ୍ରୀୟ ଓ ପ୍ରଭାବଶାଳୀ ସେ ଟିକେଟ୍ ପାଏ ନାହିଁ। ଯିଏ ଚାଟୁକାର, ଯାହା ପାଖରେ ଅର୍ଥବଳ ଓ ବାହୁବଳ ରହିଛି ସିଏ ଟିକେଟ ପାଏ। ଫଳରେ ଗଣତନ୍ତ୍ରର ମୂଳମନ୍ତ୍ର ଯେଉଁ ଉତ୍କୃଷ୍ଟ, ସ୍ୱଚ୍ଛୋଟ, ଜ୍ଞାନୀ ଓ ପାରଦର୍ଶୀ ଲୋକମାନେ ପ୍ରତିନିଧିତ୍ୱ କରିବେ, ତାହା ବ୍ୟାହତ ହୁଏ। ଗଣତାନ୍ତ୍ରିକ ବ୍ୟବସ୍ଥା ଆଦର୍ଶହୀନ ହୋଇଯାଏ। ଏହା ମୁଷ୍ଟିମେୟ ସ୍ୱେଚ୍ଛାଚାରୀଙ୍କ ହାତକୁ ଚାଲିଯାଏ। ରାଜନୈତିକ ଦଳଗୁଡିକ ବ୍ୟକ୍ତିଗତ ଅଥବା ଗୋଷ୍ଠୀଗତ କମ୍ପାନୀରେ ପରିଣତ ହୁଏ। ସାଧାରଣ ଲୋକଙ୍କ ନିକଟରେ ଅନ୍ୟ କୌଣସି ବାଟ ନଥାଏ, ସେମାନଙ୍କୁ ଏହି କମ୍ପାନୀ ମାନଙ୍କ ମଧ୍ୟରୁ ଗୋଟିଏକୁ ବାଛିବାକୁ ହୁଏ। ଟିକେଟ ବ୍ୟବସ୍ଥା ଏ ପ୍ରକ୍ରିୟାକୁ ଆହୁରି ପ୍ରସାରିତ କରେ। ଫଳରେ ବିଭିନ୍ନ ରାଜନୈତିକ ଦଳ ନାମରେ କ୍ରମେ ଅନ୍ଧଭକ୍ତଙ୍କ ଫୌଜ ତିଆରି ହୁଏ। ବିତର୍କ ସମାପ୍ତ ହୁଏ।

ଟିକେଟ ବ୍ୟବସ୍ଥା ଗଣତନ୍ତ୍ର ପାଇଁ ବିପଦ। ଏ ଦିଗରେ ନିର୍ବାଚନ ଆୟୋଗ ସଂଜ୍ଞାନ ନେବା ଉଚିତ୍ ଯେ କୌଣସି ଦଳର ପ୍ରାର୍ଥୀ ଚୟନ ଗଣତାନ୍ତ୍ରିକ ଉପାୟରେ ହୋଇଛି କି ନାହିଁ। ଅର୍ଥାତ ସମ୍ପୃକ୍ତ ଅଞ୍ଚଳର କର୍ମୀଙ୍କ ସମର୍ଥନରେ ହୋଇଛି କି ହାଇକମାଣ୍ଡଙ୍କ ଇଚ୍ଛାମତେ ହୋଇଛି ତାହା ତଦାରଖ କରିବା ଉଚିତ। ଆଞ୍ଚଳିକ କର୍ମୀଙ୍କ ଅନୁମୋଦନ ବିନା ଟିକେଟ୍ ଦିଆ ଯାଇଥିବା ପ୍ରାର୍ଥୀଙ୍କୁ ନାକଚ କରାଯିବାର ବ୍ୟବସ୍ଥା ହେଉ। ପ୍ରଚଳିତ ଟିକେଟ୍ ବ୍ୟବସ୍ଥା ଦିନେ ଗଣତନ୍ତ୍ରକୁ ଗ୍ରାସ କରିଯିବ, ଦେଶକୁ ଏକଚ୍ଛତ୍ରବାଦ ଆଡକୁ ଟାଣିନେବ। ଗଣତନ୍ତ୍ର ତାର ମୌଳିକତା ହରାଇବ।


+ବାରିପଦା, ମୟୂରଭଞ୍ଜ,
ମୋ: ୯୪୩୮୨୪୮୮୫୪



କବିତା କୋଣାର୍କ

ଶୁଭ୍ରମୟୀ ଆଗୋ ଶରତ ପ୍ରେମିକା

ଡ଼ଃ ବେଣୁଧର ସୂତାର



କେଉଁ ପ୍ରୀତିକୁଞ୍ଜ
କୁସୁମ ଗୋ ତୁମେ
ପୁଷ୍ପିତ ହୋଇଛ ଏ ଧରାଧାମେ
ଶରତ ଲଗନେ ଧରଣୀ ଅଙ୍ଗନେ
ରୂପେ ମାୟାପୁରୀ ରଚିଛ ତୁମେ
ମୃଦୁ ମନ୍ଦହାସ ଅଧର ଫାଙ୍କେ
ଶୁଭ୍ର କାନ୍ତିମୟ ରେଶମୀ ତନୁରେ
ମଞ୍ଜୁଳ ଶୃଙ୍ଗାରେ ସପନ ଆଙ୍କେ ।।
ରୂପସୀ ଅଳସୀ ଚାରୁ ଲାସ୍ୟହାସୀ
ଦିବ୍ୟରୂପା ଶରତର ପ୍ରେମିକା
ଶ୍ୱେତ ବସ୍ତ୍ରାନ୍ୱିତା ଭୂଲୋକ ମଣ୍ଡିତା
କୋମଳାଙ୍ଗୀ ଋତୁମତୀ ନାୟିକା
ଆଗୋ ସ୍ୱପ୍ନମୟୀ ଷୋଡ଼ଶୀ କନ୍ୟା
ପ୍ରକୃତିର ଏଇ ପାଟ ଅଗଣାରେ
ବୁହାଇଛ ରୂପ ମାଧୁର୍ଯ୍ୟ ବନ୍ୟା ।।
ଭରା ଭୂଲତାରେ ଭଉଁରୀ ଖେଳୁଛି
କାମନାର ନୀଳ ତରଙ୍ଗ ମାଳା
ରୂପନଈ ତୀରେ ପ୍ରୀତି ନଗରୀରେ
ଗାଉଛ ପ୍ରେମର ପଦ୍ମ ତୋଳା
ଆଖିରେ ଆଖିଏ ମିଠା ସପନ
ଚୋରା ଚାହାଣିର ଚହଲା ପ୍ରେମରେ
ଭୁଲାଇ ନେଉଛ ତପସ୍ୱୀ ମନ ।।
ନୈସର୍ଗିକ ଶୋଭା ସୁଷମା ସମ୍ଭାରେ
ତୁଷାର ଧବଳା ମୃଦୁ ମଞ୍ଜୁଳା
ନହ୍ଲି ଅଧରେ ହସ କୁହୁକରେ
ରଚିଛ ସ୍ୱପ୍ନର ବିପଣିମାଳା
ପ୍ରଣୟ ରାସର ମଗ୍ନ ମାଧୁରୀ
ଜୋଛନା ପଖଳା ଶାନ୍ତ ବିଭାବରୀ
ତୁମ ପାଇଁ ପ୍ରୀତି ଅଳକାପୁରୀ ।।
ଅସ୍ତରାଗ ଝରା ଗୋଧୂଳି ଲଗନେ
ଉଇଁଆସେ ରାସ ପୁନେଇଁ ଜହ୍ନ
ଶାଶ୍ୱତ ପ୍ରେମର ଯୁଗଳ ମିଳନେ
ମଧୁଝରା ଏଇ ଭାବ ବନ୍ଧନ
ପ୍ରଣୟୀ ଶରତ ଧରିତ୍ରୀ କୋଳେ
ଶୃଙ୍ଗାର ରାସରେ ପ୍ରଣୟ କୁଞ୍ଜରେ
ପ୍ରୀତି ସୁଧା ବୋଳେ ଅଧର ତଳେ ।।
ଶୋଭାମୟୀ ତୁମେ କୁଞ୍ଜ କାମିନୀ ଗୋ
ଅଧରେ ହସର ମୋହନୀ ମାୟା
ଭାବୁକ ଅନ୍ତରେ ତୋଳ ଭାବାନ୍ତର
କବିଙ୍କୁ କରିଛ ରୂପରେ ବାୟା
କୋଟି ଲାବଣ୍ୟର ଅମିୟ ଧାରା
ରୂପମୟୀ ତୁମ ରୂପ ମାଦକରେ
ହସି ହସାଉଛ ଏ ଧୂଳି ଧରା ।।

+କେଶଦୁରାପାଳ କେନ୍ଦୁଝର
ମୋ: ୯୧୭୮୫୬୮୨୪୬



ଘରେ ନିଜ କାମ ନିଜେ କରନ୍ତି ଅମିତାଭ ବଚ୍ଚନ, ହେଲେ ରୋଷେଇ ପାଇଁ ପତ୍ନୀ ଜୟାଙ୍କୁ କରନ୍ତି ଅନୁରୋଧ



ବଲିଉଡ୍‌ର ଶେହନଶାହ ଅମିତାଭ ବଚ୍ଚନଙ୍କର ସାରା ବିଶ୍ୱରେ କୋଟି କୋଟି ପ୍ରଶଂସକ ଅଛନ୍ତି। ତାଙ୍କର ଗୋଟିଏ ଝଲକ ପାଇବାକୁ ପ୍ରଶଂସକମାନେ ଅନେକ ସମୟ ଧରି ଚାହିଁ ରହିଥାନ୍ତି। ଅଭିନେତା ମଧ୍ୟ ନିଜ ଜୀବନ ସହ ଜଡ଼ିତ ଅନେକ ରୋଚକ କଥା ତାଙ୍କ ପ୍ରଶଂସକମାନଙ୍କ ସହ ସେୟାର କରିଥାନ୍ତି। ଅଗଷ୍ଟ ମାସରେ 'କୌନ୍ ବନେଗା କରୋଡ଼ପତି ୧୮'ର ଏକ ଏପିସୋଡ୍‌ରେ ସୁପରଷ୍ଟାର ଖୁଲାସା କରିଥିଲେ ଯେ ସେ ନିଜେ ଘରେ ଝାଡୁ-ପୋଛା କରନ୍ତି। କିନ୍ତୁ ଗୋଟିଏ କାମ ପାଇଁ ତାଙ୍କୁ ପତ୍ନୀ ଜୟା ବଚ୍ଚନଙ୍କୁ ଅନୁରୋଧ କରିବାକୁ ପଡ଼ିଥାଏ। ବାସ୍ତବରେ, 'କୌନ୍ ବନେଗା କରୋଡ଼ପତି ୧୮'ର ଏକ ଏପିସୋଡ୍‌ରେ ପ୍ରତିଯୋଗୀ ପ୍ରୀତିରାଜ ଅମିତାଭ ବଚ୍ଚନଙ୍କୁ ପଚାରିଥିଲେ ଯେ ଘରେ କାମ କରିବା ପାଇଁ କର୍ମଚାରୀ ନଥିଲେ ସେ ନିଜେ ଘରର ଦାୟିତ୍ୱ ସମ୍ଭାଳନ୍ତି କି? ଏହାର ଉତ୍ତରରେ ସୁପରଷ୍ଟାର କହିଥିଲେ ଯେ ନିଜେ ଦାୟିତ୍ୱ ତୁଲାଇବାରେ ତାଙ୍କର ଦ୍ୱିଧା ନାହିଁ। ଘର କାମ କରିବାକୁ ଅନେକ କର୍ମଚାରୀ ଅଛନ୍ତି, କିନ୍ତୁ ମୁଁ କାହା ଉପରେ ନିର୍ଭର କରେ ନାହିଁ। ମୁଁ ସବୁ କାମ ନିଜେ କରେ। ସଫାସୁତୁରାଠାରୁ ଆରମ୍ଭ କରି ଅନ୍ୟ ସମସ୍ତ କାମ ମୁଁ ନିଜେ ସମ୍ଭାଳେ।" ଅମିତାଭ ବଚ୍ଚନ ଘର ସଫା କରିବା କାମ ସହଜରେ କରିପାରୁଥିବା ବେଳେ ରୋଷେଇ କରିବା ତାଙ୍କ ପାଇଁ ଏକ ଭିନ୍ନ କଥା। ଅଭିନେତା ନିଜେ ସ୍ୱୀକାର କରିଥିଲେ ଯେ ତାଙ୍କୁ ରୋଷେଇ କରିବା ଜଣାନାହିଁ। ଅମିତାଭ କହିଥିଲେ, 'ମୋତେ ରୋଷେଇ କରିବା ଜଣାନାହିଁ। ଆବଶ୍ୟକ ପଡ଼ିଲେ ପରିବାର ଲୋକେ ବାହାରୁ ଖାଦ୍ୟ ମଗାଇ ନିଅନ୍ତି । ବେଳେବେଳେ ମୁଁ ଜୟାଙ୍କୁ କହେ, 'ଦେବୀଜୀ, ଦୟାକରି କିଛି ରାନ୍ଧି ଦିଅନ୍ତୁ। ଏହା ଶୁଣି ସେ ବହୁତ ଉତ୍ସାହିତ ହୋଇଯାଆନ୍ତି ଏବଂ ପ୍ରତିଦିନ ମୋ ପାଇଁ ଭିନ୍ନ ଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରନ୍ତି।' ଅନ୍ୟ ଏକ ଖବରରେ ଅମିତାଭ ବଚ୍ଚନ ନିଜ ପ୍ରଶଂସକମାନଙ୍କୁ ଜଣାଇଛନ୍ତି ଯେ ସେ କିଛି ସମୟ ପାଇଁ ଲେଖାଲେଖି ବନ୍ଦ ରଖୁଛନ୍ତି। ତାଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦିଆଯାଇଥିବାରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ନିଜର ସଦ୍ୟତମ ଟ୍ୱିଟ୍‌ରେ ଅଭିନେତା ଲେଖିଛନ୍ତି, "କ୍ଷମା କରିବେ... ମୋତେ କିଛି ଦିନ ବିଶ୍ରାମ ନେବା ଏବଂ ସୁସ୍ଥ ହେବା ପାଇଁ ବିରତି ନେବାକୁ ପରାମର୍ଶ ଦିଆଯାଇଛି। ତେଣୁ ମୁଁ ବର୍ତ୍ତମାନ କିଛି ଲେଖିପାରୁନାହିଁ।" ଏହାପୂର୍ବରୁ ଅମିତାଭ ନିଜ ବ୍ଲଗ୍ ପୋଷ୍ଟରେ ପ୍ରଶଂସକମାନଙ୍କୁ ଦଶହରାର ଶୁଭେଚ୍ଛା ଜଣାଇଥିଲେ। ଏଥିସହ ତାଙ୍କୁ ନିଜର କାର୍ଯ୍ୟକଳାପ ସୀମିତ ରଖିବାକୁ କୁହାଯାଇଥିବା ମଧ୍ୟ ଜଣାଇଥିଲେ। ଅମିତାଭ ଲେଖିଥିଲେ, "ସର୍ବପ୍ରଥମେ ସମସ୍ତଙ୍କୁ ଦଶହରାର ଶୁଭେଚ୍ଛା। ଆପଣମାନଙ୍କ ପାଇଁ ଅନେକ ଭଲପାଇବା, ଖୁସି ଓ ପ୍ରାର୍ଥନା। ମୋତେ ବର୍ତ୍ତମାନ ସମ୍ପୂର୍ଣ୍ଣ ବିଶ୍ରାମ ନେବା ଏବଂ ସୁସ୍ଥ ହେବାକୁ ପରାମର୍ଶ ଦିଆଯାଇଛି। ତେଣୁ ମୋତେ କଥାବାର୍ତ୍ତା କରିବାକୁ ଅନୁମତି ନାହିଁ। ଦୟାକରି କ୍ଷମା କରିବେ। ଯେଉଁମାନେ ବ୍ୟକ୍ତିଗତ ଭାବେ ମୋତେ ଶୁଭେଚ୍ଛା ଜଣାଇଛନ୍ତି, ସେମାନଙ୍କୁ ମଧ୍ୟ କ୍ଷମା ମାଗୁଛି। ଦୟାକରି ଏହାକୁ ମୋର ସମ୍ମାନପୂର୍ଣ୍ଣ ଉତ୍ତର ଭାବେ ଗ୍ରହଣ କରିବେ। ଆଶା କରୁଛି, ଆଗକୁ ପୁଣି ଆପଣମାନଙ୍କ ସହ କଥା ହେବି।"

ଅରିଜିତ୍ ସିଂ ବନାମ ଦିଲ୍‌ଜିତ୍ ଦୋସାଞ୍ଜ: କାହାର କନ୍‌ସର୍ଟ ଟିକେଟ୍ ଅଧିକ ମହଙ୍ଗା ?

ଭାରତର ଦୁଇ ଜଣ ଅତ୍ୟନ୍ତ ଲୋକପ୍ରିୟ ସଙ୍ଗୀତ ଶିଳ୍ପୀ ଅରିଜିତ୍ ସିଂ ଏବଂ ଦିଲ୍‌ଜିତ୍ ଦୋସାଞ୍ଜ ପୁଣି ଥରେ ଦେଶବ୍ୟାପୀ ନିଜର ମ୍ୟୁଜିକ୍ ଟୁର ପାଇଁ ପ୍ରସ୍ତୁତ ହେଉଛନ୍ତି। କିନ୍ତୁ ଏଥର ସେମାନଙ୍କ ଶୋ'ର ଟିକେଟ୍ ମୂଲ୍ୟ ସଙ୍ଗୀତପ୍ରେମୀଙ୍କ ମଧ୍ୟରେ ଏକ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି।

ଗୋଟିଏ ପଟେ ଅରିଜିତ୍ ସିଂଙ୍କ ପ୍ରିମିୟମ୍ କୋନ୍‌ସର୍ଟ ପ୍ୟାକେଜ୍‌ର ମୂଲ୍ୟ ୧୧.୮ ଲକ୍ଷ ଟଙ୍କା ଛୁଇଁଥିବା ବେଳେ, ଅନ୍ୟପଟେ ପଞ୍ଜାବୀ ସୁପରଷ୍ଟାର ଦିଲ୍‌ଜିତ୍ ଦୋସାଞ୍ଜ ନିଜର ସର୍ବାଧିକ ଟିକେଟ୍ ମୂଲ୍ୟ ମାତ୍ର ୧୮,୦୦୦ ଟଙ୍କା ମଧ୍ୟରେ ସୀମିତ ରଖିଛନ୍ତି।

ସଙ୍ଗୀତ ଜଗତରେ ୨୦ ବର୍ଷ ପୂରଣ ଅବସରରେ ଅରିଜିତ୍ ସିଂ ୨୦୨୭ ମସିହାରେ ଭାରତର ୯ଟି ପ୍ରମୁଖ ସହରରେ ବିଶାଳ ଟୁଅର ଆରମ୍ଭ କରିବାକୁ ଯାଉଛନ୍ତି। ଏହି ଯାତ୍ରା ଜାନୁଆରୀ ୨୦୨୭ ରୁ ମେ ୨୦୨୭ ପର୍ଯ୍ୟନ୍ତ ଚାଲିବ।

ଟିକେଟ୍ ମୂଲ୍ୟ: ସାଧାରଣ ସିଟ୍ ପାଇଁ ୯୯୯ ଟଙ୍କାରୁ ଆରମ୍ଭ ହୋଇ ମୁମ୍ବାଇର ମହାରାଷ୍ଟ୍ର ରେସ୍‌କୋର୍ସରେ ପ୍ରିମିୟମ୍ ୧୫-ସିଟର ଟେବୁଲ୍ ପାଇଁ ୧୧.୮ ଲକ୍ଷଟଙ୍କା ପର୍ଯ୍ୟନ୍ତ ରହିଛି।

୧୧.୮ଲକ୍ଷ ଟଙ୍କା ପ୍ୟାକେଜ୍‌ରେ କ'ଣ ସବୁ ସୁବିଧା ମିଳିବ ?

ଅଫିସିଆଲ୍ ଟିକେଟିଂ ପାର୍ଟନର ଅନୁଯାୟୀ, ଏହି ଦାମୀ ପ୍ୟାକେଜ୍‌ଗୁଡ଼ିକ ଏକ ସ୍ୱତନ୍ତ୍ର ଅନୁଭୂତି ପାଇଁ ତିଆରି କରାଯାଇଛି। ଏଥିରେ ରହିଛି:

ଆରାମଦାୟକ କାଉଚ୍ ସିଟିଂ

ସ୍ୱତନ୍ତ୍ର ଉପହାର ଓ ପ୍ରିମିୟମ୍ ଆଲକୋହଲ୍ ବୋତଲ

ସ୍ୱତନ୍ତ୍ର ଗେଟ୍ ଦେଇ ପ୍ରବେଶ ଓ ପ୍ରସ୍ଥାନ, ଏବଂ ଅଲଗା ଶୌଚାଳୟ ସୁବିଧା

ଇନ୍‌ଷ୍ଟାଗ୍ରାମ୍ ରିଲ୍: ଜଣେ ବ୍ୟକ୍ତିଗତ କଣ୍ଟେଣ୍ଟ କ୍ରିଏଟର ଅତିଥିଙ୍କ ଭିଡିଓ ସୁଟିଂ କରି ଶୋ'ର ପରଦିନ ସେମାନଙ୍କୁ ପ୍ରଦାନ କରିବେ।



ଆଶ୍ଚର୍ଯ୍ୟର ବିଷୟ ହେଉଛି, ଏତେ ଅଧିକ ମୂଲ୍ୟ ସତ୍ତ୍ୱେ ଅରିଜିତ୍‌ଙ୍କ ପ୍ରିମିୟମ୍ ଟିକେଟ୍‌ଗୁଡ଼ିକରୁ ପ୍ରାୟ୬୦% ଟିକେଟ୍ ଆଗୁଆ ବିକ୍ରି ହୋଇସାରିଛି। ୨୦୨୪ର ନିଜର 'ଦିଲ୍ ଲୁମିନାତି ଟୁର' ର ଭବ୍ୟ ସଫଳତା ପରେ, ଦିଲ୍‌ଜିତ୍ ଦୋସାଞ୍ଜ ନିଜର ଅରା ୱାର୍ଲ୍ଡ ଟୁର ର ଭାରତୀୟ ସଂସ୍କରଣ ଆରମ୍ଭ କରିବାକୁ ଯାଉଛନ୍ତି। କିନ୍ତୁ ଅରିଜିତ୍‌ଙ୍କ ତୁଳନାରେ ଦିଲ୍‌ଜିତ୍ ନିଜ ଟିକେଟ୍‌ର ମୂଲ୍ୟକୁ ସାଧାରଣ ଫ୍ୟାନ୍‌ଙ୍କ ପହଞ୍ଚ ମଧ୍ୟରେ ରଖିବାକୁ ଚେଷ୍ଟା କରିଛନ୍ତି। ସର୍ବାଧିକ ଟିକେଟ୍ ମୂଲ୍ୟ: ମାତ୍ର ୧୮,୦୦୦

ଟୁଅର ସୂଚୀ: ଦିଲ୍ଲୀ-ଏନ୍‌ସିଆର (ନଭେମ୍ବର ୧),ଇନ୍ଦୋର (ନଭେମ୍ବର ୧୫), ଅହମ୍ମଦାବାଦ (ନଭେମ୍ବର ୨୧), ମୁମ୍ବାଇ (ନଭେମ୍ବର ୨୭), ବେଙ୍ଗାଲୁରୁ (ନଭେମ୍ବର ୨୯), ଲକ୍ଷ୍ନୌ (ଡିସେମ୍ବର ୫)

ଦିଲ୍‌ଜିତ୍‌ଙ୍କ ଏହି ପଦକ୍ଷେପ ଯୋଗୁଁ ଅଧିକରୁ ଅଧିକ ପ୍ରଶଂସକ କୌଣସି ଅତ୍ୟଧିକ ମହଙ୍ଗା ଭିଆଇପି ପ୍ୟାକେଜ୍ ନକିଣି ସୋ'ର ମଜା ନେଇପାରିବେ।

ସୁଟରଙ୍କ ଟାର୍ଗେଟ୍‌ରେ ଅମିତାଭ, ଅକ୍ଷୟ ଓ ଆମିର: ଟାଇଗରଙ୍କୁ ଗୁଳି କରିବା ପାଇଁ ବନ୍ଧୁକ ଆଣିଥିଲେ ଉ ରପ୍ରଦେଶର ଦୁଇ ମହିଳା



ବଲିଉଡ୍ ଅଭିନେତା ଟାଇଗର ଶ୍ରଫ୍‌ଙ୍କ କାର ଉପରକୁ ଗୁଳିମାଡ଼ ଘଟଣାରେ ତଦନ୍ତ ତ୍ୱରାନ୍ୱିତ ହେବା ସହ ନୂଆ ତଥ୍ୟ ସାମନାକୁ ଆସିଛି।

ଟାଇଗରଙ୍କୁ ଟାର୍ଗେଟ୍ କରିବା ପୂର୍ବରୁ ଅଭିଯୁକ୍ତମାନେ ବଲିଉଡ୍‌ର ତିନି ପ୍ରମୁଖ ଅଭିନେତା ଅମିତାଭ ବଚ୍ଚନ, ଅକ୍ଷୟ କୁମାର ଓ ଆମିର ଖାନ୍‌ଙ୍କ ଘର ନିକଟରେ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଥିବା ଜଣାପଡ଼ିଛି। ତେବେ କଡ଼ା ସୁରକ୍ଷା ଯୋଗୁଁ ସେମାନେ ଯୋଜନା ବଦଳାଇ ଟାଇଗରଙ୍କୁ ଟାର୍ଗେଟ୍ କରିଥିବା ଅଭିଯୋଗ ହୋଇଛି।

ମୁମ୍ବାଇ କ୍ରାଇମବ୍ରାଞ୍ଚର କହିବା ଅନୁଯାୟୀ, ଟାଇଗର ଆକ୍ରମଣକାରୀଙ୍କ ମୂଳ ଟାର୍ଗେଟ୍ ନଥିଲେ। ଅମିତାଭଙ୍କ ସମେତ ତିନିଜଣ ପ୍ରମୁଖ ଅଭିନେତାଙ୍କୁ ଟାର୍ଗେଟ୍ କରିବାକୁ ଯୋଜନା ହୋଇଥିଲା। ତାଙ୍କ ଘର ସୁରକ୍ଷା ବ୍ୟବସ୍ଥା ଅତ୍ୟନ୍ତ କଡ଼ା ଥିବାରୁ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ପାରି ନଥିଲେ। ପରେ ଟାଇଗରଙ୍କ ସୁରକ୍ଷା ଓ ଯାତାୟାତ ସମ୍ପର୍କରେ ଅନୁଧ୍ୟାନ କରି ତାଙ୍କୁ ଟାର୍ଗେଟ୍ କରିଥିବା ତଦନ୍ତକାରୀ ସଂସ୍ଥା କହିଛି। ଏହି ମାମଲାରେ ଗିରଫ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। ଗୁଳିମାଡ଼ରେ ବ୍ୟବହୃତ ବନ୍ଧୁକ ଯୋଗାଇବା ଅଭିଯୋଗରେ ମୁମ୍ବାଇ ପୁଲିସ ବୁଧବାର ସମୀର ଓ ଜତିନ ନାମକ ଆଉ ଦୁଇ ଜଣଙ୍କୁ ଗିରଫ କରିଛି। ଏହା ପୂର୍ବରୁ ହରିୟାଣା ଓ ଦିଲ୍ଲୀରୁ ଦୁଇ ମହିଳାଙ୍କ ସମେତ ଚାରି ଜଣ ଗିରଫ ହୋଇଥିଲେ। ସେମାନେ ହେଲେ କୁନାଲ, ସୁମିତ, ରାଧା ଓ ବବିତା। ଏହାଛଡ଼ା ରାଜସ୍ଥାନର କୋଟାରୁ ତିନି ଜଣ ଗୁଳିଚାଳକ ରତିକ, ରେହାନ ଓ ଫୁଲ୍ ସିଂହଙ୍କୁ ଗିରଫ କରାଯାଇଥିଲା। ଗୁଜରାଟ ପୁଲିସ ମଧ୍ୟ ଲରେନ୍ସ ବିଷ୍ଣୋୟୀ ଗ୍ୟାଙ୍ଗ୍‌ର ଜଣେ ସଦସ୍ୟଙ୍କୁ ଗିରଫ କରିଥିବା ଖବରରେ କୁହାଯାଇଛି। ତଦନ୍ତ ଅନୁଯାୟୀ, କୁନାଲ ଓ ସୁମିତ ଅସ୍ତ୍ର କିଣିବା ପାଇଁ ଅମୃତସର ଯାଇଥିଲେ। କୁନାଲଙ୍କ ନିର୍ଦ୍ଦେଶରେ ରାଧା ଓ ବବିତା ଉତ୍ତରପ୍ରଦେଶରୁ ବନ୍ଧୁକ ଆଣି ମୁମ୍ବାଇରେ ପହଞ୍ଚାଇଥିବା ଅଭିଯୋଗ ହୋଇଛି। ଅକ୍ଟୋବର ୧୭ରେ ସେମାନେ ମୁମ୍ବାଇର ଦାଦର ଷ୍ଟେସନ୍‌ରେ ପହଞ୍ଚି ଏକ ହୋଟେଲ୍‌ରେ ରହିଥିଲେ। ପରଦିନ ପୂର୍ବାହ୍ନ ପ୍ରାୟ ୧୧ଟାରେ ଜଣେ ନାବାଳକ ହୋଟେଲ୍ ନିକଟରେ ପହଞ୍ଚି ରାଧାଙ୍କଠାରୁ ବନ୍ଧୁକ ଥିବା ବ୍ୟାଗ୍ ନେଇଥିଲା। ଆକ୍ରମଣ ପରେ ରାଧା ଓ ବବିତା ଦିଲ୍ଲୀ ଫେରି ଯାଉଥିବାବେଳେ ଅକ୍ଟୋବର ୨୦ରେ ସେମାନଙ୍କୁ ନୂଆଦିଲ୍ଲୀ ରେଳ ଷ୍ଟେସନ୍‌ରୁ ଗିରଫ କରାଯାଇଥିଲା। କୁନାଲ ଓ ସୁମିତ ସୋନିପତରୁ ଧରାପଡ଼ିଥିଲେ। ଅକ୍ଟୋବର ୧୮ ତାରିଖ ରବିବାର ସନ୍ଧ୍ୟା ପ୍ରାୟ ୭ଟାରେ ମୁମ୍ବାଇର ଜୁହୁ ଅଞ୍ଚଳରେ ଏକ ଫୁଟ୍‌ବଲ୍ କ୍ଲବ୍‌ରୁ ଟାଇଗର ବାହାରୁଥିବା ବେଳେ ତାଙ୍କ କାର ଉପରକୁ ଗୁଳିମାଡ଼ ହୋଇଥିଲା। ଟାଇଗର ଆହତ ହୋଇ ନଥିବା ବେଳେ ତାଙ୍କ ଗାଡ଼ି ଚାଳକ ଆହତ ହୋଇଥିଲେ। ଏହି ଆକ୍ରମଣ ପାଇଁ ଲରେନ୍ସ ବିଷ୍ଣୋୟୀ ଗ୍ୟାଙ୍ଗ୍ ଦାୟିତ୍ୱ ନେଇଥିବା ଏକ ସୋସିଆଲ୍ ମିଡିଆ ପୋଷ୍ଟ ଭାଇରାଲ୍ ହୋଇଥିଲେ ମଧ୍ୟ ତାହାର ସତ୍ୟତା ପୁଲିସ ଯାଞ୍ଚ କରିନାହିଁ। ମାମଲାର ତଦନ୍ତ ଜାରି ରହିଛି।

ଚଳଚ୍ଚିତ୍ର ପ୍ରଯୋଜକ ନିରଞ୍ଜନ ରଣାଙ୍କ ପରଲୋକ



ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣାଶୁଣା ପ୍ରଯୋଜକ ନିରଞ୍ଜନ ରଣାଙ୍କର ୫୫ବର୍ଷ ବୟସରେ ପରଲୋକ ହୋଇଛି। ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଦେହାନ୍ତ ହୋଇଥିବା ଜଣାପଡ଼ିଛି। ତାଙ୍କ ବିୟୋଗରେ ଓଲିଉଡ୍ ଜଗତରେ ଶୋକର ଛାୟା ଖେଳିଯାଇଛି।

ନିରଞ୍ଜନ ରଣା ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଜଣେ ପରିଚିତ ପ୍ରଯୋଜକ ଥିଲେ। ସେ ଅନେକ ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ରର ପ୍ରଯୋଜନା ସହ ଜଡ଼ିତ ଥିଲେ। ତାଙ୍କ ପ୍ରଯୋଜିତ ଚଳଚ୍ଚିତ୍ର 'ଯେ ପାଞ୍ଚେ ପର ମନ୍ଦ', 'ହରି ଭାଇ ହାରେନା' ଓ 'ପହିଲି ରଜ' ଆଦି ବେଶ୍ ଲୋକପ୍ରିୟ ହୋଇଥିଲା। ତାଙ୍କ ଦେହାନ୍ତ ଖବର ଜଣାପଡ଼ିବା ପରେ ଚଳଚ୍ଚିତ୍ର ଜଗତ ସହ ଜଡ଼ିତ ବ୍ୟକ୍ତି ଓ ସିନେପ୍ରେମୀଙ୍କ ମଧ୍ୟରେ ଶୋକପ୍ରକାଶ ପାଉଛି।

ଅର୍ଦ୍ଧେନ୍ଦୁଙ୍କର ନୂଆ ଚଳଚ୍ଚିତ୍ର 'ଗେମ୍ ଓଭର'ର ଟ୍ରେଲର ରିଲିଜ୍, ଓଡ଼ିଆ ସିନେ ଦର୍ଶକଙ୍କୁ ଦେବେ ଦଶହରା ଭେଟି

ଅର୍ଦ୍ଧେନ୍ଦୁ ଙ୍କ ନୂଆ ଚଳଚ୍ଚିତ୍ର ଗେମ୍ ଓଭର ର ଟ୍ରେଲର ରିଲିଜ୍ ହୋଇଛି ।ଏହି ଟ୍ରେଲର ରିଲିଜ୍ ଅବସରରେ ସମସ୍ତ କଳାକାର, ଟେକ୍ନିସିଆନ୍ସ, କଣ୍ଠଶିଳ୍ପୀ, ସଙ୍ଗୀତ ନିର୍ଦ୍ଦେଶକ ଙ୍କ ସମେତ ଅନେକ ନିମନ୍ତ୍ରିତ ଅତିଥି ଏବଂ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଆଦିକନ୍ଦ ସାହୁଙ୍କ ପ୍ରଯୋଜନାରେ ଯୁବ ନିର୍ଦ୍ଦେଶକ ରାଜା



ଡି. ଙ୍କ ନିର୍ଦ୍ଦେଶନାରେ ଆସନ୍ତା ୧୮ ତାରିଖରେ ଦଶହରା ଅବସରରେ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଗେମ୍ ଓଭର' ମୁକ୍ତିଲାଭ କରିବ । କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ କୁନା ତ୍ରିପାଠୀ ରଚନା କରିଛନ୍ତି । ଦର୍ଶକଙ୍କୁ ପ୍ରତ୍ୟେକ ବର୍ଷ ଦଶହରାରେ ଅର୍ଦ୍ଧେନ୍ଦୁ କିଛି ନୂଆ ଅନୁଭୂତି ଦେବାକୁ ପ୍ରୟାସ କରନ୍ତି କ୍ଷ ଯେପରି ଚ୍ୟାଲେଞ୍ଜରେ ପ୍ରଖ୍ୟାତ ବଲିଉଡ ଅଭିନେତା ପୁଣିତ୍ ଇଶାରଙ୍କୁ ଦର୍ଶକ ଦେଖିବାକୁ ପାଇଥିଲେ ଠିକ ସେହିପରି ଏଥର ଦଶହରା ନାୟିକା ଉର୍ବଶୀଙ୍କୁ ଦେଖିବାକୁ ପାଇବେ । ଉର୍ବଶୀ ଚୌହାନ ଦକ୍ଷିଣ ଭାରତର ଜଣେ ପ୍ରଖ୍ୟାତ ନୃତ୍ୟ ନିର୍ଦ୍ଦେଶିକା, ଯିଏ ପୁଷ୍ପା ରେ ଆଲୁ ଅର୍ଜୁନଙ୍କୁ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ କ୍ଷ ତା'ସହିତ ଅର୍ଦ୍ଧେନ୍ଦୁଙ୍କ ନାୟିକା ଭାବେ ଚୁଲବୁଲି ସୁପ୍ରିୟା ନାୟକ ନଜର ଆସିବେ । ଅର୍ଦ୍ଧେନ୍ଦୁ ଏବଂ ସୁପ୍ରିୟା ଯୋଡିକୁ ବଡ଼ ପରଦାରେ ଦେଖିବାକୁ ଦର୍ଶକଙ୍କର ଆବେଗ ରହିଛି । ଫିଲ୍ମ ରିଲିଜ୍ ପୂର୍ବରୁ ମୁକ୍ତିଲାଭ କରିଥିବା ଯନ୍ତାଳ ଗୀତ କୁ ଦର୍ଶକ ଢେର ଭଲ ପାଇବା ଦେଉଛନ୍ତି । ଗେମ୍ ଓଭର ର ଅର୍ଦ୍ଧେନ୍ଦୁ - ସୁପ୍ରିୟା ଙ୍କ ନୂଆ ଯୋଡି ସହିତ ମୁଖ୍ୟ ଆକର୍ଷଣ ସାଜିଥିବା ଉର୍ବଶୀ ଚୌହାନଙ୍କ ବ୍ୟତୀତ ମହାଶ୍ୱେତା ରାୟ, କେକେ, କୁନା ତ୍ରିପାଠୀ, ସୁଶାନ୍ତ ଦାସ ମହାପାତ୍ର, ଜୀବନ ପଣ୍ଡା, ତ୍ରିଭୁବନ ପଣ୍ଡା, ପୃଥ୍ୱୀରାଜ ନାୟକ, ଉଦିତ ଗୁରୁ, ପ୍ରୀତି ରଞ୍ଜନ ପ୍ରଧାନ ମଧ୍ୟ ଏହି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ପ୍ରଚାର ଦାୟିତ୍ୱରେ ମିଡ଼ିଆ ପ୍ଲାନର ପ୍ରଣୟ ଜେଠୀ ଅଛନ୍ତି। ଚିତ୍ରତୋଳନ କରିଛନ୍ତି ମନୋଜ କୁମାର ଖଟୁଆ ଏବଂ ସମ୍ପାଦନା କରିଛନ୍ତି ବିଶ୍ୱଜିତ ପଇତାଳ । ତେବେ ଦଶହରାରେ ଗେମ୍ ଓଭର ଚଳଚ୍ଚିତ୍ର ଜରିଆରେ ଅର୍ଦ୍ଧେନ୍ଦୁ ପୁଣି ଏକ ନୂଆ ରେକର୍ଡ ସୃଷ୍ଟି କରିବେ ବୋଲି ସବୁଠି ଚର୍ଚ୍ଚା ହେଉଛି ।

ଦିଲ୍ଲୀରେ ଆୟୋଜିତ 'ଅଯୋଧ୍ୟା କି ରାମଲୀଲା'ରେ ଅଭିନେତା ରବି କିଶନ ପ୍ରଥମ ଥର ପାଇଁ ଭଗବାନ ରାମଙ୍କ ଚରିତ୍ରରେ ଅଭିନୟ କରି ପ୍ରଶଂସକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଅବସରରେ ସେ ଯୁବପିଢ଼ିଙ୍କୁ ଭଗବାନଙ୍କ ସହ ଯୋଡ଼ି ହୋଇ ରହିବା ଏବଂ ଧ୍ୟାନ କରିବାକୁ ଅନୁରୋଧ କରିଛନ୍ତି। ଏହାଦ୍ୱାରା ଜୀବନରେ ସାହସ ଓ ଶକ୍ତି ମିଳିଥାଏ ବୋଲି ସେ କହିଛନ୍ତି।

ରବି କିଶନ କେବଳ ଭଗବାନ ରାମଙ୍କ ନୁହେଁ, ବରଂ ଅନେକ ଧାର୍ମିକ ଚରିତ୍ରରେ ମଧ୍ୟ ଅଭିନୟ କରିଛନ୍ତି। ସୋସିଆଲ ମିଡିଆରେ ତାଙ୍କର ଅନେକ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ସେ ପିଲାଦିନରୁ ରାମଲୀଳାରେ ବିଭିନ୍ନ ଚରିତ୍ର ନିଭାଇଥିବା ଦେଖିବାକୁ ମିଳୁଛି।

ରବି କିଶନ କହିଛନ୍ତି ଯେ ପିଲାଦିନେ ସେ ଭଗବାନ ପର୍ଶୁରାମ ଏବଂ ମାତା ସୀତାଙ୍କ ଚରିତ୍ରରେ ମଧ୍ୟ ଅଭିନୟ କରିଥିଲେ। ଏଥର ସେ ଏକ ଭବ୍ୟ ରଥରେ ବସି ମଞ୍ଚକୁ ଆସିଥିଲେ ଏବଂ ଭଗବାନ ରାମଙ୍କ ଭୂମିକାରେ ନଜର ଆସିଥିଲେ। ପ୍ରଥମ ଥର ପାଇଁ ଏହି ଚରିତ୍ରରେ ଅଭିନୟ କରିବାର ସୁଯୋଗ ପାଇଥିବାରୁ ସେ ଖୁସି ପ୍ରକାଶ କରିଛନ୍ତି।

ରବି କିଶନ ଯୁବପିଢ଼ିଙ୍କୁ ଭଗବାନ ରାମ, କୃଷ୍ଣ ଓ ଶିବଙ୍କ ବିଷୟରେ ପଢ଼ିବାକୁ ଅନୁରୋଧ କରିଛନ୍ତି। ଜୀବନରେ କଠିନ ପରିସ୍ଥିତି ଆସିଲେ କିମ୍ବା ମାନସିକ ଅବସାଦର ସମ୍ମୁଖୀନ ହେଲେ, ଭଗବାନଙ୍କ ସହ ଯୋଡ଼ି ହେବା ମନୁଷ୍ୟକୁ ସାହସ ଦେଇପାରେ ବୋଲି ସେ କହିଛନ୍ତି।

ସେ ଲୋକମାନଙ୍କୁ ପ୍ରତିଦିନ ଅତି କମ୍‌ରେ ଅଧ ଘଣ୍ଟା ଭଗବାନଙ୍କ ବିଷୟରେ ପଢ଼ିବାକୁ ପରାମର୍ଶ ଦେଇଛନ୍ତି। ନିଜ ସଂସ୍କୃତି, ଧର୍ମ ଓ ପରମ୍ପରା ସହ ଯୋଡ଼ି ହୋଇ ରହିବା ଜୀବନର କଠିନ ସମୟରେ ଶକ୍ତି ଯୋଗାଇଥାଏ ବୋଲି ସେ ମତ ଦେଇଛନ୍ତି।ନିଜ ଜୀବନ ଯାତ୍ରା ବିଷୟରେ କହି ରବି କିଶନ ଜଣାଇଛନ୍ତି ଯେ ସେ ଏକ



ସାଧାରଣ ପରିବାରରୁ ଆସିଛନ୍ତି। ଆଜି ସେ ଚଳଚ୍ଚିତ୍ର ଜଗତର ଜଣେ ପରିଚିତ ଅଭିନେତା ହେବା ସହ ଗୋରଖପୁରର ସାଂସଦ ଭାବେ ମଧ୍ୟ ପରିଚିତ। ଭଗବାନ ରାମଙ୍କ ଚରିତ୍ରରେ ଅଭିନୟ କରିବାକୁ ସେ ନିଜର ସୌଭାଗ୍ୟ ବୋଲି କହିଛନ୍ତି ଏବଂ ଏହି ଭୂମିକାକୁ ଭଲ ଭାବେ ନିଭାଇପାରିବେ ବୋଲି ଆଶା ପ୍ରକାଶ କରିଛନ୍ତି। ରବି କିଶନଙ୍କ ପୂର୍ବରୁ ଆଗ୍ରାର ଜନକପୁରୀ ମହୋତ୍ସବ ୨୦୨୬ରେ ଅଭିନେତା ଗୌରବ ଖାନ୍ନା ଭଗବାନ ରାମଙ୍କ ଭୂମିକାରେ ନଜର ଆସିଥିଲେ। ସେହିପରି ଦିଲ୍ଲୀର ରାମଲୀଳାରେ ଅଭିନେତ୍ରୀ ଶିଳ୍ପା ସିନ୍ଦେ ମାତା ସୀତାଙ୍କ ଚରିତ୍ରରେ ଅଭିନୟ କରିଥିଲେ। ରବି କିଶନଙ୍କ ଚଳଚ୍ଚିତ୍ର କ୍ୟାରିୟର କଥା କହିବାକୁ ଗଲେ, ନିକଟରେ ସେ 'ମିର୍ଜାପୁର' ଚଳଚ୍ଚିତ୍ରରେ ନଜର ଆସିଥିଲେ। ଏହି ଚଳଚ୍ଚିତ୍ରରେ ପଙ୍କଜ ତ୍ରିପାଠୀ, ଅଲି ଫଜଲ, ଦିବ୍ୟେନ୍ଦୁ ଏବଂ ଜିତେନ୍ଦ୍ର କୁମାରଙ୍କ ସମେତ ଅନେକ କଳାକାର ଅଭିନୟ କରିଥିଲେ। ଚଳଚ୍ଚିତ୍ରଟି ବିଶ୍ୱବ୍ୟାପୀ ୩୦୦ କୋଟି ଟଙ୍କାରୁ ଅଧିକ ଆୟ କରିଥିବା ଉଲ୍ଲେଖ ରହିଛି। ଏବେ ରବି କିଶନ 'ଖୋସଲା କା ଘୋସଲା ୨'ରେ ନଜର ଆସିବେ। ଏହି ଚଳଚ୍ଚିତ୍ରରେ ଅନୁପମ ଖେର, ବୋମନ ଇରାନୀ, ବିନୟ ପାଠକ ଏବଂ ରଣବୀର ଶୌରୀଙ୍କ ସମେତ ଅନେକ କଳାକାର ଅଭିନୟ କରିବେ। ଏହି ଚଳଚ୍ଚିତ୍ରଟି ୫ ମାର୍ଚ୍ଚ ୨୦୨୭ରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବ।

ସ୍କୁଲରୁ ୨ଜଣ ଦଶମଶ୍ରେଣୀ ଛାତ୍ର ନିଖୋଜ: ଫଟୋ ଦେଖାଇ ଖୋଜୁଛନ୍ତି ଦୁଇ ମାଆ



ନୀଳଗିରି,୨୨/୧୦ (ନି.ପ୍ର): ଘରୁ ଖାଇ ପିଇ ଆନନ୍ଦରେ ଆସିଥିଲେ ସ୍କୁଲକୁ। ଦିନ ପ୍ରାୟ ୧.୩୦ଟା ସମୟରେ ଦୁଇ ଦଶମ ଶ୍ରେଣୀ ଛାତ୍ର ଙ୍କୁ ଦେଖିବାକୁ ପାଇ ନ ଥିଲେ ଶିକ୍ଷକ। ପରେ ଘଟଣା ବାବଦରେ ଦୁଇ ପିଲାଙ୍କ ଅଭିଭାବକଙ୍କୁ ସ୍କୁଲ ପକ୍ଷରୁ ସୂଚନା ଦିଆଗଲା। ଦୁଇ ମାଆ ଦୁଇ ପିଲାଙ୍କୁ ନ ପାଇ ନୀଳଗିରୀ ଥାନାରେ ପୃଥକ ପୃଥକ ଭାବେ ନିଖୋଜ ଅଭିଯୋଗ କରିଛନ୍ତି। ଦୁଇ ପିଲାଙ୍କୁ ପାଇବା ଆଶାନେଇ ମୋବାଇଲ୍ ରେ ଫଟୋ ଦେଖାଇ ଦୁଇଜଣ ମାଆ ଖୋଜୁଥିବାର ଦେଖିବାକୁ ମିଳିଛି। ସୁଚନାଅନୁସାରେ ନୀଳଗିରି ସହରର ଏକ ହାଇସ୍କୁଲର ଦଶମଶ୍ରେଣୀରେ ପଢୁଥିବା ବାଲିଗୋହିରୀ ଗ୍ରାମର ବବିତା ମହାପାତ୍ର ର ପୁଅ ଆୟୁଷ କୁମାର ପତି ଓ ଖନ୍ତପଡ଼ା ଥାନା ଅନ୍ତର୍ଗତ ଆୟଡିଆ ଗ୍ରାମର ମିନି ସିଂ ର ପୁଅ ଆକାଶ ସିଂ ଗତ ୧୫ତାରିଖରେ ସ୍କୁଲକୁ ଆସିଥିବା ବେଳେ ଦିନ ପ୍ରାୟ ସାଢେ ଗୋଟାଏ ରେ ଦୁଇ ଛାତ୍ର ସ୍କୁଲରେ ନ ଥିବାର ଦେଖି ସ୍କୁଲ ପକ୍ଷରୁ ଅଭିଭାବକ ଙ୍କୁ ଜଣାଇ ଦିଆ ଯାଇଥିଲା। ପରେ ଦୁଇ ପିଲାଙ୍କ ମାଆ ନିଳଗିରି ଥାନାରେ ମିସିଂ ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ତଦନ୍ତ ଜାରି ରଖିଛନ୍ତି। ଏ ନେଇ ଥାନରେ ୪୭୧/୨୬ ଓ ୪୭୨/୨୬ରେ ମାମଲା ରୁଜୁ ହୋଇଛି।

ଚମ୍ପୁଆ ଶିଶୁ ମନ୍ଦିରରେ ପୂର୍ବ ଛାତ୍ର ଏକତ୍ରିକରଣ ଅନୁଷ୍ଠିତ

ଚମ୍ପୁଆ,୨୨/୧୦ (ନି.ପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ପୂର୍ବ ଛାତ୍ର ଏକତ୍ରିକରଣ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ମୁଖ୍ୟ ଅତିଥିଭାବେ ଶିକ୍ଷା ବିକାଶ ସମିତି, ଓଡ଼ିଶାର ଯୁଗ୍ମ ସମ୍ପାଦକ କୈଳାସ ଚନ୍ଦ୍ର ମହାନ୍ତ ଯୋଗ ଦେଇ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ ଭାରତୀୟ ସଂସ୍କୃତି ଆଧାରରେ ନିଜ ଜୀବନକୁ ଏକ ଆଦର୍ଶ ନାଗରିକ ଭାବେ ଗଢିବା ସହିତ ଜଣେ ମାତୃଭୂମି ଓ ପର୍ଯ୍ୟାବରଣର ସୁରକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ ଯୋଗ ଦେଇ ଛାତ୍ର ଛାତ୍ରୀମାନେ ଦେଶର ଭବିଷ୍ୟତ ଓ ହୀରା ଭଳି ମୂଲ୍ୟବାନ ବୋଲି କହିଥିଲେ । ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ ଓ ଆଭିମୁଖ୍ୟ କଥନ କରିଥିଲେ । ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ମହାକୁଡ଼ ଅତିଥି ପରିଚୟ ପ୍ରଦାନ ଓ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ବିଦ୍ୟାଳୟର ପୂର୍ବ ଛାତ୍ର ସଂଯୋଜକ ନିର୍ମଳ ଚନ୍ଦ୍ର ମହାନ୍ତ ପୂର୍ବ ଛାତ୍ର ଆଲୁମନି ପୋର୍ଟାଲ୍ ରେ କିପରି ନାମ ପଞ୍ଜିକରଣ କରିପାରିବେ ଓ ଏହାର ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ । ସଭା ଆରମ୍ଭରେ ବିଦ୍ୟାଳୟର ଗୁରୁମାଆ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶତାଧିକ ପୂର୍ବ ଛାତ୍ର ଛାତ୍ରୀ ଯୋଗ ଦେଇ ବିଦ୍ୟାଳୟରେ ନିଜ ନିଜ ଛାତ୍ର ଜୀବନର ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏଥିରେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସେବକ ସେବିକା ଉପସ୍ଥିତ ଥିଲେ ।

ବାରିପଦାଠାରେ ୬୭ ତମ ପୋଲିସ ସହିଦ ଦିବସ ପାଳିତ



ବାରିପଦା,୨୨/୧୦ (ନି.ପ୍ର): ବାରିପଦା ସ୍ଥିତ ରିଜର୍ଭ ପୋଲିସ ପଡିଆ ଠାରେ ମୟୂରଭଞ୍ଜ ଜିଲ୍ଲା ପୋଲିସ ବାହିନୀ ପକ୍ଷରୁ ୬୭ ତମ ପୋଲିସ ସହିଦ ଦିବସ ପାଳିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଯୋଗଦେଇ ରିଜର୍ଭ ଇନ୍ସପେକ୍ଟର ଆଲୋକ କୁମାର କାନୁନଗୋଙ୍କ ପରିଚାଳନାରେ ଅନୁଷ୍ଠିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ ସହିଦ ମାନଙ୍କ ନାମ ପାଠ କରି ସେମାନଙ୍କ ଉଦ୍ଦେଶ୍ୟରେ ସ୍ମୃତି ଚାରଣ କରିବା ସହ ସହିଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଅରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଛାଏତ, ଡ଼ିଏସପି ଜୟନ୍ତ କୁମାର ବେହେରା, ଡ଼ିଏସପି ଗୋବିନ୍ଦ କୁମାର ବେହେରା, ସରଜେଣ୍ଟ ଗୌତମ ପ୍ରଧାନ, ଭଞ୍ଜପୁର ଥାନା ଅଧିକାରୀ ରଶ୍ମି ରଞ୍ଜନ ପୃଷ୍ଟି, ଆର୍ମର ହାବିଲଦାର ମେଜର ରାଜେନ୍ଦ୍ର କୁମାର ପାତ୍ର ପ୍ରମୁଖ ବହୁ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହିତ ବିଭିନ୍ନ ଥାନାର ଥାନାଧିକାରୀ ମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଆଦର୍ଶ ଶିକ୍ଷକଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲିଆପାଳ,୨୨/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଘାଣ୍ଟୁଆ ଗ୍ରାମର ଆଦର୍ଶ ଶିକ୍ଷକ ଧନଞ୍ଜୟ ବାରିକ ଙ୍କ ଏକାଦଶାହ କ୍ରିୟା ରେ ଶ୍ରଦ୍ଧାଞ୍ଜଳ ସଭା ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସେ ବାଇଜଲଗଡ଼ ଉଚ୍ଚ ବିଦ୍ୟାଳୟ ଗୁରଲା ନୂଆପଡା ରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ ଏହି ସଭାରେ ସହଯୋଗ ଉଚ୍ଚ ବିଦ୍ୟାଳୟ ଘଣ୍ଟୁଆ ୧୯୮୪ ମସିହା ସାଙ୍ଗ ମାନେ ଶ୍ରଦ୍ଧାଞ୍ଜଳି ଦେଇଥିଲେ, ରାଜନାରାୟଣ ନାୟକ, ରାମଶଙ୍କର ମାସନ୍ତ, ଗୌରୀଶଙ୍କର ମାସନ୍ତ, ବିଜୟ ମାଣିକ, ହରେନ୍ଦ୍ର ପାତ୍ର, ବିନୟ ଅଣ୍ଡିଆ, ନିର୍ମଳ ପାଳ, ରାଧାକୃଷ୍ଣ ଗିରି, ବିଜୟ ଦାସ, ତୁଳସୀ ଦାସ ରଣା, ନବକିଶୋର ପ୍ରଧାନ, ପ୍ରବୋଧ ଦାସ, ଅମରେନ୍ଦ୍ର ନନ୍ଦୀ, ଶ୍ରୀମନ୍ତ ନାୟକ,ଜୟନ୍ତ ଗିରି, ପ୍ରଶାନ୍ତ ପାତ୍ର, ରବୀନ୍ଦ୍ର ଦାସ ଅଧିକାରୀ, ଅବନୀ ଦାସ ଅଧିକାରୀ, ଜୟନାରାୟଣ ନାୟକ,ଅନିଲ ମହାନ୍ତି, ଯୋଗଲ ପ୍ରଧାନ, ଶୀତାଂଶୁ ପ୍ରଧାନ, ହରେନ୍ଦ୍ର ଜେନା, ପୂର୍ଣଚନ୍ଦ୍ର ନନ୍ଦୀ, ସଞ୍ଜୟ ମହାପାତ୍ର, ସୁଶାନ୍ତ ମହାପାତ୍ର, ତପନ କୁମାର ମହାପାତ୍ର, ମାଳବିକା ପ୍ରଧାନ, ପୂର୍ଣଚନ୍ଦ୍ର ରଣା, କେଦାରନାଥ ପ୍ରଧାନ' ମଞ୍ଜୁଲତା ଦାସ, ଆରତୀ ସି, ଗୀତାରାଣୀ ଦାସ, ହିମାଂଶୁ ଦାସ, ଝଡ଼େଶ୍ୱର ଧଳପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ବାରିକ କର୍ମମୟ ଜୀବନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।ଶୁକସନ୍ତପ୍ତ ସମସ୍ତ ପରିବାର ବର୍ଗ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ରାମଶଙ୍କର ମାସନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ ।

ବାପାଙ୍କ ଏକାଦଶାହରେ ଘରେ ପହଞ୍ଚିଲେନି ପୁଅ

ନାଗପୁରରୁ ଫେରିବା ବାଟରେ ସିଆରପିଏଫ୍ ଯବାନ ନିଖୋଜ, ମେଛେଦା ରେଳଧାରଣାରୁ ମିଳିଲା ମୋବାଇଲ୍

ବାଲିଆପାଳ ,୨୨/୧୦ (ନି.ପ୍ର): ବାପାଙ୍କ ଦେହାନ୍ତ ପରେ ଏକାଦଶାହ କ୍ରିୟାରେ ଯୋଗଦେବା ପାଇଁ ଛୁଟି ନେଇ ଘରକୁ ଫେରୁଥିଲେ ପୁଅ। ହେଲେ ଘରେ ପହଞ୍ଚିବା ପୂର୍ବରୁ ସେ ନିଖୋଜ ହୋଇଯାଇଛନ୍ତି। ଏପଟେ ବାପାଙ୍କ ଏକାଦଶାହ ଦିନରେ ପୁଅ ଘରେ ପହଞ୍ଚି ନଥିବାରୁ ପରିବାରରେ ଦୁଃଖ ଓ ଆଶଙ୍କାର ବାତାବରଣ ସୃଷ୍ଟି ହୋଇଛି। ଏଭଳି ଏକ ଅଭାବନୀୟ ଘଟଣା ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ବୋଲଂ ଗ୍ରାମରେ ଘଟିଛି ।ସୂଚନା ଅନୁଯାୟୀ, ବୋଲଂ ଗ୍ରାମର ରାମହରି ପାତ୍ରଙ୍କ ପୁଅ ପଦ୍ମଲୋଚନ ପାତ୍ର ସିଆରପିଏଫ୍ର ୧୯୧ ବାଟାଲିୟନ୍ର ପୁଣେ ୟୁନିଟ୍ରେ ହାବିଲଦାର ଭାବେ କାର୍ଯ୍ୟରତ। ଗତ ୧୧ ତାରିଖରେ ରାମହରିଙ୍କ ଦେହାନ୍ତ ହେବା ପରେ ବାପାଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବା ପାଇଁ ପଦ୍ମଲୋଚନ ୧୭ ତାରିଖରେ ଛୁଟି ନେଇ ନାଗପୁର ଷ୍ଟେସନରୁ ଟ୍ରେନ୍ ଯୋଗେ ଘରକୁ ଫେରୁଥିଲେ।ଗତ ୧୮ ତାରିଖ ଅପରାହ୍ନ ପ୍ରାୟ ୧ଟାରେ ସେ ଖଡ଼ଗପୁର ଷ୍ଟେସନରେ ପହଞ୍ଚିଥିବା ନେଇ ପରିବାରକୁ ଫୋନ୍ କରି ଜଣାଇଥିଲେ। ତେବେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ତାଙ୍କଠାରୁ ଆଉ କୌଣସି ଫୋନ୍ ନ ଆସିବାରୁ ପରିବାର ଲୋକେ ବାରମ୍ବାର ତାଙ୍କ ମୋବାଇଲକୁ ଫୋନ୍ କରିଥିଲେ। କିନ୍ତୁ ତାଙ୍କ ସହ ଆଉ ଯୋଗାଯୋଗ ସମ୍ଭବ ହୋଇନଥିଲା। ଏହାର କିଛି ସମୟ ପରେ, ସନ୍ଧ୍ୟା ପ୍ରାୟ ୬ଟାରେ ରେଳବାଇ ପକ୍ଷରୁ ପଦ୍ମଲୋଚନଙ୍କ ମୋବାଇଲ୍ ଫୋନ୍ ପଶ୍ଚିମବଙ୍ଗର ମେଛେଦା ଷ୍ଟେସନ ନିକଟସ୍ଥ ରେଳଧାରଣାରୁ ମିଳିଥିବା ନେଇ ପରିବାରକୁ ସୂଚନା ଦିଆଯାଇଥିଲା। ତେବେ ତାଙ୍କ ମୋବାଇଲ୍ ମିଳିଥିଲେ ମଧ ପଦ୍ମଲୋଚନଙ୍କ କୌଣସି ପତ୍ତା ମିଳୁନାହିଁ। ଏହାକୁ ନେଇ ପରିବାର ଲୋକେ ଗଭୀର ଚିନ୍ତାରେ ରହିଛନ୍ତି। ଘଟଣା ସମ୍ପର୍କରେ ପରିବାର ପକ୍ଷରୁ ସିଂଲା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି। ନିଖୋଜ ଯବାନଙ୍କୁ ଖୋଜି ବାହାର କରି ସୁରକ୍ଷିତ ଭାବେ ଘରକୁ ଫେରାଇ ଆଣିବା ପାଇଁ ଓଡ଼ିଶା ଓ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ପରିବାରବର୍ଗ।

ବିବାହିତା ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ: ଦୁଇ ଅଭିଯୁକ୍ତ କୋର୍ଟ ଚାଲାଣ

ନୀଳଗିରି,୨୨/୧୦ (ନି.ପ୍ର): ନୀଳଗିରି ବ୍ଲକ୍ ବରହମପୁର ଥାନା ଗରଡିହି ପଞ୍ଚାୟତ ଅନ୍ତର୍ଗତ ଟିଆକଟା ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ। ଗତ ୧୮ ତାରିଖ ରବିବାର ସନ୍ଧ୍ୟାରେ ବରହମପୁର ଥାନା ଗରଡିହି ପଞ୍ଚାୟତ ଅଧିନ ଟିଆକଟା ଗ୍ରାମର ଚନ୍ଦନ ସିଂଙ୍କ ସ୍ତ୍ରୀ ସୁକାନ୍ତି ସିଂ (୩୮) ବାରିପଦାରୁ ଫେରି କଳାକାଦ ହାଟରେ ସଉଦାପତ୍ର କିଣାକିଣି କରୁଥିବାବେଳେ ଉକ୍ତ ପଞ୍ଚାୟତ ଅନ୍ତର୍ଗତ କୁଞ୍ଜିବଣିଆ ଗ୍ରାମର ଲିଟୁ ଓରଫ ଅଭିଜିତ ସିଂ (୨୩) ଏବଂ ସିପୁନ ସିଂ (୨୦) ଉଭୟ କୁଞ୍ଜିବଣିଆ ଗ୍ରାମର ଏହି ଦୁଇଅଭିଯୁକ୍ତଙ୍କ ସହ ଭେଟ ହୋଇଥିଲା। ଘରେ ଛାଡିଦେବା ବାହାନାରେ ସେମାନେ ତାଙ୍କୁ ମୋଟରସାଇକେଲରେ ଏକ ନିଛାଟିଆ ଖାଦାନଅଞ୍ଚଳକୁ ନେଇ ଜୋରଜବରଦସ୍ତି ଦୁଷ୍କର୍ମକରି ଛାଡିଦେଇ ପଳାଇଥିବା ଅଭିଯୋଗ ହୋଇଛି। ପରେ ପୀଡ଼ିତା ସୁକାନ୍ତି ସିଂ ନିଜ ପରିବାର ଲୋକଙ୍କୁ କହିବାସହ ନିଜେ ବରହମପୁର ଥାନାରେ ଗତ ସୋମବାର ୧୯ତାରିଖ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବରହମପୁର ପୋଲିସ ଘଟଣାକୁ ଗୁରୁତ୍ୱଦେଇ କେସ୍ ନମ୍ବର ୧୨୭/୨୬ ମାମଲା ରୁଜୁ କରିବାସହ ଘଟଣାସ୍ଥଳ ପରିଦର୍ଶନକରି ତଦନ୍ତ କରି ଦୁଇଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମଙ୍ଗଳବାର ତାଙ୍କର ସ୍ୱାସ୍ଥ୍ୟପରୀକ୍ଷା କରାଯାଇ ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିଲା। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

ଅନ୍ୱେଷଣ ତରଫରୁ ଗରିବ ଓ ମେଧାବୀ ଛାତ୍ରୀମାନଙ୍କୁ ଏକକାଳୀନ ଆର୍ଥିକ ସହାୟତା ପ୍ରଦାନ



ଉଦଳା ,୨୨/୧୦ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ ଅନ୍ୱେଷଣ ତରଫରୁ ଗତ ୧୯-୧୦-୨୦୨୬ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଅନ୍ୱେଷଣ ସଭାଗୃହ ଠାରେ ୧୦ଜଣ ଗରିବ ଓ ମେଧାବୀ ଛାତ୍ରୀଙ୍କୁ ଏକ କାଳୀନ ଆର୍ଥିକ ସହାୟତା ପ୍ରଦାନ କରାଯାଇଅଛି । ଅନ୍ୱେଷଣ ଦ୍ୱାରା ଚାଲୁଥିବା "ସେଭ ଦି ଗାର୍ଲ, ସେଭ ଦି ୱାର୍ଲ୍ଡ" ପ୍ରକଳ୍ପ ଅନ୍ତର୍ଗତ ଗରିବ ଓ ମେଧାବୀ ଝିଅ ମାନଙ୍କୁ ସମାଜରେ ଆଗକୁ ଆଣି ସେମାନଙ୍କ ମନରେ ନୂତନ ପ୍ରେରଣା ଯୋଗାଇଦେବା ଲକ୍ଷରେ ଏହି କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା । ଏହି କ୍ରମରେ ୪ଜଣ ଡ଼ାକ୍ତରୀ ଛାତ୍ରୀ, ୫ ଜଣ ଏଏନ୍ଏମ୍ ଓ ୧ଜଣ ଇଂଟିଗ୍ରେଟେଡ଼ ବିଇଡ଼ି ଛାତ୍ରୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା । ଡ଼ାକ୍ତରୀ ଛାତ୍ରୀ ମାନେ ହେଲେ - ଜିବିନଗର ବ୍ଲକ ଅନ୍ତର୍ଗତ ସିନ୍ଦୁରିଆ ଭଣ୍ଡଗାଁର ଚିନ୍ତାମଣି ନାଏକଙ୍କ କନ୍ୟା ଅନୁପମା ନାଏକ, ଠାକୁରମୁଣ୍ଡା ବ୍ଲକ ସାଲେଇବେଡା ପଂଚାୟତର ଖପରଖାଇ ଗାଁର ସ୍ୱର୍ଗତଃ ପିତା ବେଣୁଧର ଚାଟିଆଙ୍କ କନ୍ୟା ନିରୁପମା ଚାଟିଆ, କପ୍ତିପଦା ମହୁଲପଞ୍ଜା ଗ୍ରାମର ଗୌରାଙ୍ଗ ଖଟୁଆଙ୍କର କନ୍ୟା ଦ୍ୱୟ ଯାଜ୍ଞସେନୀ ଓ ଦିବ୍ୟସେନି ଖଟୁଆ । ସେହିପରି ମହୁଲପଞ୍ଜା ଗ୍ରାମର ପଚାଂନନ ଖଟୁଆଙ୍କ କନ୍ୟା ନମିତା ଖଟୁଆ ଇଂଟିଗ୍ରେଟେଡ଼ ବିଇଡ଼ି ପାଇଁ, ଏଏନ୍ଏମ୍ ଛାତ୍ରୀ ଭାବରେ ନନ୍ଦୁର ସାହିର ପ୍ରଶାନ୍ତ ଦତଙ୍କ କନ୍ୟା ସାଗରିକା ଦତ, କୋଲିଅଳମ ଚନ୍ଦ୍ରଶେଖର ନାଏକଙ୍କ କନ୍ୟା ଜ୍ୟୋତିପ୍ରଭା ନାଏକ, ନରସିଂହବେଡ଼ା ଚିତ ରଂଜନ ସେଠୀଙ୍କ କନ୍ୟା ବସୁନ୍ଧରା ସେଠୀ, ପୋଡ଼ାଡ଼ିହା ଅକ୍ଷୟ ମାଝୀଙ୍କ କନ୍ୟା ସ୍ମୃତିରେଖା ମାଝୀ ଓ ନୂଆସାହି ଗ୍ରାମର ପଂଚାନନ୍ଦ ସାହୁଙ୍କ କନ୍ୟା ନିହାରିକା ସାହୁ ଏଥିରେ ଅନ୍ତର୍ଭୁକ୍ତ । ପ୍ରତ୍ୟେକ ଏମ୍‌ବିବିଏମ୍ ଛାତ୍ରୀଙ୍କୁ ୩୭୯୫୦/- ଓ ଇଂଟିଗ୍ରେଟେଡ଼ ବିଇଡ଼ି ଛାତ୍ରୀଙ୍କୁ ୪୫୦୦୦/- ଓ ଏଏନ୍ଏମ୍ ଛାତ୍ରୀଙ୍କୁ ୫୦୦୦/- ଟଙ୍କା ସେମାନଙ୍କର ଏଡ଼ମିସନ ଫିସ ର ରସିଦ ଆଧାରରେ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଅନ୍ୱେଷଣର ଉପଦେଷ୍ଟା ରୋଟାରିଆନ ସୁଦର୍ଶନ ପ୍ରଧାନ ଓ ମନରଂଜନ ମଲିକ, ଅନ୍ୱେଷଣର ସଂପାଦକ ଶ୍ରୀନାଥ ପ୍ରଧାନ, କୋଷାଧକ୍ଷ ଗଜେନ୍ଦ୍ର ବେହେରା, ସି.ଆର.ଏନ୍.ଆଇ. ସୁଇଜରଲାଣ୍ଡର ପ୍ରତିନିଧି ଶରତ ଭୂୟାଁ ପ୍ରଭୃତି ଯୋଗଦେଇ ଗରିବ ଓ ଅବହେଳିତ ଝିଅ ମାନଙ୍କର ଶିକ୍ଷା ଓ ସାମଗ୍ରୀକ ବିକାଶ ପାଇଁ ଅନ୍ୱେଷଣ ସର୍ବଦା ଚେଷ୍ଟିତ ଅଛି ବୋଲି କହିବା ସହିତ ଆର୍ଥିକ ଅଭାବ କେବେବି ପ୍ରତିଭା ଆଗରେ ପ୍ରତିବନ୍ଧକ ସାଜିବ ନାହିଁ ବୋଲି କହିଥିଲେ ।

ବାରିପଦାରେ ନୂତନ ଶ୍ମଶାନ ଓ ସଂଯୋଗୀକରଣ ରାସ୍ତା ଲୋକାର୍ପିତ

ଦୀର୍ଘଦିନର ସମସ୍ୟା ସମାଧାନ, ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି



ବାରିପଦା,୨୨/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ବାରିପଦା ସହରରେ ଜନସାଧାରଣଙ୍କ ସୁବିଧା ପାଇଁ ନିର୍ମିତ ଆଧୁନିକ ଶ୍ମଶାନ ଓ ସଂଯୋଗୀକରଣ ରାସ୍ତାର ଉଦ୍‌ଘାଟନ କରାଯାଇଛି। ବୁଧବାର ସକାଳେ ପୌରପାଳିକା ଅନ୍ତର୍ଗତ ଦାରୋଗାଡାହିରେ ନବନିର୍ମିତ ଶ୍ମଶାନ ଏବଂ ପାଲବଣି ଲେଭଲ୍ କ୍ରସିଂ ନିକଟସ୍ଥ ନିକୋ ଫ୍ୟାକ୍ଟ୍ରି ପାର୍ଶ୍ୱରେ ନିର୍ମିତ ସଂଯୋଗୀକରଣ ରାସ୍ତାକୁ ଲୋକାର୍ପଣ କରାଯାଇଛି। ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ପ୍ରକଳ୍ପର ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ପୌରପାଳିକାର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ୱାର୍ଡ କାଉନସିଲର, ବୁଦ୍ଧିଜୀବୀ ଓ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଯୋଗଦେଇଥିଲେ। ନୂତନ ଶ୍ମଶାନ ନିର୍ମାଣ ଦ୍ୱାରା ଅନ୍ତିମ ସଂସ୍କାର ସମ୍ପର୍କିତ ସୁବିଧା ଉପଲବ୍ଧ ହେବା ସହ ସଂଯୋଗୀ ରାସ୍ତା ଯୋଗୁଁ ଯାତାୟାତ ଅଧିକ ସୁଗମ ହେବ ବୋଲି ଆଶା କରାଯାଉଛି। ଦୀର୍ଘଦିନର ଆବଶ୍ୟକତା ପୂରଣ ହୋଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

ସଡ଼କ ଦୁର୍ଘଟଣାରେ ଆଖି ବୁଜିଲା କୁନି ଶିଶୁ: ଅନ୍ୟ ୩ ଜଣ ଗୁରୁତର

ମାଲକାନଗିରି ,୨୨/୧୦ (ନି.ପ୍ର): ଦୁର୍ଗାପୂଜା ଦେଖିବାକୁ ଯାଉଥିବା ବେଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଆଖି ବୁଜିଲା କୁନି ଶିଶୁ । ଅନ୍ୟ ୩ ଜଣ ଗୁରୁତର । ମାଲକାନଗିରି ଜିଲ୍ଲା କାଲିମେଳାରେ ଅଟୋକୁ ପିଟିଲା କଣ୍ଟେନର୍ । ଏଥିରେ ଜଣେ ୪ ବର୍ଷର ଶିଶୁର ମୃତ୍ୟୁ ଘଟିଛି । ଏଥିସହ ୩ ଜଣ ମହିଳା ଗୁରୁତର ହୋଇଛନ୍ତି । କାଲିମେଳା ପୁଲିସ ଚେକ୍ ପୋଷ୍ଟ ନିକଟରେ ଘଟିଛି ଦୁର୍ଘଟଣା ।ମଙ୍ଗଳବାର ରାତିରେ ଦୁର୍ଗା ପୂଜା ଦେଖିବାକୁ କାଲିମେଳାରୁ ପରିବାରଲୋକେ ଏମ୍ଭି-୬୪କୁ ଯାଉଥିଲେ । ଏହି ସମୟରେ ଦୁର୍ଘଟଣା ଘଟିଛି ।

ନୀଳଗିରିବାସୀଙ୍କ ପାଇଁ ଖୁସିଖବର: ଉଦ୍ଘାଟିତ ହେଲା ଅନ୍ତର୍ଜାତୀୟ ମାନବାଧିକାର ସଂସ୍ଥାର ନୀଳଗିରି ଶାଖା: ନ୍ୟାୟ ଏବେ ହାତ ମୁଠାରେ



ନୀଳଗିରି ,୨୨/୧୦ (ନି.ପ୍ର): ରାଜନୈତିକ ସ୍ତରରେ ହେଉ କିମ୍ବା ପ୍ରଶାସନିକସ୍ତରରେ ଅଥବା ଅସାମାଜିକ ବ୍ୟକ୍ତିଙ୍କ ଚକ୍ରବ୍ୟୁହରେ ପେଶିହୋଇ ଶୋଷିତ, ଲାଞ୍ଛିତ, ନିର୍ଯାତିତ ଭଳି ସମସ୍ୟାକୁ ନେଇ ନିଜକୁ ଅସହାୟ ମନେକରୁଥିବା ଯେକୌଣସି ବ୍ୟକ୍ତି ୨୪ଘଣ୍ଟା ମଧ୍ୟରେ ତ୍ୱରିତ ନ୍ୟାୟସହିତ ସମାଧାନର ପନ୍ଥା ଏବେ ହାତ ପାଆନ୍ତାରେ। ମାନବାଧିକାର ନ୍ୟାୟପ୍ରଦାନ ପାଇଁ ଭାରତସରକାର ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଜାତୀୟ ଏବଂ ଅନ୍ତର୍ଜାତୀୟ ମାନବାଧିକାରର ଏକ ନୂତନ ଶାଖାକାର୍ଯ୍ୟାଳୟ ନୀଳଗିରି ହସ୍ପିଟାଲରୋଡ ଗଣେଶ ମାର୍କେଟ କମ୍ପ୍ଲେକ୍ସରେ ମଙ୍ଗଳବାର ଆନୁଷ୍ଠାନିକ ଉଦ୍ଘାଟିତ ହୋଇଯାଇଛି। ନୀଳଗିରି ସହରର ସାନଅତା ନିବାସୀ ଯୁବ ସାମାଜିକକର୍ମୀ ଓମପ୍ରକାଶ ଜେନାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ନ୍ୟାୟିକ ପ୍ରତିଷ୍ଠାନକୁ ଓମ୍ ପ୍ରକାଶଙ୍କ ପିତା ସଞ୍ଜୟ କୁମାର ଜେନା ଏବଂ ମାତା ଭାରତୀପ୍ରଭା ବିଶ୍ୱାଳଙ୍କ କରକମଳରେ ଶୁଭଉଦ୍ଘାଟନ ହୋଇଯାଇଛି। ପିତାମାତାଙ୍କ ଆଶୀର୍ବାଦରୁ ମାତ୍ର ୧୯ବର୍ଷ ବୟସରେ ଭାରତବର୍ଷର ଶହଶହ ଯୁବକମାନଙ୍କୁ ପଛରେ ପକାଇ ନିଜର ଉଜସ୍ୱିନୀ ଭାଷଣ ଏବଂ ତୀକ୍ଷ୍ଣ ବୁଦ୍ଧିମତା ବଳରେ ଏହି ସୋପାନରେ ଉତ୍ତୀର୍ଣ୍ଣହୋଇ ଓଡିଶାଗୌରବ ଅର୍ଜନକରିବା ସହିତ ଅନ୍ତର୍ଜାତୀୟ ମାନବାଧିକାର ଓଡ଼ିଶା ଶାଖାର ଉପସଭାପତି ଭଳି ପଦବୀରେ ଅବସ୍ଥାପିତ ହୋଇପାରିଛନ୍ତି। ସ୍ୱଚ୍ଛ କର୍ମମୟ ଜୀବନ ମଧ୍ୟରେ ସମାଜର ଅବହେଳିତ ଶ୍ରେଣୀର ଯଥା ପିତୃମାତୃହୀନ, ବେସାହାରା ବୃଦ୍ଧବୃଦ୍ଧା, ଅହରହ ଦୁର୍ଗତି ମଧ୍ୟରେ ରହିଥିବା ମଣିଷମାନଙ୍କୁ ନ୍ୟାୟପ୍ରଦାନ କରିବାରେ ତାଙ୍କର ନିଷ୍ଠାପର ଉଦ୍ୟମ ତାଙ୍କୁ ଏହି ସୋପାନରେ ପହଞ୍ଚାଇଛି। ନୀଳଗିରି ଭଳି ଆଦିବାସୀ ଅଧୁଷିତ ଅଞ୍ଚଳରେ ଏଭଳି ସେବାସଂସ୍ଥାକୁ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି।

ଦୁଇ ଦେଶୀ ବନ୍ଧୁକ ଓ ୩ ରାଉଣ୍ଡ ଗୁଳି ଜବତ: ଯୁବକ ଗିରଫ

ଝାରସୁଗୁଡା,୨୨/୧୦ (ନି.ପ୍ର): ବ୍ରଜରାଜନଗର ପୁଲିସକୁ ବେଆଇନ ଅସ୍ତ୍ର ଜବତ କ୍ଷେତ୍ରରେ ସଫଳତା ମିଳିଛି। ଓପିଏମ୍ ଫିଲ୍ଟର ପ୍ରବେଶ ଦ୍ୱାର ନିକଟରେ ଚଢ଼ାଉ କରି ପୁଲିସ ଦୁଇଟି ଦେଶୀ ବନ୍ଧୁକ, ୩ ରାଉଣ୍ଡ ଜୀବନ୍ତ ଗୁଳି ଓ ଗୋଟିଏ ରୟାଲ ଏନଫିଲ୍ଡ ମୋଟରସାଇକେଲ ଜବତ କରିବା ସହ ଜଣେ ୨୦ ବର୍ଷୀୟ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଓପିଏମ୍ କଲୋନୀର ଆଦିତ୍ୟ ଶର୍ମା ଓରଫ ଆଦି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ବ୍ରଜରାଜନଗର ଥାନା ଅଂଚଳରେ ଏସ୍ଆଇ ପ୍ରଭାକର ପାତ୍ରଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଟନେଲ ରୋଡ଼ରେ ପାଟ୍ରୋଲିଂ କରୁଥିଲା। ରାତି ପ୍ରାୟ ୮ଟା ୩୦ ମିନିଟ୍ ସମୟରେ ଓପିଏମ୍ ଫିଲ୍ଟ ନିକଟରେ ଜଣେ ଯୁବକ ମୋଟରସାଇକେଲରେ ବେଆଇନ ବନ୍ଧୁକ ନେଇ ଯାଉଥିବା ନେଇ ପୁଲିସକୁ ବିଶ୍ୱସନୀୟ ସୂଚନା ମିଳିଥିଲା। ଏହାପରେ ପୁଲିସ ଦୁଇଜଣ ସ୍ୱାଧୀନ ସାକ୍ଷୀଙ୍କୁ ସାଙ୍ଗରେ ନେଇ ଘଟଣାସ୍ଥଳରେ ପହଂଚିଥିଲା। ପୁଲିସକୁ ଦେଖି ଯୁବକ ଜଣକ ମୋଟରସାଇକେଲରେ ଖସିଯିବାକୁ ଉଦ୍ୟମ କରିଥିଲେ ମଧ ତାଙ୍କୁ ଓପିଏମ୍ ଫିଲ୍ଟର ପ୍ରବେଶ ଦ୍ୱାର ନିକଟରେ କାବୁ କରାଯାଇଥିଲା। ତଲାସୀ ସମୟରେ ଯୁବକଙ୍କ ଡାହାଣ ପାର୍ଶ୍ୱ ପ୍ୟାଂଟ ପକେଟରୁ ଗୋଟିଏ ଦେଶୀ ଏକନଳୀ ବନ୍ଧୁକ ଓ ୮ ଏମ୍ଏମ୍ର ୩ ରାଉଣ୍ଡ ଜୀବନ୍ତ ଗୁଳି ମିଳିଥିଲା। ସେହିପରି ଅଂଟାର ବାମ ପାର୍ଶ୍ୱରୁ ମ୍ୟାଗାଜିନ୍ ଲାଗିଥିବା ଆଉ ଗୋଟିଏ ଦେଶୀ ପିସ୍ତଲ ଜବତ ହୋଇଥିଲା। ଅସ୍ତ୍ରଶସ୍ତ୍ର ରଖିବା ପାଇଁ ଯୁବକଙ୍କ ପାଖରେ କୌଣସି ବୈଧ ଲାଇସେନ୍ସ ନଥିବା ଜଣାପଡ଼ିଥିଲା। ପରେ ଆଇନଗତ ପ୍ରକ୍ରିୟା ଅନୁସାରେ ବନ୍ଧୁକ, ଗୁଳି ଓ ମୋଟରସାଇକେଲକୁ ଜବତ କରାଯାଇଥିଲା। ଗିରଫ ଆଦିତ୍ୟ ଶର୍ମା ଓରଫ ଆଦି ବ୍ରଜରାଜନଗର ଥାନା ଅନ୍ତର୍ଗତ ଓପିଏମ୍ କଲୋନୀ ଏ-ଲାଇନ୍ର ବାସିନ୍ଦା। ଏହି ଘଟଣାରେ ବ୍ରଜରାଜନଗର ଥାନା କେସ୍ ନମ୍ବର ୨୪୭, ତାରିଖ ୧୯ ଅକ୍ଟୋବର ୨୦୨୬ରେ ଭାରତୀୟ ଅସ୍ତ୍ରଶସ୍ତ୍ର ଆଇନ, ୧୯୫୯ର ଧାରା ୨୫(୧-ବି)(ଏ) ଅନୁଯାୟୀ ମାମଲା ରୁଜୁ ହୋଇଛି। ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଛି।ପୁଲିସ ସୂଚନା ଅନୁଯାୟୀ, ଆଦିତ୍ୟଙ୍କ ନାମରେ ପୂର୍ବରୁ ମଧ ଦୁଇଟି ମାମଲା ରହିଛି। ଏଥିମଧ୍ୟରୁ ବ୍ରଜରାଜନଗର ଥାନାରେ ୨୦ ଜାନୁଆରୀ ୨୦୨୬ରେ ଅସ୍ତ୍ରଶସ୍ତ୍ର ଆଇନର ଧାରା ୨୫(୧-ଏ) ଅନୁଯାୟୀ କେସ୍ ନମ୍ବର ୧୭ ରୁଜୁ ହୋଇଥିଲା। ସେହିପରି ଝାରସୁଗୁଡ଼ା ଥାନାରେ ୧୯ ଅଗଷ୍ଟ ୨୦୨୬ରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୩୧/୩୦୫(ଏ) ଅନୁଯାୟୀ କେସ୍ ନମ୍ବର ୭୬ ରୁଜୁ ହୋଇଥିଲା। ଏହି ପୂର୍ବ ମାମଲାଗୁଡ଼ିକୁ ନେଇ ମଧ ପୁଲିସ ତଥ୍ୟ ସଂଗ୍ରହ କରୁଛି।

ନୀଳଗିରି ସହରରେ 'ସାଇ ଦରବାର' କଲ୍ୟାଣ ମଣ୍ଡପ ଉଦ୍ଘାଟିତ

ନୀଳଗିରି , ୨୨/୧୦ (ନି.ପ୍ର): ସମସ୍ତ ପ୍ରକାରର ମାଙ୍ଗଳିକ କାର୍ଯ୍ୟ ଯଥା:- ବିବାହ, ବ୍ରତ,ଯଜ୍ଞ, ଧାର୍ମିକ ଅନୁଷ୍ଠାନ ସମେତ ସଭା,ସମିତି ଆଦି ସମସ୍ତ ପ୍ରକାରର କାର୍ଯ୍ୟକ୍ରମକୁ ଆଖିଆଗରେ ରଖି ଶିଶିର ମହାପାତ୍ର ଫାଉଣ୍ଡେସନ ପକ୍ଷରୁ ଏକ ଅତ୍ୟାଧୁନିକ ଓ ସୁଲଭମୂଲ୍ୟର କଲ୍ୟାଣମଣ୍ଡପ ଉଦ୍ଘାଟିତ ହୋଇଯାଇଛି।୨୧ ଓ ୨୨ତାରିଖ ଦୁଇଦିନ ବ୍ୟାପି ନୀଳଗିରି ସହରର ପୋଷ୍ଟଅଫିସ ପଛପଟରେ ଥିବା ଶିରିଡିସାଇ ବାବାଙ୍କ ମନ୍ଦିର ପରିସରରେ ଏହି କଲ୍ୟାଣମଣ୍ଡପର ଶୁଭଉଦ୍ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ପୂଜାର୍ଚ୍ଚନା ସହିତ ବହୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟଦିବସରେ



ଓଡ଼ିଶାର ଲବ୍ଧପ୍ରତିଷ୍ଠିତ ପ୍ରବଚକ ଜିତୁ ଦାସଙ୍କ ପ୍ରେରଣାଦାୟୀ ପ୍ରବଚନକୁ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଶ୍ରୋତା ଶ୍ରବଣ କରିଥିଲେ।'ସାଇ ଦରବାର' କଲ୍ୟାଣମଣ୍ଡପକୁ ଭଦ୍ରକ ଜିଲ୍ଲା ବାସୁଦେବପୁର ମୁନସିପାଲଟିର ଚେୟାରମେନ ଶ୍ରୀମତୀ ନିବେଦିତା ବେହେରାଙ୍କ କରକମଳରେ ଆନୁଷ୍ଠାନିକ ଉଦଘାଟନ କରାଯାଇ ସର୍ବସାଧାରଣଙ୍କ ପାଇଁ ଉତ୍ସର୍ଗ କରାଯାଇଥିଲା। ନୀଳଗିରିର ଯୁବ ସମାଜସେବୀ ତଥା ଶିଶିର ମହାପାତ୍ର ଫାଉଣ୍ଡେସନର ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ରଙ୍କ ଉଦ୍ୟମରେ ବହୁ ଜନହିତକର କାର୍ଯ୍ୟକ୍ରମ ସମ୍ପାଦିତ ହୋଇଆସୁଥିଲା ବେଳେ ନୀଳଗିରି ସହରରେ ସାଧାରଣଲୋକଙ୍କ ଆବଶ୍ୟକତାକୁ ଉପଲବ୍ଧିକରି ଏହି କଲ୍ୟାଣମଣ୍ଡପର ପରିକଳ୍ପନା କରାଯାଇ ପ୍ରତିଷ୍ଠା କରାଯାଇଥିବା ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ର ସୂଚନା ଦେଇଛନ୍ତି। ଦିବସବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ସହିତ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ ସହ ହଜାର ହଜାର ଲୋକଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ସହରରେ ଏଭଳି ମଣ୍ଡପର ଆବଶ୍ୟକତା ରହିଥିବା କହିବାସହିତ ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ରଙ୍କୁ ସାଧୁବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ସ୍ୱର୍ଗତ ଶିଶିର ମହାପାତ୍ରଙ୍କ ପରିବାରର ସବ୍ୟସାଚୀ ମହାପାତ୍ରଙ୍କ ସମେତ ରଞ୍ଜନା ପଟ୍ଟନାୟକ, ଶିତିକଣ୍ଠ ମହାପାତ୍ର ଏବଂ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

ନୀଳଗିରିରେ ୪୨ତମ ରାବଣପୋଡ଼ି

ନୀଳଗିରି, ୨୨/୧୦ (ନି.ପ୍ର): ପବିତ୍ର ବିଜୟାଦଶମୀ ଅବସରରେ ନୀଳଗିରି ଥାନାପଡିଆ ପରିସରରେ ୪୨ତମ ରାବଣପୋଡ଼ି ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଅସତ୍ୟ ଉପରେ ସତ୍ୟର ବିଜୟର ଏହି ପରମ୍ପରା ରାବଣ ପୋଡ଼ି ଉତ୍ସବ।ଚଳିତବର୍ଷ ନୀଳଗିରି ରାବଣପୋଡ଼ି ଉତ୍ସବ ପାଲଟିଥିଲା ଜନସମୁଦ୍ର। ପ୍ରାୟ ୩-୪ ଘଣ୍ଟାଧରି ଜନତା ଏହି ଉତ୍ସବକୁ ଉପଭୋଗ କରିଥିଲେ। ଦୀର୍ଘବର୍ଷ ଧରି ନୀଳଗିରିର ପୂର୍ବତନ ବିଧାୟକ ସ୍ୱର୍ଗତ ଅକ୍ଷୟ କୁମାର ଆଚାର୍ଯ୍ୟ ଏହି ଉତ୍ସବ କରି ଆସୁଥିବାବେଳେ ତାଙ୍କର ଦେହାନ୍ତପରେ ବାପାଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବାପାଇଁ ତାଙ୍କର ପୁତ୍ର ଦିବ୍ୟଜ୍ୟୋତି ଆଚାର୍ଯ୍ୟ ନୀଳଗିରିବାସୀ ଏବଂ ଯୁବଗୋଷ୍ଠୀଙ୍କ ସହଯୋଗରେ ଚଳିତବର୍ଷ ଧୁମଧାମରେ ଏହି ଉତ୍ସବପାଳନ କରିଛନ୍ତି। ଉତ୍ସବରେ ମୁଖ୍ୟବକ୍ତା ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ



ମଞ୍ଚାସୀନରହି ଦୀର୍ଘ ୪୧ବର୍ଷ ଧରି ସ୍ୱର୍ଗତ ଅକ୍ଷୟବାବୁ ଏହି ଉତ୍ସବ ପାଳନ କରିଆସୁଥିବା ବେଳେ ତାଙ୍କ ସୁପୁତ୍ରଙ୍କ ଉଦ୍ୟମରେ ଏଭଳି ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାରୁ ସାଧୁବାଦ ଜଣାଇଥିଲେ। ଆଜିର ସମାଜରେ ଅନେକ ରାବଣରୂପୀ ମଣିଷ ନିଜକୁ ପ୍ରଭୁ ରାମଚନ୍ଦ୍ରଙ୍କ ଭୂମିକାରେ ଅଭିନୟକରି ସତ୍ୟର ପଥିକ ବୋଲାଉଥିବା ଦେଖିବାକୁ ମିଳିଥିବା ବେଳେ ଏଭଳି କୁଚକ୍ରୀ, ଅତ୍ୟାଚାରୀ ନରକାସୁର ମାନଙ୍କୁ ଦମନ କରିବାକୁ ପଡିବବୋଲି ମୁଖ୍ୟବକ୍ତା ନିଜ ଅଭିଭାଷଣରେ କହିଥିଲେ। ଅନୁରୂପ ଭାବେ ଉତ୍ସବର ମୁଖ୍ୟଅତିଥି ପୂର୍ବତନ ଜିଲ୍ଲାପାଳ ତଥା ନୀଳଗିରି ମାଟିର ସୁଯୋଗ୍ୟ ସନ୍ତାନ ଡଃ ସରୋଜ କୁମାର ସେଠୀ ମଞ୍ଚାସୀନ ରହି ଏଭଳି ଉତ୍ସବକୁ ଭୂୟସୀ ପ୍ରଶଂସା କରିବାସହ ସବୁଦିନ ସହଯୋଗ ରହିବବୋଲି ପ୍ରକାଶ କରିଥିଲେ। କମିଟିର ସମ୍ପାଦକ ଉଦୟଜ୍ୟୋତି ମହାନ୍ତି, ସଦସ୍ୟ ସଦାଶିବ ରଥ, ରଶ୍ମିରଞ୍ଜନ ରାଉତ, ବିଶ୍ୱନାଥ ଦାସ ଓ ସଭାପତି ଦିବ୍ୟଜ୍ୟୋତି ଆଚାର୍ଯ୍ୟ ମଞ୍ଚାସୀନ ରହି ନିଜନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ମୁଖ୍ୟଅତିଥି ସରୋଜ କୁମାର ସେଠୀ ରାବଣ ଦେହରେ ଅଗ୍ନି ସଂଯୋଗ କରି ରାବଣବଧ କରିଥିଲେ। ରଙ୍ଗବେରଙ୍ଗର ଆତସବାଜି ଝଲକରେ ପାଖାପାଖି ୨୫ହଜାରରୁ ଅଧିକ ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା।

ଆକ୍ରମଣ ମାମଲା: ଜଣେ ଗିରଫ

ଜୟପୁର, ୨୨/୧୦ (ନି.ପ୍ର): ଆକ୍ରମଣ ମାମଲାରେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ସଦର ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲା କଳାଗୁଡ଼ାର ନବୀନ ଖୋସଲା। ଗଣ୍ଡଗୋଳ ସମାଧାନ ପାଇଁ ବସିଥିବା ଗ୍ରାମ୍ୟ ବୈଠକରେ ରକ୍ତାକ୍ତ ଘଟଣା ଘଟିଛି। ଜଣେ ଯୁବକଙ୍କ ଛାତି ଓ ଶରୀରର ବିଭିନ୍ନ ସ୍ଥାନକୁ ଛୁରି ଆକ୍ରମଣ କରି ହତ୍ୟା ଉଦ୍ୟମ କରାଯାଇଥିବା ନେଇ ଜୟପୁର ସଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତିକରି ପୋଲିସ ମାମଲା ରୁଜୁ କରି ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଛି। ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡ଼ା ଗ୍ରାମରେ ୩ ଦିନ ପୂର୍ବେ ସୋମନାଥ ନାମକ ଜଣେ ବ୍ୟକ୍ତିଙ୍କ ପତ୍ନୀଙ୍କ ସହ ଗ୍ରାମର ନବୀନ ଖୋସଲାଙ୍କର କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏହି ବିବାଦର ସମାଧାନ ଉଦ୍ଦେଶ୍ୟରେ ଗତ ସୋମବାର ଗ୍ରାମର ଭଦ୍ରଲୋକମାନଙ୍କ ଉପସ୍ଥିତିରେ ଏକ ବୈଠକ ବସିଥିଲା।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

କୋଟିଆରେ ଆନ୍ଧ୍ର...

ନେଇ ପ୍ରଶାସନିକ ଓ ରାଜନୈତିକ ସ୍ତରରେ ଚର୍ଚ୍ଚା ଜୋର ଧରିଛି । ଆସନ୍ତା ୨୪ ତାରିଖରେ ସର୍ବଦଳୀୟ କମିଟି କୋଟିଆ ଗସ୍ତ କରି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବ । କୋଟିଆ ଜଗନ୍ନାଥ ମନ୍ଦିରରେ ମଧ ବୈଠକ ହେବାର କାର୍ଯ୍ୟକ୍ରମ ରହିଛି । ଏଥିରେ ଅବିଭକ୍ତ କୋରାପୁଟ ଜିଲ୍ଲାର ସମସ୍ତ ବିଧାୟକ ଓ ବିଭିନ୍ନ ରାଜନୈତିକ ଦଳକୁ ସାମିଲ ହେବା ପାଇଁ ଜୟପୁର ବିଧାୟକ ନିବେଦନ କରିଛନ୍ତି । ନୂଆ ସରକାର ଗଠନ କରିଥିବା ଷ୍ଟାଣ୍ଡିଂ କମିଟିକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ବିରୋଧୀ ଦଳ ଉପନେତା ମଧ ସରକାରଙ୍କୁ ସମାଲୋଚନା କରିଛନ୍ତି।

ଦ୍ରୁତ ଗତିରେ ଆଗଉଛି ...

ପ୍ରତିଷ୍ଠାନ ସ୍ଥାପିତ ହୋଇଛି, ଯାହାକି ପ୍ରାୟ ୩.୫୨ ଲକ୍ଷ କୋଟି ଟଙ୍କାର ନିବେଶକୁ ପ୍ରତିନିଧିତ୍ୱ କରୁଛି। ରାଜ୍ୟରେ ୨୨.୫୦ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ପ୍ରସ୍ତାବ ପ୍ରାପ୍ତ ହୋଇଛି, ଯେଉଁଥିରୁ ୧୨.୫୦ ଲକ୍ଷ କୋଟି ଟଙ୍କାରୁ ଅଧିକକୁ ହାଇ-ଲେଭେଲ୍ କ୍ଲିୟରାନ୍ସ ଅଥରିଟି ଅନୁମୋଦନ ପ୍ରଦାନ କରିଛନ୍ତି। ସେ ସେପ୍ଟେମ୍ବର ୨୦୨୬ରେ ୟୁଏଇ ଠାରେ ଅନୁଷ୍ଠିତ ନିବେଶକ ସମ୍ମିଳନୀକୁ ମଧ ସ୍ମରଣ କରିଥିଲେ, ଯେଉଁଠାରେ ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଥିଲା; ଯେଉଁଥିରେ ଆନ୍ତର୍ଜାତିକ ହୋଲ୍ଡିଂ କମ୍ପାନିରୁ ପ୍ରାୟ ୨.୧୦ ଲକ୍ଷ କୋଟି ଟଙ୍କା ଅନ୍ତର୍ଭୁକ୍ତ ଥିଲା। ଏହି ପ୍ରସ୍ତାବଗୁଡ଼ିକ ମଧ୍ୟରୁ ଅନେକ କେମିକାଲ୍ସ, ପେଟ୍ରୋକେମିକାଲ୍ସ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ସହିତ ଜଡ଼ିତ। ରାଜ୍ୟର ଶିଳ୍ପ-ଅନୁକୂଳ ମନୋଭାବକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଉପସ୍ଥାପନ କରି ଶ୍ରୀ ମାଝୀ ଓଡ଼ିଶାର ଶିଳ୍ପ ନୀତି ସହାୟତା, ଭିତ୍ତିଭୂମି, ଦକ୍ଷ ଶ୍ରମଶକ୍ତି ଏବଂ ପ୍ରତିଷ୍ଠାନିକ ଇକୋସିଷ୍ଟମକୁ ପ୍ରଶଂସା କରିଥିଲେ।

ତିବ୍ବତରେ ଭୟଙ୍କର...

ନ୍ୟାସନାଲ ସେଣ୍ଟର ଫର୍ ସିସ୍ମୋଲୋଜିର ସୂଚନା ଅନୁଯାୟୀ, ଭାରତୀୟ ସମୟ ରାତି ପ୍ରାୟ ୮ଟା ୩ ମିନିଟ୍‌ରେ ତିବ୍ବତରେ ୭.୦ ତୀବ୍ରତାର ଭୂମିକମ୍ପ ହୋଇଥିଲା । ଭୂପୃଷ୍ଠଠାରୁ ୧୭୩ କିଲୋମିଟର ଗଭୀରରେ ଏହାର କେନ୍ଦ୍ରସ୍ଥଳ ରହିଥିଲା । ଅନ୍ୟପଟେ, ଚୀନ୍‌ର ଗଣମାଧ୍ୟମ ପକ୍ଷରୁ ଏହି ଭୂମିକମ୍ପ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇନାହିଁ । ତିବ୍ବତ ଭୂମିକମ୍ପ ପ୍ରବଣ ଅଞ୍ଚଳ ଭାବେ ପରିଚିତ । ଏହାର ପ୍ରମୁଖ କାରଣ ହେଉଛି ଭାରତୀୟ ଟେକ୍ଟୋନିକ୍ ପ୍ଲେଟ୍ ଏବଂ ୟୁରେସିଆନ୍ ପ୍ଲେଟ୍ ମଧ୍ୟରେ ଧକ୍କା । ପ୍ରାୟ ୫ରୁ ୬ କୋଟି ବର୍ଷ ପୂର୍ବେ ଭାରତୀୟ ପ୍ଲେଟ୍ ଉତ୍ତର ଦିଗକୁ ଗତି କରି ୟୁରେସିଆନ୍ ପ୍ଲେଟ୍ ସହ ଧକ୍କା ହୋଇଥିଲା ।

ବଡ଼ଚଣା ଆର ଆଣ୍ଡ୍ ବି ...

ଯନ୍ତ୍ରୀଙ୍କ ଅଧୀନରେ କାର୍ଯ୍ୟରତ ଶ୍ରୀ ସେଠୀଙ୍କ ସମ୍ପତ୍ତି ଯାଞ୍ଚ ପାଇଁ କଟକ ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଚଢ଼ାଉ କରାଯାଉଛି। ଏହି ଅଭିଯାନରେ ୩ ଜଣ ଅତିରିକ୍ତ ଏସ୍‌ପି, ୬ ଜଣ ଡିଏସ୍‌ପି, ୩ ଜଣ ଇନ୍ସପେକ୍ଟର ଏବଂ ଅନ୍ୟ ସହାୟକ କର୍ମଚାରୀ ସାମିଲ ହୋଇଛନ୍ତି। ଭିଜିଲାନ୍ସ ପକ୍ଷରୁ ୭ଟି ସ୍ଥାନରେ ଚଢ଼ାଉ କରାଯାଉଛି। କଟକ ସିଡିଏ ସେକ୍ଟର-୭ର ପ୍ଲଟ୍ ନମ୍ବର ଏଫ୍/୭୭୯ରେ ଥିବା ତିନି ମହଲା କୋଠା, ପୁରୀ ସିଦ୍ଧମହାବୀର ଅଞ୍ଚଳରେ ଥିବା ତିନି ମହଲା କୋଠା, କଟକ ଜିଲ୍ଲା କଣ୍ଟାପଡ଼ାରେ ଥିବା ଫାର୍ମ ହାଉସ୍ ଏବଂ ଏକ ସିମ୍ପ୍ଲେକ୍ସ, ପୁରୀ ଜିଲ୍ଲା କୋଣାର୍କ ଥାନା ଅନ୍ତର୍ଗତ ତାଙ୍କ ନିଜ ଗ୍ରାମ ଝିଙ୍କିରିଆରେ ଥିବା ଦୁଇ ମହଲା ଘର, କଟକ ୪୨ ମୌଜା ଅନ୍ତର୍ଗତ ଶିବ ମନ୍ଦିର ନିକଟସ୍ଥ ବନ୍ତୁଣିଆରେ ଥିବା ତାଙ୍କ ଶ୍ୱଶୁର ଘର, ଭୁବନେଶ୍ୱର କଣ୍ଟାବାଡ଼ରେ ଥିବା ଦୁଇ ମହଲା କୋଠା, ଯାଜପୁର: ବଡ଼ଚଣାସ୍ଥିତ ଆର ଆଣ୍ଡ୍ ବି ଉପଖଣ୍ଡ କାର୍ଯ୍ୟାଳୟରେ ଥିବା ଶ୍ରୀ ସେଠୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଚଢାଉ କରାଯାଇଛି । ଚଢ଼ାଉ ସମୟରେ ମିଳୁଥିବା ସମ୍ପତ୍ତି, ଆର୍ଥିକ କାରବାର ଏବଂ ଅନ୍ୟାନ୍ୟ ଦସ୍ତାବିଜ୍‌ର ଯାଞ୍ଚ ପରେ ଅଧିକ ତଥ୍ୟ ଜଣାପଡ଼ିବ।

ଆସନ୍ତା ୩୦ ବର୍ଷ ...

କାର୍ଯ୍ୟକ୍ରମରେ ଯୋଗଦେଇ ଶାହ କଂଗ୍ରେସ ଓ ଆମ୍ ଆଦମୀ ପାର୍ଟି (ଆପ୍)କୁ ସମାଲୋଚନା କରିଥିଲେ । ଭୋଟ୍ ଚୋରି ଓ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର)ରେ ଅନିୟମିତତା ନେଇ ବିରୋଧୀଙ୍କ ଅଭିଯୋଗକୁ ନେଇ ମଧ ଶାହ ଆପତ୍ତି ଉଠାଇଥିଲେ । ବିରୋଧୀ ଦଳଗୁଡ଼ିକ ଲୋକଙ୍କ ଜନାଦେଶକୁ ଚ୍ୟାଲେଞ୍ଜ କରିବା ପାଇଁ ରାଜନୈତିକ କୌଶଳ ଓ ଭିଡ଼ତନ୍ତ୍ରର ଆଶ୍ରୟ ନେଉଥିବା ସେ ଅଭିଯୋଗ କରିଥିଲେ । ଶାହ କହିଥିଲେ, ନିର୍ବାଚନ ଜିତିବାକୁ ହେଲେ ନେତାମାନେ ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ବୁଝିବା ଆବଶ୍ୟକ । ଏହା ସହ ବିଜେପି ଆସନ୍ତା ୩୦ ବର୍ଷ ପର୍ଯ୍ୟନ୍ତ କ୍ଷମତାରେ ରହିବ ବୋଲି ଶାହ ଦାବି କରିଥିଲେ। ବିରୋଧୀଙ୍କ ନକାରାତ୍ମକ ରାଜନୀତି ସେମାନଙ୍କୁ କ୍ଷମତାକୁ ଫେରିବାରୁ ବଞ୍ଚିତ କରିବ ବୋଲି ସେ କହିଥିଲେ।

ଜଳେଶ୍ୱରରେ ଚାଞ୍ଚଲ୍ୟ...

ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଛି କି, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି । ଏହି ଘଟଣାରେ ସନ୍ଦେହରେ ଜଣେ ଯୁବକଙ୍କୁ ଅଟକ ରଖାଯାଇଥିବା ସୂଚନା ମିଳିଛି । ଖବର ପାଇ ଜଳେଶ୍ୱର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି । ତେବେ ନାବାଳିକାଙ୍କ ମୃତ୍ୟୁ ପଛର ପ୍ରକୃତ କାରଣ କ'ଣ ଏବଂ ଏହି ଘଟଣାରେ କାହାର ସମ୍ପୃକ୍ତି ରହିଛି, ତାହା ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ ।

ଗରସଙ୍ଗ ରାବଣ ପୋଡିର ମଜାନେଲେ ଦର୍ଶକ: କମିଟିକୁ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଲେ ବିଧାୟକ

ଖଇରା, ୨୨/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗ କଲେଜ ପଡିଆରେ ରାବଣ ପୋଡି ଉତ୍ସବକୁ ହଜାର ହଜାର ଦର୍ଶକ ମନଭରି ଉପଭୋଗ କରିଛନ୍ତି । କୈଳାସ ମାଝୀ ଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ନିଜ ଭିତରେ ଥିବା ଆସୁରିକ ଗୁଣକୁ ପରିତ୍ୟାଗ କରିବାକୁ ପରାମର୍ଶ ଦେଇଥିଲେ । ଏଥିସହ କମିଟି ର ସ୍ଥାୟୀ ଘର ବ୍ୟବସ୍ଥା ପାଇଁ ପ୍ରତିଶୃତି ଦେଇଥିଲେ। ବିଧାୟକଙ୍କ



ପତ୍ନୀ କୁନ୍ତଳା ପଣ୍ଡା,ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,୬ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର,ମୀନାକ୍ଷୀ ମହାପାତ୍ର, ଅନ୍ତରା ସମବାୟ ସମିତି ସମ୍ପାଦକ ବିକାଶ ନାୟକ,ନାଏବ ସରପଞ୍ଚ ହେମଲତା ଘୋଷ, ମଦନମୋହନ ଜେନା, ଗୋପୀନାଥ ଘୋଷ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ରାବଣ ପୋଡି କମିଟିର ସଭାପତି ଅରବିନ୍ଦ ଦାସ,ସମ୍ପାଦକ ପିଣ୍ଟୁଦାସ ଓ କୋଷାଧକ୍ଷ ଶଶିଭୂଷଣ ନାୟକ ପ୍ରମୁଖ ଉତ୍ସବର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସିମୁଳିଆ ଥାନା ଏସଏସଆଇ କ୍ଷୀରୋଦ ସାହୁଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୁଶାନ୍ତ ଉପାଧ୍ୟାୟ,ମହେଶ ସାହୁ, ମନୋରଞ୍ଜନ ଘୋଷ,ମଦନ ବେହେରା,ଗୌରାଙ୍ଗ ଘୋଷ, ନରେନ୍ଦ୍ର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଦର୍ଶକ ମାନେ ଆତଶବାଜୀ ଓ ରାବଣ ମୂର୍ତ୍ତୀ ପୋଡିର ମଜା ନେଇଥିଲେ।

ଗୋବିନ୍ଦପୁର ମାଟି ପାଇଁ ଲଢିବାକୁ ପ୍ରତିଶ୍ରୁତିବଦ୍ଧ

ଖଇରା, ୨୨/୧୦ (ନି.ପ୍ର): ପ୍ରତିବର୍ଷ ଭଳି ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତର ସମିତି ସଭ୍ୟା ପାର୍ବତୀ ବାରିକ ଓ ତାଙ୍କ ସ୍ୱାମୀ ତଥା ବିଜେଡି ଯୁବମୋର୍ଚ୍ଚା ସଭାପତି ଅନନ୍ତ ପ୍ରସାଦ ବାରିକଙ୍କ ପକ୍ଷରୁ ବିଜୟାଦଶମୀ ପାଳନ ଅବସରରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ବୁଢ଼ାଗଡିଆ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଏହି ଦମ୍ପତ୍ତି ଶେଷ ନିଶ୍ୱାସ ଥିବା ଯାଏ ଗୋବିନ୍ଦପୁର ମାଟିପାଇଁ କାମ କରୁଥିଲେ ଓ ଭଲମନ୍ଦ ବୁଝି ଚାଲିଥିବେ ବୋଲି କହିଥିଲେ । ଦଳମତ ନିର୍ବିଶେଷରେ ଯିଏ ଯେତେବେଳେ ସାହାଯ୍ୟ ଲୋଡିଛନ୍ତି ସେ ରାତିଦିନ ଖରାବର୍ଷା ଖାତିର ନକରି ତାଙ୍କୁ ନିଜର କ୍ଷମତା ମୁତାବକ ସହଯୋଗର ହାତ ବଢାଇଥିବା ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ଉଲ୍ଲେଖ କରିଥିଲେ । ଏହି ପରିପ୍ରେକ୍ଷୀରେ ଓଡିଶା ସାମ୍ବାଦିକ ୟୁନିଅନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା,ଉପସଭାପତି ଉତ୍କଳବନ୍ଧୁ ପଣ୍ଡା,ଉପଦେଷ୍ଟା କୈଳାସ ଚନ୍ଦ୍ର ଦାସ,ସମ୍ପାଦକ ତପୋଧନ ବାରିକ, ସଂଯୋଜକ ଉମେଶ କୁମାର ଜେନା ଓ ସଞ୍ଜୟ କୁମାର ବେହେରା,ସଭ୍ୟ ବଳରାମ ଲେଙ୍କା,ସମ୍ଭୁନାଥ ନାୟକ,ଅବିନାଶ ପ୍ରଧାନ,ମନୋଜ କୁମାର ପ୍ରଧାନ,ଧନଞ୍ଜୟ ପଣ୍ଡା,ଉମାକାନ୍ତ ସେଠୀ,ଦୁର୍ଗାମାଧବ ଓଝା ପ୍ରମୁଖଙ୍କ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ବାଲେଶ୍ୱରବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଓ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଶାରଦୀୟ ସଚେତନତା ଶିବିର

ବାଲେଶ୍ୱର, ୨୨/୧୦ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ଶାରଦୀୟ ଦୁର୍ଗାପୂଜା ଅବସରରେ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ଥାନୀୟ ବିଚାରଗଞ୍ଜ ଛକ ପାର୍ଶ୍ୱରେ 'ସ୍ୱାସ୍ଥ୍ୟ ସଚେତନତା ଶିବିର' ଅନୁଷ୍ଠିତ ହୋଇଥିଲା। ମହାସପ୍ତମୀ ଠାରୁ ବିଜୟା ଦଶମୀ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ପ୍ରତ୍ୟେକ ଦିନ ସନ୍ଧ୍ୟା ୫ ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା, ସାଧାରଣ ସଂପାଦକ ପ୍ରଦୀପ ଦାସଙ୍କ ସମେତ ବରିଷ୍ଠ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ଶିବିରରେ ଉପସ୍ଥିତ ରହି ବାଲେଶ୍ୱରବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଦାବିରେ ଐକ୍ୟବଦ୍ଧ ହେବାକୁ ସେମାନେ ନିବେଦନ କରିଥିଲେ। ବାଲେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ଓ ମତ୍ସ୍ୟ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ଗତ ୫ ବର୍ଷ ଧରି ଦାବି ଓ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚଳାଇଥିବା କ୍ରିୟାନୁଷ୍ଠାନ ସମିତି ପକ୍ଷରୁ ଏକ ଶିବିରରେ ସଭାପତି ଡ. କେଶବ ଚରଣ ପଣ୍ଡା, ସାଧାରଣ ସଂପାଦକ ଅଭୟ ଚନ୍ଦ୍ର ମିଶ୍ର ଓ ମାୟାଧର ବିଶ୍ୱାଳଙ୍କ ସମେତ ସମିତିର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ପ୍ରଚାର ପୁସ୍ତିକା ବଣ୍ଟନ କରିଥିଲେ। ଧାନ, ପାନ, ମୀନ ପାଇଁ ବାଲେଶ୍ୱର ପ୍ରସିଦ୍ଧି ଲାଭ କରିଥିବାବେଳେ ଅନ୍ୟ ୩ଟି ଜିଲ୍ଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଥିବାବେଳେ ବାଲେଶ୍ୱର ଜିଲ୍ଲାବାସୀଙ୍କ ଦାବିପ୍ରତି ଅବିଚାର ବିରୋଧରେ ବାଲେଶ୍ୱରବାସୀ ଆଗାମୀ ଆନ୍ଦୋଳନରେ ଯୋଗ ଦେବାକୁ ସମିତି ପକ୍ଷରୁ ଜନସାଧାରଣଙ୍କୁ ସେମାନେ ନିବେଦନ କରିଥିଲେ। ବାଲେଶ୍ୱର ସହରର ବହୁ ଦୁର୍ଗାପୂଜା ମଣ୍ଡପ ପାର୍ଶ୍ୱରେ କୃଷି ମହାବିଦ୍ୟାଳୟ ଓ ମତ୍ସ୍ୟବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ବ୍ୟାନାର ଲଗାଯାଇଥିବାର ଦେଖାଯାଇଥିଲା। ବାଲେଶ୍ୱର ବାସୀଙ୍କ ସ୍ୱାର୍ଥରେ ଏହି ଦୁଇଟି ସଂଗଠନ ପକ୍ଷରୁ ଆୟୋଜିତ ଶିବିରରେ ସଂଗଠନର କର୍ମକର୍ତ୍ତାମାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସଂଗଠନର ଦାବିକୁ ସମର୍ଥନ ଜଣାଇ ନିଜର ସ୍ୱାକ୍ଷର ଦେଇଥିଲେ। ଗତ ୫ ଦିନବ୍ୟାପୀ ସ୍ୱାସ୍ଥ୍ୟ ଓ କୃଷିପାଇଁ ଉକ୍ତ ଶିବିରରେ ଯୋଗ ଦେଇଥିବା ଶହଶହ ସଭ୍ୟ, ସଭ୍ୟା ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ଏହି ଦୁଇ ସଂଗଠନର ଜନସଂପର୍କ ଦାୟିତ୍ୱରେ ଥିବା ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ସମସ୍ତଙ୍କୁ ଶୁଭେଚ୍ଛା ଓ କୃତଜ୍ଞତା ଜଣାଇଛନ୍ତି।

ବାସୁଦେବପୁର ବ୍ଲକର ବିଭିନ୍ନ ସ୍ଥାନରେ ଦୁର୍ଗାପୂଜା ମହା ସମାରୋହରେ ଅନୁଷ୍ଠିତ

ବାସୁଦେବପୁର, ୨୨/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିଦେଇପୁର ମୁନି ପଡିଆ ଠାରେ ସାର୍ବଜନୀନ ଦୁର୍ଗା ପୂଜା କମିଟି ପକ୍ଷରୁ ପବିତ୍ର ଦୁର୍ଗା ପୂଜା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି କମିଟି ପକ୍ଷରୁ ସଭାପତି ବଂଶୀଧର ଦାସ, ସମ୍ପାଦକ ପ୍ରଭଞ୍ଜନ ମହାନ୍ତି, କୋଷାଧକ୍ଷ ଶ୍ରୀକୃଷ୍ଣ ଦାସ, ସଦସ୍ୟ ଗଦାଧର ନାୟକ, ବିଭାସ ରାୟ, ପ୍ରତାପ ମହାନ୍ତି, ଗୌରହରି ରାୟ, ଗୋପାଳ ଚନ୍ଦ୍ର ରାୟ ଓ ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇଥିଲେ। ୧୯୯୫ ମସିହାରୁ ଏହି ଦୁର୍ଗା ପୂଜା ଆରମ୍ଭ ହୋଇଛି। ସେହିପରି ସାର୍ବଜନୀନ ଦୁର୍ଗା ପୂଜା କମିଟି ଗୋପବନ୍ଧୁ ନଗର ପକ୍ଷରୁ ଦୁର୍ଗା ପୂଜା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି କମିଟି ପକ୍ଷରୁ ସଭାପତି ଅମୂଲ୍ୟ ମାଇତି, ସମ୍ପାଦକ ବୁଦ୍ଧିରାମ ଭୋଇ ଓ ସମସ୍ତ ସଦସ୍ୟ ବନ୍ଧୁ ଯୋଗ ଦେଇଥିଲେ। ଏହି ଅବସରରେ ରାବଣ ପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ସେହିପରି ଅଲବଗା ସାର୍ବଜନୀନ ଦୁର୍ଗା ପୂଜା କମିଟି ପକ୍ଷରୁ ଦୁର୍ଗା ପୂଜା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି କମିଟି ପକ୍ଷରୁ ସଭାପତି କମଳାକାନ୍ତ ପାଢ଼ୀ, ସମ୍ପାଦକ ଅଲେଖ ଚନ୍ଦ୍ର ସାହୁ, କୋଷାଧକ୍ଷ ବିଷ୍ଣୁ ମୋହନ ସାହୁ, ଉତ୍କଳ କେଶରୀ ପାଢ଼ୀ, ବ୍ରାହ୍ମଣ ଗାଁ ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ କୁମାର ଦୀକ୍ଷିତ, ପ୍ରଶାନ୍ତ କୁମାର ମିଶ୍ର ଓ ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇଥିଲେ। ୨୦୧୩ ମସିହାରେ ଏହି କମିଟି ପକ୍ଷରୁ ପୂଜା ଆରମ୍ଭ ହୋଇଥିଲା। ସେହିପରି ଭାବେ ବାସୁଦେବପୁର ଥାନା ହାଟ ସାର୍ବଜନୀନ ଦୁର୍ଗା କମିଟି ପକ୍ଷରୁ ଦୁର୍ଗା ପୂଜା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି କମିଟି ପକ୍ଷରୁ ମୁଖ୍ୟ କାର୍ଯ୍ୟକର୍ତ୍ତା ଅନନ୍ତ ନାରାୟଣ ମହାନ୍ତି, ଟୁନା ସାମଲ ଓ ଅନ୍ୟାନ୍ୟ ସଦସ୍ୟ ଯୋଗ



ଦେଇଥିଲେ। ସେହିପରି ଭାବେ ବାସୁଦେବପୁର ତୃପ୍ତି ମହା ବିଦ୍ୟାଳୟ ନିକଟରେ ଥିବା ସାର୍ବଜନୀନ ଦୁର୍ଗା ପୂଜା କମିଟି ପକ୍ଷରୁ ପବିତ୍ର ଦୁର୍ଗା ପୂଜା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ସେହିପରି ଭାବେ ଆର୍ତ୍ତୁଙ୍ଗ ମା ହାଟ ମଙ୍ଗଳା ଦୁର୍ଗା ପୂଜା କମିଟି ପକ୍ଷରୁ ପବିତ୍ର ଦୁର୍ଗା ପୂଜା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି କମିଟି ପକ୍ଷରୁ ସଭାପତି ଭାଗୀରଥି ରାଉତ, ସମ୍ପାଦକ ଅସିତ୍ କୁମାର ଦାଶ ଓ ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇଥିଲେ। ୧୯୮୯ ମସିହାରେ ଏହି ପୂଜା ଆରମ୍ଭ ହୋଇଥିଲା। ସେହିପରି ଭାବେ ବାରାପୁର ସାର୍ବଜନୀନ ଦୁର୍ଗା ପୂଜା କମିଟି ପକ୍ଷରୁ ପବିତ୍ର ଦୁର୍ଗା ପୂଜା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ୧୯୭୪ ମସିହାରେ ଏହି ପୂଜା କମିଟି ପ୍ରତିଷ୍ଠା ହୋଇଥିଲା। ଏହି କମିଟି ପକ୍ଷରୁ ସଭାପତି ଜଗବନ୍ଧୁ ପାଣିଗ୍ରାହୀ, ସମ୍ପାଦକ ପ୍ରଭାସ ଚନ୍ଦ୍ର ସାହୁ, କୋଷାଧକ୍ଷ ଅମୀୟ କୁମାର ପାଣିଗ୍ରାହୀ, ସଦସ୍ୟ ଜଗବନ୍ଧୁ ପଣ୍ଡା, ରମାକାନ୍ତ ପାଣିଗ୍ରାହୀ, ବୃନ୍ଦାବନ ଚନ୍ଦ୍ର ବେହେରା ଓ ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇଥିଲେ। ସେହିପରି ଭାବେ ଜଗନ୍ନାଥୀ ସାର୍ବଜନୀନ ଦୁର୍ଗା ପୂଜା କମିଟି ପକ୍ଷରୁ ପବିତ୍ର ଦୁର୍ଗା ପୂଜା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି କମିଟି ପକ୍ଷରୁ ସଭାପତି ଉମାକାନ୍ତ ସାହୁ, ସମ୍ପାଦକ ପ୍ରମୋଦ କୁମାର ସାହୁ ଓ ଅନ୍ୟାନ୍ୟ ସଦସ୍ୟ ଏହି ଉତ୍ସବରେ ଯୋଗ ଦେଇଥିଲେ। ଦୀର୍ଘ ୩୬ ବର୍ଷ ଧରି ଏହି ଅନୁଷ୍ଠାନ ପକ୍ଷରୁ ପୂଜା ହୋଇ ଆସୁଛି। ସେହିପରି ଭାବେ ନରସିଂହପୁର ସାର୍ବଜନୀନ ଦୁର୍ଗା ପୂଜା କମିଟି ପକ୍ଷରୁ ପବିତ୍ର ଦୁର୍ଗା ପୂଜା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ କମିଟି ପକ୍ଷରୁ ସଭାପତି, ସମ୍ପାଦକ ଓ ସମସ୍ତ ସଦସ୍ୟ ଏହି ଉତ୍ସବରେ ଯୋଗ ଦେଇଥିଲେ। ଯାତ୍ରାଶ୍ରୀ ବିଶ୍ୱ ଦରବାର ଏହି ଅବସରରେ ବାସନ୍ତୀ ପଡ଼ିଆ ଠାରେ ନାଟକ ପରିବେଷଣ କରିଥିଲେ।

ଶୁକ୍ରବାର, ଅକ୍ଟୋବର ୨୩, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ବାରିପଦାରେ ପାଳିତ ହେଲା ରାବଣପୋଡ଼ି ମହୋତ୍ସବ

ବାରିପଦା, ୨୨/୧୦ (ନି.ପ୍ର): ପବିତ୍ର ବିଜୟା ଦଶମୀ ଅବସରରେ ବାରିପଦା ସହରର ମଧୁବନ ମିନି ଷ୍ଟାଡିୟମ ପଡ଼ିଆରେ ରାବଣପୋଡ଼ି ମହୋତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଅତିଥି ଭବରେ ଯୋଗଦେଇ ରାବଣ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରିଥିଲେ। ବାରିପଦା ସହରରେ ରାବଣପୋଡ଼ି ଆୟୋଜନର ଏକମାତ୍ର ମଧୁବନ ଠାରେ ଅନୁଷ୍ଠିତ ହୋଇଥିବାରୁ ଏହି ମହୋତ୍ସବକୁ ଦେଖିବା ପାଇଁ ସନ୍ଧ୍ୟାରୁ ମଧୁବନ ପଡ଼ିଆରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ରାତି ପ୍ରାୟ ସାଢ଼େ ୮ଟାରେ ଅତିଥିମାନେ ରାବଣ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରିବା ପରେ ବିଶାଳକାୟ ରାବଣ ପ୍ରତିମୂର୍ତ୍ତି ଜଳିଉଠିବା ସହିତ ବାଣ ରୋଶଣି ଆଲୋକ ମାଳା ଏବଂ ଶବ୍ଦରେ ସମଗ୍ର ଅଞ୍ଚଳ ଉଦ୍ଭାସିତ ହୋଇ ଉଠିଥିଲା। ବିପୁଳ ଜନସମାଗମକୁ ଦୃଷ୍ଟିରେ ରଖି ଆୟୋଜକ କମିଟି, ବାରିପଦା ପୌରପରିଷଦ, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ଶୃଙ୍ଖଳା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କମିଟିର ଉପଦେଷ୍ଟା କଳିଙ୍ଗ କେଶରୀ ଜେନା, ସଭାପତି ରବିନ୍ଦ୍ର ଜେନା, ସାଧାରଣ ସମ୍ପାଦକ ପିଣ୍ଟୁ ମାଇତି, ଉପ ସଭାପତି ପ୍ରଶାନ୍ତ



ବେହେରା, କୋଷାଧ୍ୟକ୍ଷ ମନୋଜ ସାମଲ, ସମ୍ପାଦକ ଜଗତଜୀବନ ରାମ, ଚିନ୍ମୟ ସିନ୍‌ହା, ଦେବେନ୍ଦ୍ର ଦାସ, ଯୁଗ୍ମ ସମ୍ପାଦକ କମଲ ତୋସ୍ନିୱାଲ, ପରିଚାଳନା କମିଟି ସଦସ୍ୟ ସଞ୍ଜୟ ମାହାର୍ଣ୍ଣା, ସୋନୁ ରାମ, ଜନ୍ମେଜୟ ବେହେରା, ଶରତ ସ୍ୱାଇଁ, ପ୍ରିୟବ୍ରତ ଦଳେଇ, କାନ୍‌ହା ଦାସ, ସଞ୍ଜୟ ମହାନ୍ତ, ଅମିତ କୁମାର, ଅମିତ ରାମ, ସନ୍ତୋଷ ରଣା ପ୍ରମୁଖ ଉପସ୍ଥିତ ଥିଲେ।

ଖୁଣ୍ଟାପୁର ଏବଂ ମେର୍ଦ୍ଦାରେ ରାବଣ ପୋଡ଼ି ଉତ୍ସବ ଓ ଭସାଣୀ ଶୋଭାଯାତ୍ରା

ବୈଶିଙ୍ଗା, ୨୨/୧୦ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ଖୁଣ୍ଟାପୁର ଠାରେ ୨୭ ତମ ରାବଣ ପୋଡି ଉତ୍ସବ ଖୁବ୍ ଧୁମ୍ ଧାମରେ ପାଳିତ ହୋଇଥିବାର ଜଣାଯାଇଛି। ସନ୍ଧ୍ୟା ୬ ଘଟିକା ସମୟରେ ଉତ୍ସବ କମିଟିର ସଭାପତି ସଞ୍ଜୟ କୁମାର ସାହୁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅକ୍ଷୟ କୁମାର ସାହୁ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ହରେକୃଷ୍ଣ ପରିଡା, ସଞ୍ଜୟ କୁମାର ମିଶ୍ର , ବୃନ୍ଦାବନ ଦାସ, ଅକ୍ଷୟ କୁମାର ମିଶ୍ର , ପୂଜା କମିଟିର ସମ୍ପାଦକ ଜୀତେନ୍ଦ୍ର କୁମାର ନାଥ ପ୍ରମୂଖ ଉପସ୍ଥିତ ରହିଥିଲେ । ପୂର୍ବ ତନ ଖେଳ ଶିକ୍ଷକ ହରିଶ ଚନ୍ଦ୍ର ରାଉତ ସୁନ୍ଦର ଭାବରେ ଧାରା ବିବରଣୀ ମାଧମରେ ରାବଣ ପୋଡ଼ିର ପୌରାଣିକ ତଥ୍ୟ ପ୍ରଦାନ କରି ଦର୍ଶକ ଙ୍କ ମନ ମୁଗ୍ଧ କରିଦେଇଥିଲେ । ପାଖ ଆଖ ୨୦/୨୫ ଖଣ୍ଡ ଗ୍ରାମର ପଚାଶ ହଜାର ଦର୍ଶକ ଉପସ୍ଥିତ ରହି ଆତସବାଜି କୁ ମନଭରି ଉପଭୋଗ କରିଥିଲେ । ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ବୈଶିଙ୍ଗା ଥାନାଧିକାରୀ ବାବା ଶଙ୍କର ସରାଫ୍ ଏବଂ ପୋଲିସ



ପ୍ଲାଟୁନ ସହଯୋଗ କରିଥିଲେ । ରାତି ଘ.୮.୩୦ମି. ସମୟରେ ମୂଖ୍ୟ ଅତିଥିଙ୍କ ସହିତ ଅନ୍ୟ ଅତିଥି ମାନେ ରାବଣ ଙ୍କ ପିତୁଳାରେ ଅଗ୍ନି ସଂଯୋଗ କରିଥିଲେ । ସେହିପରି ବୈଶିଙ୍ଗା ଥାନା ଅନ୍ତର୍ଗତ ମେର୍ଦ୍ଦା ହାଇସ୍କୁଲ ପଡ଼ିଆରେ ଏହି ରାବଣ ପୋଡି ଉତ୍ସବ ହର୍ଷ ଉଲ୍ଲାସ ର ସହ ଅନୁଷ୍ଠିତ ହୋଇଥିବାର ଜଣାଯାଇଛି। ମୁଖ୍ୟ ଅତିଥି ଭାବେ ୩୭ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ଧାନୀ କିସ୍କୁ ଯୋଗ ଦେଇଥିଲେ । ପୂଜା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

ତୁଡିଗଡିଆ ଶହୀଦ ସ୍ମୃତି ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

ଖଇରା, ୨୨/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତୁଡିଗଡିଆ ଶହୀଦ ଜନ କଲ୍ୟାଣ ପରିଷଦ କାର୍ଯ୍ୟାଳୟରେ ଶହୀଦ ସ୍ମୃତି ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଅଧୀବେସନ ଅନୁଷ୍ଠିତ ହୋଇ ଯାଇଛି । ଗୁରୁବାର ପୂର୍ବାହ୍ନରେ ଆୟୋଜିତ ସଭାରେ ବିଷ୍ଣୁମୋହନ ଶତପଥି ପୌରହିତ୍ୟ କରିଥିଲେ । ଅବସରପ୍ରାପ୍ତ ଅଧ୍ୟକ୍ଷ ନେତ୍ରାନନ୍ଦ ରାଉତ ମୁଖ୍ୟଅତିଥି, ତୁଡିଗଡିଆ ସରକାରୀ ପ୍ରାଥମିକ ଶିକ୍ଷକ



ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ରଘୁନାଥ ଦାସ ମୁଖ୍ୟବକ୍ତା,ମଞ୍ଚର ଜିଲା ସମ୍ପାଦକ ଦାମୋଦର ନାୟକ, ମଞ୍ଚର ବ୍ଲକ ସମ୍ପାଦକ ମୁକ୍ତିକାନ୍ତ ଶତପଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଉଦ୍ଧବ ଚରଣ ବିଶ୍ୱାଳ, ଖଇରା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବସନ୍ତ ଖିଲାର,ଅବସରପ୍ରାପ୍ତ ପ୍ରଧାନ ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂସ୍କାରଯୁକ୍ତ ଶିକ୍ଷା ଅଭାବରୁ ପିଲାମାନେ ସେମାନେ କୁପଥଗାମୀ ହେଉଛନ୍ତି । ଯାହାଫଳରେ ମାବାପା ମାନେ ହତାଦରର ଶିକାର ହେଉଛନ୍ତି । ଏଣୁ ପିଲାମାନଙ୍କୁ ଛୋଟବେଳୁ ଆଧ୍ୟାତ୍ମିକ ଜ୍ଞାନ ପ୍ରଦାନ କରାଗଲେ ସେମାନେ ଭଲବାଟରେ ଯାଇ ପାରନ୍ତେ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ସମ୍ପାଦକ ଯୁଧିଷ୍ଠିର ମହାରଣା ବିବରଣୀ ପାଠ ଓ ଉପେନ୍ଦ୍ର ପାଢୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ତୁଡିଗଡିଆକୁ ସ୍ୱତନ୍ତ୍ର ବ୍ଲକ ମାନ୍ୟତା ଓ ଅପରାଧ ନିୟନ୍ତ୍ରଣ ପାଇଁ ଫାଣ୍ଡି ପ୍ରତିଷ୍ଠା ପାଇଁ ମଞ୍ଚ ତରଫରୁ ଦାବି କରାଯାଇଥିଲା ।

ପୂର୍ବତନ ସାଂସଦ ଓ ବସ୍ତା ବିଧାୟୀକାଙ୍କ ସହାୟତାରେ ଚେନାଇରୁ ମୃତଦେହ ଗାଁରେ ପହଞ୍ଚିଲା

ବସ୍ତା, ୨୨/୧୦ (ନି.ପ୍ର): ବସ୍ତାଥାନା କୋଠିଆ,ଗ୍ରମର ଲକ୍ଷ୍ମଣ ହେମ୍ବ୍ରମ ର ପୁଅ ଅନାମ ହେମ୍ବ୍ରମ(୨୪) ଦାଦନ ଖଟିବାକୁ ତାମିଲନାଡୁ ର ଚେନାଇ ରେ କାମ କରୁଥିଲେ । ଗତ ୧୩/୧୦/୨୪ ରିଖ ଦିନ ୪ ଘଟିକା ସମୟ ରେ ଥିରୁ ନିନା ଭୁର ଥାନା ଦ୍ୱାରା ରାସ୍ତା କଡ଼ରୁ ଅନାମ ଙ୍କ ମୃତ ଦେହ ରାସ୍ତା କଡ଼ରୁ ଉଦ୍ଧାର କରାଯାଇ ଥିଲା । ସେଠାରେ ତାଙ୍କ ପକେଟରୁ ଆଧାରକାର୍ଡ ଓ ପରିଚୟ ପତ୍ରରୁ ଯାଣିଲେ ଓଡିଶା ରାଜ୍ୟ ବାଲେଶ୍ୱରଜିଲ୍ଲା ବସ୍ତା ଥାନା ଅଧିନ ଯାଣି ବସ୍ତା ପୋଲିସ ଙ୍କୁ ଖବର ଦେବାପରେ ତାଙ୍କ ଘରଲୋକ ଜିଣିଲେ। ଏହା ପରେ ମୁକୁଳିସି ଗ୍ରାମ ପଞ୍ଚାୟତ ର ପୂର୍ବତନ ସରପଞ୍ଚ ଙ୍କ ପ୍ରତିନିଧି ରଞ୍ଜନ କୁମାର ଧଳ ମାନ୍ୟବର ବିଧାୟିକା ସୁବାସିନୀ ଜେନା ଏବଂ ପୂର୍ବତନ ସାଂସଦ ଶ୍ରୀଯୁକ୍ତ ରବିନ୍ଦ୍ର କୁମାର ଜେନା ଯୋଗାଯୋଗ କରି ବା ସହିତ ସହାୟତାର ହାତ ବଢାଇବା ପରେ ୨୧ତାରିଖ ବିଳମ୍ବିତ ରାତିରେ ଅନାମଙ୍କ ମୃତ ଦେହ କୋଠିଆରେ ପହଞ୍ଚାଇଥିଲା ।ଆଜି ତାଙ୍କ ଗାଁ ଶ୍ମସାନରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି ।

ଖାଦ୍ୟ ସୁରକ୍ଷାରୁ ବଂଚିତ ଦିନ ମଜୁରିଆଙ୍କ ପରିବାର

ଉଦଳା , ୨୨/୧୦ (ନି.ପ୍ର): ଉଦଳା ବ୍ଲକର ବଡ଼ଖମଣ ପଂଚାୟତ ଅନ୍ତର୍ଗତ କାଳିମେଘା ଗ୍ରାମର ବାସିନ୍ଦା ରାମ ମୁର୍ମୁ ଓ ତାଙ୍କର ସହ ଧର୍ମିଣୀ ଗୀତା ମୁର୍ମୁ ଏବଂ ୨ଜଣ ପିଲାଙ୍କୁ ମିଶାଇ ପରିବାରର ମୋଟ ସଦସ୍ୟ ୪ଜଣ ଅଟନ୍ତି । ଦିନ ମଜୁରିଆ ଭାବରେ କାମ କରି ଏହି ପରିବାର ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ବେଳେ ଖାଦ୍ୟ ସୁରକ୍ଷାରୁ ସମସ୍ତ ସଦସ୍ୟ ବଂଚିତ ଥିବାର ଜଣାଇଛନ୍ତି । ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ଏହି ପରିବାରର କୌଣସି ସଦସ୍ୟ ନପାଇବା ଫଳରେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା କହିଛନ୍ତି । ପରିବାରର କୌଣସି ସଦସ୍ୟଙ୍କର ଆଧାର କାର୍ଡ଼ ନାହିଁ । ଆଧାର ପାଇଁ ବାରମ୍ବାର ଫଟୋ ଉଠାଉଥିଲେ ମଧ୍ୟ କାର୍ଡ଼ କାହିଁକି ଆସୁନାହିଁ ତାହା ତାଙ୍କୁ ଜଣାନଥିବାର କଥା ଜଣାଇଛନ୍ତି । ଏପରିକି କନିଷ୍ଠ ପୁତ୍ର କିସୁନ ମୁର୍ମୁ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରୁ ପଂଚମ ଶ୍ରେଣୀ ପାସ କରିବା ପରେ କୁଟଲିଙ୍ଗ ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଥିଲେ । କିନ୍ତୁ ଖାଦ୍ୟାଭାବ



ସାଙ୍ଗକୁ ପରିବାରର ଆର୍ଥିକ ସମସ୍ୟା ଦୂର କରିବା ପାଇଁ ଆଜକୁ ୨ ବର୍ଷ ହେବ ସେ ଆଦୌ ବିଦ୍ୟାଳୟ ନଯାଇ ଦିନ ମଜୁରିଆ ଭାବରେ କାମ କରୁଥିବାର ଜଣାଇଛନ୍ତି । ତେବେ ବିଦ୍ୟାଳୟ ଖାତାରେ ତାଙ୍କର ନାମ ଗଡ଼ି ଚାଲିଛି କି କଟିଯାଇଛି ତାହା ତାଙ୍କୁ ଜଣାନଥିବାର କହିଛନ୍ତି । କିସୁନଙ୍କୁ ବର୍ତ୍ତମାନ ବୟସ ୧୪ ବର୍ଷ ଛୁଇଁଥିବା ବେଳେ ସେ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହୋଇଥିବାର କହିଛନ୍ତି । ଆବାସ ଯୋଜନାରେ ଘର ମିଳିନଥିବାରୁ ପୁରୁଣା ମାଟିକାନ୍ଥ ଉପରେ ପଲିଥିନ ପକାଇ ଏହି ପରିବାର ଆଶ୍ରୟ ନେଇଛନ୍ତି । ବିଦ୍ୟୁତ ସଂଯୋଗ ନଥିବାରୁ ଅନ୍ଧାରରେ ରାତି ବିତାଉଛନ୍ତି । ଆଦିବାସୀ ଭାଇ ଭଉଣୀ ମାନଙ୍କର ସବୁ ପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳାଠାରେ ରହିଛି । ତେବେ ଏହିଭଳି ଏକ ଆଦିବାସୀ ପରିବାର ଦୁଃଖ ଯନ୍ତ୍ରଣା ମଧ୍ୟରେ ଦିନ ବିତାଇବାକୁ ବାଧ ହେଉଥିବା ବେଳେ ଉକ୍ତ ପ୍ରକଳ୍ପ କୌଣସି ସହଯୋଗ ନକରି କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ରାଜ୍ୟ ସରକାର ଏହାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବହୁ ସ୍ୱେଚ୍ଛାସେବି ସଂଗଠନ ଅନୁରୋଧ ଜଣାଇଛନ୍ତି ।

ରାଷ୍ଟ୍ରପତିଙ୍କୁ ଭେଟିଲେ ସାନ୍ତାଳୀ ସମ୍ବାଦପତ୍ର ଫାଗୁନର ପ୍ରତିନିଧି ଦଳ

ସାନ୍ତାଳୀ ଭାଷା ଓ ଅଲଚିକି ଲିପିର ବ୍ୟାପକ ପ୍ରଚଳନ ପାଇଁ ଦାବି

ବାରିପଦା, ୨୨/୧୦ (ନି.ପ୍ର): ସାନ୍ତାଳୀ ଭାଷାରେ ପ୍ରକାଶିତ ମାସିକ ସମ୍ବାଦପତ୍ର ଫାଗୁନର ଏକ ପ୍ରତିନିଧି ଦଳ ରାଷ୍ଟ୍ରପତି ଭବନଠାରେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ସାନ୍ତାଳୀ ଭାଷା ଓ ଏହାର ସ୍ୱତନ୍ତ୍ର ଅଲଚିକି ଲିପିକୁ ଜାତୀୟ ଅନୁଷ୍ଠାନ ଗୁଡ଼ିକରେ ଅଧିକ ସ୍ୱୀକୃତି ଓ ବ୍ୟାପକ ପ୍ରଚଳନ ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଫାଗୁନର ସହ ସମ୍ପାଦକ ସୁରୁକୁନି ମୁର୍ମୁଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳର କହିବା ଅନୁଯାୟୀ, ରାଷ୍ଟ୍ରପତି ସେମାନଙ୍କ ଦାବି ଓ ସମସ୍ୟାଗୁଡ଼ିକ ପ୍ରତି ସକାରାତ୍ମକ ମନୋଭାବ ପ୍ରକାଶ କରିବା ସହ ସାନ୍ତାଳୀ ଭାଷା ଏବଂ ଅଲଚିକି ଲିପିର ବିକାଶ ଓ ପ୍ରସାର ଦିଗରେ ବିଭିନ୍ନ ପ୍ରୟାସ ଜାରି ରହିଥିବା ନେଇ ଆଶ୍ୱାସନା ଦେଇଛନ୍ତି। ସ୍ମାରକପତ୍ରରେ



ବିଶେଷକରି କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସସି) ଦ୍ୱାରା ପରିଚାଳିତ ସିଭିଲ ସର୍ଭିସେସ ପରୀକ୍ଷା, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଜାତୀୟ ଯୋଗ୍ୟତା ପରୀକ୍ଷା (ୟୁଜିସି ନେଟ), ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନସି ଇ ଆରଟି) ଏବଂ କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ ଭଳି ଜାତୀୟ ସ୍ତରର ପରୀକ୍ଷା ଓ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସାନ୍ତାଳୀ ଭାଷା ପାଇଁ ଅଲଚିକି ଲିପିର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ସହିତ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର ଓ ଆସାମର ସାନ୍ତାଳୀ ଭାଷାଭାଷୀ ଅଞ୍ଚଳ ଗୁଡ଼ିକରେ ସମସ୍ତ ରାଜ୍ୟସ୍ତରୀୟ ଅନୁଷ୍ଠାନରେ ସାନ୍ତାଳୀ ଭାଷା ପାଇଁ ଅଲଚିକି ଲିପିର ସାର୍ବଜନୀନ ପ୍ରଚଳନ ପାଇଁ ଦାବି କରାଯାଇଛି। ପ୍ରତିନିଧି ଦଳ ସାନ୍ତାଳୀ ଭାଷା ପାଇଁ ସ୍ୱତନ୍ତ୍ର ତଥା ପୂର୍ଣ୍ଣାଙ୍ଗ ଦୂରଦର୍ଶନ ଓ ଆକାଶବାଣୀ ପ୍ରସାରଣ ସେବା ପ୍ରତିଷ୍ଠା ପାଇଁ ମଧ୍ୟ ଦାବି ଉପସ୍ଥାପନ କରିଛନ୍ତି। ସେହିପରି ଭାରତୀୟ ମୁଦ୍ରା ନୋଟରେ ସାନ୍ତାଳୀ ଭାଷାକୁ ଅଲଚିକି ଲିପିରେ ସ୍ଥାନ ଦେବା ପାଇଁ ମଧ୍ୟ ଦାବି କରାଯାଇଛି। ପ୍ରତିନିଧି ଦଳରେ ସୁରୁକୁନି ମୁର୍ମୁଙ୍କ ସମେତ ରଘୁନାଥ ହେମ୍ବ୍ରମ, ମଙ୍ଗଲ ମାଝୀ, ଘାସିରାମ ମୁର୍ମୁ, ଲୋଧେୟା ମାଝୀ, ମକରା ମାଝୀ, କୁଶଧର ହାଁସଦା, ରଞ୍ଜିତ ମୁର୍ମୁ, ଜିତେନ୍ଦ୍ର କୁମାର ଟୁଡୁ, ପୁରୁଷୋତ୍ତମ ନାୟକ, ମାଙ୍ଗାତ ମୁର୍ମୁ, ଲକ୍ଷ୍ମୀ ଦେବୀ ମୁର୍ମୁ, ପାର୍ବତୀ ବେଶ୍ରା, ମଧୁମିତା କିସ୍କୁ, ସଂଯୁକ୍ତା ହେମ୍ବ୍ରମ, ଯଶୋଦା ମୁର୍ମୁ, ନୀଳିମା ହେମ୍ବ୍ରମ, ସାଲହୋ ହେମ୍ବ୍ରମ, ସରସ୍ୱତୀ ମାଝୀ, ସାବିତ୍ରୀ ହାଁସଦା ଓ ଜୁଲି ମାଝୀ ପ୍ରମୁଖ ସାମିଲ ଥିଲେ।

ଦୁଇ ଯୁବ ଧାବକଙ୍କ ମୃତ୍ୟୁରେ ନବୀନଙ୍କ ଶୋକ

ଭୁବନେଶ୍ୱର, ୨୨/୧୦ (ନି.ପ୍ର): ଯୁବ ଧାବକ ମୃତ୍ୟୁଂମ ଜୟରାମ ଦଣ୍ଡପତି ଓ ମଳୟ ବାରିକଙ୍କର ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଏକ ଶୋକ ବାର୍ତ୍ତାରେ ସେ କହିଛନ୍ତି ପ୍ରତିଭାବାନ ଯୁବ ଧାବକ ମୃତ୍ୟୁଂମ ଜୟରାମ ଦଣ୍ଡପତି ଓ ମଳୟ ବାରିକଙ୍କର ଏକ ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗ ହେବା ଖବର ଦୁଃଖଦାୟକ। କ୍ରୀଡ଼ା ଜଗତ ପାଇଁ ଏହା ଏକ ଅପୂରଣୀୟ କ୍ଷତି। ଉଭୟଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ଗଭୀର ସମବେଦନା ଜଣାଉଛି।

ଶାରଦୀୟ ଅଭିନନ୍ଦନ



ଦୁର୍ଗତିନାଶିନୀ ମା’ ଦୁର୍ଗାଙ୍କର ଆଗମନ ପରିପ୍ରେକ୍ଷୀରେ ସମସ୍ତଙ୍କୁ ଶାରଦୀୟ ଅଭିନନ୍ଦନ। ମା’ ମଙ୍ଗଳମୟୀଙ୍କ କୃପାରୁ ସମସ୍ତଙ୍କର ଜୀବନ ହେଉ ମଙ୍ଗଳମୟ। ପୃଥିବୀରୁ ଦୁଃଖକଷ୍ଟ ଦୂର ହୋଇ ବିରାଜମାନ କରୁ ଆନନ୍ଦ ଓ ଉଲ୍ଲାସ, ଏତିକି ହିଁ ମା’ଙ୍କ ନିକଟରେ କାମନା।

PATTNAYAK DECORETOR

Prop:- Chittaranjan Pattnayak (THENGU)
RAIRANGPUR
Mob: 9437239532

ନିଜସ୍ୱ ଜାଗାରେ ଗୋଷ୍ଠୀ କେନ୍ଦ୍ରକୁ ବିରୋଧ

ବାଲିଆପାଳ , ୨୨/୧୦ (ନି.ପ୍ର): ବାଲିଆପାଳ ବ୍ଲକ ପ୍ରତାପପୁର ପଞ୍ଚାୟତ ଅନ୍ତର୍ଗତ ରାଉତୁରା ଶିବ ମନ୍ଦିର ପଶ୍ଚିମ ପାଖ ଗୋଷ୍ଠୀ କେନ୍ଦ୍ର ପାଇଁ ବିକଶିତ ଗାଁ ବିକଶିତ ଓଡ଼ିଶାର ସରକାରୀ ଅନୁଦାନରୁ ଅଗଷ୍ଟ ମାସରେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଉକ୍ତ ଜାଗାଟି ନଇଘାଟି ଗ୍ରାମର ସ୍ୱର୍ଗତ କାର୍ତ୍ତିକ ଚନ୍ଦ୍ର ପାଣିଗ୍ରାହୀ ଏବଂ ଉଗେରଙ୍କ ନାମରେ ରହିଛି। ଓ୍ୱାର୍କଡ ବାହାରିବା ପରେ ବ୍ଲକ ସହକାରୀ ଯନ୍ତ୍ରୀ ପି.କେ ମଲ୍ଲିକଙ୍କ ନାମରେ କାର୍ଯ୍ୟ ରହିଛି ଜାଣିବାପରେ ପାଣିଗ୍ରାହୀ ପରିବାରର ବଂଶ ଧରମାନେ ବିରୋଧ କରି ବାଲିଆପାଳ ବିଡିଓ, ତହସିଲଦାର ଏବଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ବିଡ଼ିଓ ରାଧା ରଞ୍ଜନ



ଦାଶଙ୍କ ନିର୍ଦ୍ଦେଶନାରେ କାମ ମଧ୍ୟ ବନ୍ଦ ରଖାଯାଇଥିଲା। ଗତ କୋଡିଏ ତାରିଖ ଦିନ ଗ୍ରାମର କିଛି ମୁଷ୍ଟିମେୟ ଲୋକ କାର୍ଯ୍ୟ ଆରମ୍ଭ କରିଥିଲେ। ଜାଗା ମାଲିକ ଜାଣି ପାରି କାମକୁ ବିରୋଧ କହିଥିଲେ ମଧ୍ୟ ଗ୍ରାମର ସୁଶାନ୍ତ ରାଉତ ଏବଂ ଦେବେନ୍ଦ୍ର ମହାନ୍ତି ବଳପୂର୍ବକ ଭାବେ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ଏ ନେଇ ଜାଗା ମାଲିକ ଜାମ କୁଣ୍ଡା ଫାଣ୍ଡିରେ ଅଭିଯୋଗ ଜଣାଇବା ସହିତ ନିଜସ୍ୱ ଜାଗାରେ ସରକାରୀ ଗୃହ ନିର୍ମାଣକୁ ଉଚ୍ଛେଦ କରିବା ପାଇଁ ବାଲିଆପାଳ ପ୍ରଶାସନକୁ ଦାବି କରିଛନ୍ତି। ଏବାବଦରେ ଫାଣ୍ଡି ଅଧିକାରୀଙ୍କୁ ପଚାରିବାରୁ କହିଛନ୍ତି ଅଭିଯୋଗ ମୂଳେ ନ୍ୟାୟ ସଙ୍ହିତା ୧୨୬ ରେ ତହସିଲଦାର ଙ୍କୁ ଅବଗତ କରାଯାଇଛି। ସହକାରୀ ଯନ୍ତ୍ରୀ ଶ୍ରୀ ମଲ୍ଲିକ ଏବିଷୟରେ କିଛି ଜାଣି ନାହାଁନ୍ତି, ଉକ୍ତ ଜାଗାଟି ବ୍ୟକ୍ତି ଗତ ଲୋକଙ୍କର ଅଭିଯୋଗ ରହିଛି ତେଣୁ ତାର ବିଲ ବନ୍ଦ କରାଯିବ ବୋଲି କହିଛନ୍ତି।

ପୋଖରୀରେ ପଡି ଶିଶୁ ପୁତ୍ରର ମୃତ୍ୟୁ: ଉଦ୍ଧାର କରିବାକୁ ଯାଇ ଜେଜେର ମୃତ୍ୟୁ

ଭଦ୍ରକ, ୨୨/୧୦ (ନି.ପ୍ର): ଭଦ୍ରକ ବ୍ଲକର ବ୍ରହ୍ମପୁର ପଂଚାୟତ ର ମାଳି ଅରୁଆ ଗ୍ରାମରେ ଆଜି ଦିବା ୧ ଘଟିକା ସମୟରେ ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ପୋଖରୀ ପାଖରେ ନାତି ସାଇ ଶୁଭମ ବାରିକ (୫) ଖେଳୁଥିବା ବେଳେ ଗୋଡ଼ ଖସିଯିବା ରୁ ଜେଜେ ବିଲରୁ ଫେରୁଥିବାବେଳେ ନାତି ପୋଖରୀ ରେ ବୁଡିଯିବା ଦେଖି ଉଦ୍ଧାର ପାଇଁ ପୋଖରୀ ରେ ପଶିଥିଲେ, ଉଦ୍ଧାର କରିବାପାଇଁ ଯାଇ ଜେଜେ ମଧ୍ୟ ପୋଖରୀ ରେ ବୁଡି ମୃତ୍ୟୁ ବରଣ କରିଥିଲେ ଜେଜେ ଦୟାନିଧି ବାରିକ (୫୬)ଙ୍କ ର ବୟସ । ଏହି ଶୋକ ଖବର ଶୁଣି ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ସରପଞ୍ଚ ନରହରି ସାହୁ, ଶିକ୍ଷକ ଶିବ ଚରଣ ମଲ୍ଲିକ, ସାମାଜିକ କର୍ମୀ ଅକ୍ଷୟ ନାୟକ, ପ୍ରମୁଖ ବହୁ ଜନସାଧାରଣ ପହଂଚି ଶୋକସନ୍ତପ୍ତ ପରିବାର ବର୍ଗ ଙ୍କୁ ସମବେଦନା ଜଣାଇଥିଲେ ମୃତ ଶିଶୁର ବାପା ଙ୍କ ନାଁ ଅଭିମନ୍ୟୁ ବାରିକ। ରାଜ୍ୟ ଯୁବ ଯାଦବ ସଭାପତି ଅମର କୁମାର ନାୟକ,ଜିଲ୍ଲା ଯୁବ ଯାଦବ ସଭାପତି ରବିନାରାୟଣ ଖିଲାର ରବିନାରାୟଣ ଖିଲାର, ଉପସଭାପତି ସଂଜୀବ ନାୟକ, ସାଧୁବାରିକ ପ୍ରମୁଖ ଶୋକ ପ୍ରକଟ କରିଛନ୍ତି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida